₹ : 25

# ଆମରି ସତ୍ୟ

## AMARI SATYA

ଦ୍ୱାଦଶ ବର୍ଷ, ସପ୍ତମ ସଂଖ୍ୟା
ମାସିକ, ଜାନୁଆରୀ-୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



# ARYAVART ANCIENT ACADEMY

## Khordha




**Contact : 6372866816, 9178387717**

Plot No. 684, Haldipada, Khordha, Pin - 752056

Email : aryavartaa.krd@gmail.com, Website : www.aryavartancientacademy.in

# ଆମରି ସତ୍ୟ
# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଦ୍ୱାଦଶ ବର୍ଷ - ସପ୍ତମ ସଂଖ୍ୟା - ଜାନୁଆରୀ, ୨୦୨୨



**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ଯୋଗାଯୋଗ:**
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା



ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬ | IFSC-SBIN0012027, MICR-752002151



'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ



**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୦୫ |
| ୫. | "ଆମୋର ଫତି" | ନିତ୍ୟାନନ୍ଦ ସ୍ୱାଇଁ | ୦୮ |
| ୬. | ସମର୍ପଣ | ରାଜଲକ୍ଷ୍ମୀ ଜେନା | ୦୯ |
| ୭. | ମନ ଖୋଲା କଥା ହେବା | ବସନ୍ତ କିଶୋର ସାହୁ | ୦୯ |
| ୮. | ତାଣ୍ଡବ ନୃତ୍ୟର ମୂକସାକ୍ଷୀ | ସତ୍ୟବାଦୀ ବଳିଆରସିଂହ | ୧୦ |
| ୯. | ଲୁଣ କାଠୁଆ | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୧ |
| ୧୦. | ଆତ୍ମଚିନ୍ତନ - ୨ | ସୁବୋଧ କୁମାର ଜଗଦେବ | ୧୨ |
| ୧୧. | ଖେଳ | ଚପଳା ପଣ୍ଡା | ୧୩ |
| ୧୨. | କାଶତଣ୍ଡୀ | ନାରାୟଣ ଦାସ | ୧୩ |
| ୧୩. | କୋଭିଡ୍ ମୃତ୍ୟୁର ଗଣିତ | ମୁରାରି ମୋହନ ଦାଶ | ୧୪ |
| ୧୪. | ଈଶ୍ୱର ଅନ୍ୱେଷା | ତପସ୍ୱିନୀ କର | ୧୫ |
| ୧୫. | କବି ପ୍ରତିଭା | ଶକ୍ତିଶଙ୍କର ମିଶ୍ର | ୧୬ |
| ୧୬. | ଭଲ ପାଇବାର ଗଣ୍ଠି | କାଶୀନାଥ ଦାଶ | ୧୬ |
| ୧୭. | ସାକ୍ଷାତକାର - ତ୍ରିଲୋଚନ ମହାପାତ୍ର | | ୧୭ |
| ୧୮. | ଜାତୀୟ ସ୍ମୃତିରେ କୁନ୍ନୁର | ବିଜୟ ଚନ୍ଦ୍ର ମହାପାତ୍ର | ୨୦ |
| ୧୯. | ଆମର ଶ୍ରେଷ୍ଠ କ୍ରୀଡ଼ା ସଫଳତା | ଆଶିଷ କୁମାର ରାୟ | ୨୨ |
| ୨୦. | ସମ୍ବାଦ ବିଚିତ୍ରା | | ୨୪ |
| ୨୧. | ସାଧାରଣ ଜ୍ଞାନ | | ୨୫-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୩)



ରମେଶ ମଙ୍ଗରାଜ

ସେ ପାଖେ ମରଣ ହାତ ବଢ଼ାଉଛି
ଏ ପାଖେ ଛାଡୁନି ମୋହ
ସଂସାର ଭିତରେ ମଣିଷଟିଏ ମୁଁ
କାହାର ହୋଇବି କହ । ॥୦॥
ଭବ ମାୟା ଭରା ଜଞ୍ଜାଳ ଭିତରେ
ମୋତେ ତ' ଦେଇଛ ଛନ୍ଦି
ତମକଥା ପ୍ରଭୁ ଭାବିପାରୁନାହିଁ
ମୁଁ ଆଜି ଗୃହବନ୍ଦୀ
ସୁଖ ଖୋଜି ନିତି ଦୁଃଖ ମୁଁ ଭୋଗୁଛି
ଆଖିରୁ ଝରାଇ ଲୁହ । ॥୧॥
ସେ' ପାଖେ ମରଣ.........
ଜୀବନ ଜୀବିକା ଭଲମନ୍ଦ ସବୁ
ବିଚାର ତମରି ହାତେ
ସେବା କର୍ମ ଧର୍ମ ଉଚିତ ପଥରେ
ନିଅ ପ୍ରଭୁ ଜଗନ୍ନାଥେ
ଏଇ ଦେହ ମନ ସବୁତ' ତୁମର
ମୁଁ ତ' ମୋଅର ନୁହଁ । ॥୨॥
ସେ' ପାଖେ ମରଣ........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦



ଯେଉଁମାନେ ନିଜ ଦୋଷରୁ ଦରିଦ୍ର ହୋଇନାହାନ୍ତି ସେହିମାନଙ୍କୁ ସାହାଯ୍ୟ କଲେ ତୁମକୁ ଭଗବାନ ଆଶୀର୍ବାଦ କରିବେ।



# ସମ୍ପାଦକୀୟ....

ସ୍ୱାଧୀନତାର ୭୫ ତମ ବର୍ଷ ଉପଲକ୍ଷେ "ଆଜାଦୀ କା ଅମୃତ ମହୋତ୍ସବ" ୨୦୨୨ ରେ ଏବେ ପାଳନ କରାଯାଉଛି। ୨୦୪୭ ବର୍ଷରେ ଏହାର ଶତବାର୍ଷିକୀ ମଧ୍ୟ ପାଳନ କରାଯିବ।

ଭାରତର ଦ୍ରୁତ ବିକାଶପାଇଁ ଆମକୁ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଦିଗ ଉପରେ ଗୁରୁତ୍ୱ ଦେବାକୁ ହେବ। ପ୍ରଗତିଶୀଳ ଅଗ୍ରଗତି ହେତୁ ବିଶ୍ୱରେ ଭାରତ ଆର୍ଥିକ ଅଭିବୃଦ୍ଧିରେ ଷଷ୍ଠସ୍ଥାନ, ଅଟୋମୋବାଇଲ ବଜାରରେ ଷଷ୍ଠ ସ୍ଥାନ, ଇନୋଭେସନ୍ ର୍ୟାଙ୍କିଂ ରେ ୪୬ ତମ ସ୍ଥାନ, ବିଶ୍ୱ ପର୍ଯ୍ୟଟନ ର୍ୟାଙ୍କିଂରେ ୩୪ ତମ ସ୍ଥାନ, ସୌରଶକ୍ତି ଉତ୍ପାଦନ କ୍ଷେତ୍ରରେ ୨ୟ ସ୍ଥାନ, ଇସ୍ପାତ ର୍ୟାଙ୍କିଂରେ ୨ୟ ସ୍ଥାନ ଏବଂ ୱାଲର୍ଡ ଗିଭିଙ୍ଗ୍ ଇଣ୍ଡେକ୍ସରେ ୧୪ ତମ ସ୍ଥାନରେ ଅଛି। ଏହା ନିଶ୍ଚିତ ଭାରତକୁ ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ଯିବାପାଇଁ ଉତ୍ସାହିତ କରିବ।

ଭାରତ ବିଶ୍ୱଗୁରୁ ହେବାକୁ ହେଲ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିବାର ସଂକଳ୍ପ ନେବା ଆବଶ୍ୟକ। ଶିକ୍ଷାନୀତି - ୨୦୨୦ ବୃତ୍ତିଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଆତ୍ମନିର୍ଭରଶୀଳ କରିପାରିବ। ସ୍ୱାସ୍ଥ୍ୟକ୍ଷେତ୍ରରେ କରୋନା କାଳରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ପ୍ରଚେଷ୍ଟା ଟୀକାକରଣ ସ୍ୱାସ୍ଥ୍ୟ ସୁରକ୍ଷାର ଏକ ଉଚିତ୍ ପଦକ୍ଷେପ। ସାମାଜିକ ଏବଂ ନିଃଶୁଳ୍କ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ୮୦ କୋଟିରୁ ଅଧିକ ଲୋକଙ୍କୁ ମାଗଣା ରେସନ୍ ତଥା ୮ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ମାଗଣା ଗ୍ୟାସ୍ ସଂଯୋଗ ଦେବାରେ ସରକାର ସକ୍ଷମ ହୋଇପାରିଛନ୍ତି।

ଏହି ସ୍ୱର୍ଣ୍ଣିମ କାଳରେ ୨୦୩୦ ସୁଦ୍ଧା ରେଳବାଇକୁ ଶୂନ୍ୟ କାର୍ବନ ନିର୍ଗମନ କ୍ଷେତ୍ର ଏବଂ ଭାରତୀୟ ରେଳମାର୍ଗରେ ଶତପ୍ରତିଶତ ବିଦ୍ୟୁତକରଣ ଲକ୍ଷ୍ୟ ମଧ୍ୟ ରଖିଛି। ୨୦୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରାଯିବ। ରାଜ୍ୟ ଏବଂ କେନ୍ଦ୍ର ସରକାର ପ୍ରତି କ୍ଷେତ୍ରରେ ବିଭିନ୍ନ ବିକାଶମୂଳକ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟକାରୀ କରୁଛନ୍ତି। ବିକାଶ କ୍ଷେତ୍ରରେ ଅନେକ ଯୋଜନାର ଆବଶ୍ୟକତା ଅଛି। କିନ୍ତୁ ସାଧାରଣ ଜନସାଧାରଣଙ୍କୁ ଦରଦାମ ବୃଦ୍ଧି ନିଶ୍ଚିତ ଭାବରେ ଏକ ପ୍ରହାର କହିଲେ ଅତ୍ୟୁକ୍ତି ହେବନି। ସାଧାରଣ ଜନତା ପେଟ୍ରୋଲ, ଡିଜେଲ ଏବଂ ଅତ୍ୟାବଶ୍ୟକ ଜିନିଷର ଅହେତୁକ ଦରଦାମ ବୃଦ୍ଧି ବେଢ଼ି ଉପରେ କରୋଡ଼ା ସଦୃଶ।

୨୦୪୭ ରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରାଯାଉ ମାତ୍ର ସାଧାରଣ ନେତାଙ୍କୁ ଦରଦାମ ବୃଦ୍ଧିରୁ ମୁକ୍ତି ଦେଶର ଦାୟିତ୍ୱ ରାଜ୍ୟ ଏବଂ କେନ୍ଦ୍ର ସରକାର ଅଟେ।

ସରକାରଙ୍କର ପ୍ରଗତିଶୀଳ ସଂକଳ୍ପ ଏବଂ ଏହାର ସଫଳ କାର୍ଯ୍ୟକାରିତା ଦେଶକୁ ନିଶ୍ଚିତ ଭାବରେ ବିଶ୍ୱରେ ଉଚ୍ଚ ସ୍ଥାନ ପ୍ରଦାନ କରିବାରେ ସହାୟକ ହେବ। ଏ ବିଶ୍ୱାସ ଦେଶବାସୀଙ୍କର ରହିଛି।

ଡ. ପ୍ରସନ୍ନ କୁମାର ଜେନା



ମନୁଷ୍ୟଟି ଦୁଃଖରେ ନପଡ଼ିଲେ ତାହା ଭିତରେ ପ୍ରକୃତ ତେଜର ସଞ୍ଚାର ହୁଏନାହିଁ।

# ହିତ ବାଣୀ



## ଗୀତା

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ
ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବ ସମନ୍ୱିତାଃ ॥


ଭଗବାନ କହୁଛନ୍ତି - ସମସ୍ତ ଚିତ୍ ଜଗତ୍ ଏବଂ ଭୌତିକ ଜଗତର ଉତ୍ପତ୍ତିସ୍ଥଳ ମୁଁ। ସମସ୍ତେ ମୋ'ଠାରୁ ଉତ୍ପନ୍ନ ହୁଅନ୍ତି। ଯେଉଁ ପଣ୍ଡିତଗଣ ଏହା ଭଲଭାବରେ ଜାଣନ୍ତି, ସେମାନେ ଭକ୍ତି ଯୋଗ ମାର୍ଗରେ ମୋର ସେବାରତ ହୁଅନ୍ତି ଏବଂ ପ୍ରେମ ଓ ଶ୍ରଦ୍ଧାରେ ମୋର ପୂଜା କରନ୍ତି ।

## ଲୋକବିଚାର

ବିଲକୁ ଚିହ୍ନିବ ଗାଁ ପାଣି ଯେବେ ପଶେ
ସ୍ତ୍ରୀ'କୁ ଚିହ୍ନିବ ବୁଢ଼ାକାଳେ ଯେବେ ଘଷେ
ପୁଅକୁ ଚିହ୍ନିବ ବୁଢ଼ାକାଳେ ଯେବେ ପୋଷେ
ବନ୍ଧୁକୁ ଚିହ୍ନିବ ଦୂରୁ ଦେଖି ଯେବେ ହସେ ॥

## ଭାଗବତ ବାଣୀ

ଭକତ ଜନ ବସ ମୁହିଁ,
ତା'ର ଭକ୍ଷଣେ ମୋର ଦେହୀ ॥
ମୁଁ ଏ ସଂସାର ଅଛି ଛନ୍ଦି,
ଭକତ ପାଶେ ମୋତେ ବାନ୍ଧି ॥
ମୋର ଭକତ ମୋର ମିତ୍ର
ସେ କରେ ଜଗତ ପବିତ୍ର ॥



## ଚାଣକ୍ୟ ନୀତି

ଯୋ ଧ୍ରୁବାଣି ପରିତ୍ୟଜ୍ୟ
ଅଧ୍ରୁବାଣି ନିସେବତେ
ଧ୍ରୁବାଣି ତସ୍ୟ ନିଶ୍ୟନ୍ତି
ଅଧ୍ରୁବଂ ନଷ୍ଟ ମେବ ହି ।

ଅର୍ଥ - ନିଶ୍ଚିତକୁ ଛାଡ଼ି ଅନିଶ୍ଚିତେ ଭିଡ଼ି
ସେବଇ ଯେ ଧନଜନ,
ସତ୍ - ଧର୍ମ - ଶାଶ୍ୱତ ହୁଏ ତା'ର ଲୁପ୍ତ
ଅନିତ୍ୟ ବି ହୁଏ ଲୀନ ॥

## ଖନାବଚନ

ବରଷିଲେ ମେଘ ବକରେ
ଧାନ ଫଳ ହୁଏ ଟେକରେ ॥
ଜ୍ୟେଷ୍ଠ ରେଶେଷେ ବର୍ଷିଲେ ଜଳ
ଦେଶେ ହୁଅଇ ସୁମଙ୍ଗଳ ॥
ଆଷାଢ଼େ ଜଳ ଶସ୍ୟ ଭରା
ଶ୍ରାବଣେ ଉଭା ନ ସହ ଧରା ॥
ଭାଦ୍ରବ ମେଘ ନୁହେଁ ଭଲ
ଆଶ୍ୱିନ ଜଳରେ ସୁଫଳ ॥
କାର୍ତ୍ତିକ ବର୍ଷା ହାନିମାନ
ଆଗ୍ରାହଣେ ବରଷା ଲୋକସାନ ॥
ପୌଷେ ଶସ୍ୟ ଯାଇ ନାଶ
ଖନା କହେ ସର୍ବଶେଷ ॥



ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର ପନ୍ଥା ହେଉଛି ନିଜେ ସବୁବେଳେ କର୍ମରତ ରହିବା।

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି


## ୨୦୦୦ ବର୍ଷ ପୂର୍ବର ମଞ୍ଜିରୁ ଗଛ ହେବା ସମ୍ଭବ :-

ଖ୍ରୀ:ପୂ ୧୧ ଶତାବ୍ଦୀରେ ଆଜିର ମୃତ ସାଗର ଅଂଚଳରେ ମାସାଡା ନାମକ ଦୁର୍ଗ ଥିଲା ଯେଉଁଠିକାର ଖଜୁରୀ କେବଳ ଯେ ସୁସ୍ୱାଦୁ ଥିଲା ତାନୁହଁ ବରଂ ଆକାରରେ ମଧ୍ୟ ଏହା ଢେର ବଡ ଥିଲା। ୧୯୬୦ ମସିହାରେ ହୋଇଥିବା ଏକ ଖନନ ସମୟରେ ଏହି ଦୁର୍ଗର ଏକ ପାହାଡ ଉପରୁ ପ୍ରାୟ ୨୦୦୦ ବର୍ଷ ତଳର ଖଜୁରୀ ମିଳିଥିଲା। ଏହା ହେରୋଡିଆନ୍ ଯୁଗର ବୋଲି ଐତିହାସିକମାନେ କହନ୍ତି।

କିଛି ବର୍ଷ ତଳେ ୭୨ ବର୍ଷ ବୟସ୍କ ବ୍ରିଟିଶ-ଇସ୍ରାଏଲ ଉଦ୍ଭିଦ ବିଜ୍ଞାନୀ ତଥା ପ୍ରତ୍ନତତ୍ତ୍ୱବିତ ସାରା ସାଲୋନ ଇସ୍ରାଏଲର ବାର୍ଲାନ ୟୁନିଭର୍ସିଟିର ପ୍ରଫେସରଙ୍କୁ ଏହି ଶୁଷ୍କ ଖଜୁରୀରୁ କିଛି ଦେବାପାଇଁ ଅନୁରୋଧ କଲେ। କାରଣ ପଚାରିବାରୁ ସେ ଏଥିରୁ ନୂଆ ଗଛ ସୃଷ୍ଟି କରିବେ ବୋଲି କହିଲେ। ପ୍ରଫେସର ଜଣକ ଏକଥା ଶୁଣି ହସି ମହିଳା ଜଣଙ୍କୁ ପାଗଳୀ ଆଖ୍ୟା ଦେଇଦେଲେ। ତଥାପି ତାଙ୍କ ଜିଦ ରଖିବାକୁ ମହିଳାଙ୍କୁ ୫ଟି ମଞ୍ଜି ପ୍ରଦାନ କଲେ। ମନରେ ଅନେକ ସଂଶୟ ଥାଇ ସୁଦ୍ଧା ସେ ଆଶା ନ ହରାଇ ଇସ୍ରାଏଲ ଓ ଜୋର୍ଡାନର ସୀମାରେ ଥିବା କିବୁଜ କେତୁରା ନାମକ ସ୍ଥାନରେ ଥିବା ସୋଲୋୱି ନାମକ ଚାଷୀଙ୍କୁ ଏହାକୁ ପାରଂପରିକ ରୀତିରେ ମାଟିରେ ଲଗାଇ ଗଛ କରିବାକୁ କହିଲେ। କିନ୍ତୁ ମଞ୍ଜିର ଇତିହାସ ଶୁଣିଲା ପରେ ସଲୋୱି ଏହା ଅସମ୍ଭବ ବୋଲି କହି ମନା କରିଦେଲେ। କିନ୍ତୁ ସାଲୋନ ଛାଡିବା ଜନ୍ତୁ ନଥିଲେ । ତେଣୁ ତାଙ୍କ ଅନୁରୋଧ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଆରମ୍ଭ ହେଲା। ମାସ ମାସ ବିତିଗଲା କିନ୍ତୁ ଏଥିରୁ ଗଜା ନ ବାହାରିବା ଦେଖି ଶେଷରେ ସେ ଏଞ୍ଜାଇମ ମିଶ୍ରିତ ସାର ପ୍ରୟୋଗ କଲେ। ତାଙ୍କ ଚେଷ୍ଟା ଫଳବତୀ ହେଲା ଏବଂ ସେଥିରୁ ବୃକ୍ଷଟିଏ ଜନ୍ମ ନେଲା। ଖୁସିରେ ସେ ଆତ୍ମହରା ହୋଇଗଲେ। ଜଣେ ଭାବିପାରେ ଯେ ଏହି ଉଦ୍ଭଟ ଧାରଣା ତାଙ୍କର ହେଲା କେଉଁଠୁ ।

ପ୍ରକୃତରେ ୨୦୦୪ ମସିହାରେ ଏକ ଜର୍ନାଲରେ ପ୍ରକାଶିତ ଏକ ଗବେଷଣାରୁ ସେ ଜାଣିଥିଲେ ଯେ ୫୦୦ ବର୍ଷ ତଳର ଏକ ପଦ୍ମଫୁଲ ମଞ୍ଜିରୁ ଗଛ ହେବା ସମ୍ଭବ ହୋଇଥିଲା। ଏହି ଗବେଷଣା ପ୍ରମାଣିତ କରୁଛି ଯେ କାଳର ବିବର୍ତ୍ତନରେ ଲୋପ ପାଇ ଯାଇଥିବା ଉଦ୍ଭିଦ ପ୍ରଜାତିର ପୁନର୍ବିନ୍ୟାସ ସମ୍ଭବ।

**ଏକ କ୍ୟାମେରା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅଂଶକୁ ବି ଦେଖି ହେବ :-** କ୍ୟାମେରା ଦ୍ୱାରା ଫଟୋ ଉଠା ହେବା ଏକ ସାଧାରଣ ଘଟଣା କିନ୍ତୁ ଏହାଦ୍ୱାରା ଶରୀରର ଭିତରେ ହେଉଥିବା ଟିକିନିଖି ପରିବର୍ତ୍ତନକୁ





ଦେଖିବା କେବଳ ଆଶ୍ଚର୍ଯ୍ୟଜନକ ତାନୁହଁ ବରଂ କାହାଣୀ ଭଳି ଲାଗୁଛି। କିନ୍ତୁ ଏହାକୁ ସାକାର କରିଛନ୍ତି ଇଭାନସ୍ଟନ, ଇଲିନୋଇସରେ ଥିବା ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ବୈଜ୍ଞାନିକଗଣ। ସେମାନେ ସିନ୍ଥେଟିକ ୱେଭ ଲେଙ୍ଗ୍ଥ କୌଶଳ ବ୍ୟବହାର କରି ଇନଫ୍ରାରେଡ ରଶ୍ମୀ ସାହାଯ୍ୟରେ ଏହାର କାର୍ଯ୍ୟକାରିତାକୁ ବୁଝାଇଛନ୍ତି। ଏହାକୁ କାର, ସିସିଟିଭି ଓ ରୋଗ ନିରୂପଣ ପାଇଁ ଏଣ୍ଡୋସ୍କୋପିର ବିକଳ୍ପ ଭାବେ ଉପଯୋଗ କରିହେବ। ଏହାକୁ Non line-of-sight (NLos) imaging technic କୁହାଯାଉଛି।

ଆମେ ସାଧାରଣତଃ ଚକ୍ଷୁ ସାହାଯ୍ୟରେ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆସୁଥିବା ବସ୍ତୁ ବା ଘଟଣାକୁ ଦେଖିଥାଉ କିନ୍ତୁ ଏହି କ୍ୟାମେରା ସାହାଯ୍ୟରେ ଏକ ବିରାଟ ଅଂଚଳରେ ଘଟୁଥିବା ଘଟଣା, ଦ୍ରୁତ ଗତିରେ ଯାଉଥିବା ଏକ ଗାଡି, ଗୋଟିଏ କୋଠରୀର କୋଣରେ ଥିବା ଏକ ବସ୍ତୁ , ଏପରିକି ହୃତପିଣ୍ଡର ସ୍ପନ୍ଦନ କିମ୍ବା ଏକ କ୍ୟାପିଲାରୀ ମଧ୍ୟରେ ରକ୍ତର ପ୍ରବାହକୁ ମଧ୍ୟ ଦେଖିହେବ। ଏଠାରେ ଆମ ଚକ୍ଷୁ ପରିସର ବାହାରେ ଥିବା କୌଣସି ବସ୍ତୁରୁ ଯଦି ବିଚ୍ଛୁରିତ ଆଲୋକ ଆସୁଥାଏ ତାକୁ ଏକ ଆଲଗରିଦମ ମାଧ୍ୟମରେ କମ୍ପ୍ୟୁଟର ପରଦାରେ ତାର ଫଟୋକୁ ଦୃଶ୍ୟମାନ କରାଇ ହେବ। ଏହାକୁ କଲୋନୋସ୍କୋପି କିମ୍ବା ଏଣ୍ଡୋସ୍କୋପିର ବିକଳ୍ପ ଭାବେ ବ୍ୟବହାର କରିହେବ।

ସେପ୍ଟେମ୍ବର ୨୦୨୧ରେ ଷ୍ଟାନଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଗୋଟିଏ କି-ହୋଲ ଇମେଜିଙ୍ଗ କୌଶଳ ବାହାର କଲେ ଯେଉଁଠି ଗୋଟିଏ ଅନ୍ଧାରୁଆ କୋଠରୀ ଭିତରକୁ ନଯାଇ ବାହାରୁ ଏକ କ୍ଷୁଦ୍ର ଛିଦ୍ର ମଧ୍ୟ ଦେଇ ଏକ ଲେଜର ରଶ୍ମୀ ଭିତରକୁ ଛାଡିଲା ପରେ ତାହା ଅନ୍ଧାର ମଧ୍ୟରେ ଥିବା ବସ୍ତୁରୁ ବାହାରୁଥିବା ଆଲୋକ ସହ ସଂଘାତ ହୋଇ ସେଥିରୁ

ବିଚ୍ଛୁରିତ ବାହାରକୁ ଆସି ଗୃହ ମଧ୍ୟରେ କୌଣସି କୋଣରେ ବି ବସ୍ତୁଟିଏ ଥିଲେ ତା ସଂପର୍କରେ ପୂରା ସୂଚନା ଦେଇ ପାରିଲା। ଏହି କୌଶଳକୁ ଆଧାର କରି ବୈଜ୍ଞାନିକମାନେ ଚେଷ୍ଟା କଲେ କି ଯଦି ବସ୍ତୁରୁ ବିଚ୍ଛୁରିତ ଆଲୋକ ରଶ୍ମୀକୁ ଆମ ଚକ୍ଷୁରେ ପତିତ ହେବା ପୂର୍ବରୁ ଅନ୍ୟ ଏକ ରଶ୍ମୀ ସହ ସଂଘାତ କରି ଏକ ସିନ୍ଥେଟିକ ତରଙ୍ଗ ସୃଷ୍ଟି କରାଯାଇ ପାରିବ ତେବେ ସାଧାରଣଭାବେ ଆମ ଚକ୍ଷୁକୁ ଦୃଶ୍ୟମାନ ହେଉ ନଥିବା ବସ୍ତୁକୁ ବି ଏ ଉପାୟରେ ଦର୍ଶନ କରି ହେବ। ଅବଶ୍ୟ ଏହାକୁ ଏକ ହଲୋଗ୍ରାମ ମଧ୍ୟକୁ ନେଇ ଏକ ଆଲଗରିଦମ୍ ସହାୟତାରେ କଂପ୍ୟୁଟର ପରଦାରେ ତାର ଏକ ତ୍ରିମାତ୍ରିକ ଛବି ତିଆରି କରିହେବ। ଏହି କୌଶଳ ବଳରେ ସିଙ୍ଗାପୁରର ବୈଜ୍ଞାନିକମାନେ ଗୋଟିଏ କ୍ୟାନ୍ସର ରୋଗୀର ଏକ କୋଷରୁ କିପରି ରୋଗ ଦୃତ ଗତିରେ ଆଗକୁ ବଢୁଛି ତାକୁ ଟିକିନିଖି ଭାବେ ଜାଣିପାରୁଛନ୍ତି।

**ପୃଥିବୀରେ ମହଜୁଦ ଜଳର ପରିମାଣ ତଥା ଅବସ୍ଥିତି ଜାଣିବାକୁ ମିଳିତ ପ୍ରୟାସ :-** କେତେଜଣ ଉତ୍ସାହୀ ବୈଜ୍ଞାନିକ ଓ ଇଞ୍ଜିନିଅରମାନଙ୍କୁ ନେଇ ଏକ ଅନ୍ତର୍ଜାତୀୟ ଟିମ ୨୦୨୨ ନଭେମ୍ବରରୁ ପୃଥିବୀର ଚତୁଃପର୍ଶ୍ୱରେ ଥିବା ନଦୀ ହ୍ରଦ, ସମୁଦ୍ରରେ ମହଜୁଦ ଥିବା ଜଳର ପରିମାଣ, ସ୍ୱାଦ ତଥା ଅବସ୍ଥିତି ସଂପର୍କରେ ସବିଶେଷ ତଥ୍ୟ ପାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। Surface Water and Ocean Topography (SWOT) Mission ନାମରେ ନାମିତ ଦଳରେ ଏସୟୁଭି ଆକାରର ଏକ ଉପଗ୍ରହ ତିଆରି କରିଛନ୍ତି ଯାହା ମାଧ୍ୟମରେ ସମୁଦ୍ରର ଅତଳ ଗର୍ଭରେ ପ୍ରବାହିତ ଅତି କ୍ଷୁଦ୍ର ସ୍ରୋତକୁ ବି ଚିହ୍ନି ହେବ। ଏହାକୁ ନେକ୍ସ ଜେନେରେସନ ସାଟେଲାଇଟ କୁହାଯାଉଛି।




**ଏକ ଅପାଠୁଆ ବାଳକ ଗାଁ କୁ ଆଣିଦେଲା ଜଳ ବିଦ୍ୟୁତ ଶକ୍ତି :-** ଆଫ୍ରିକାରେ ଗ୍ରାମାଂଚଳର କେବଳ ୪% ଓ ସହରାଂଚଳର ମାତ୍ର ୪୨% ଲୋକ ବିଜୁଳି ଆଲୋକର ମଜା ଚାଖିଛନ୍ତି। ସେହିପରି ସେଠାରେ ମାଲାୱି ନାମକ ସହର ଅଛି ଯାହାର ଲୋକସଂଖ୍ୟା ୧୯ ମିଲିଅନ କିନ୍ତୁ ଏମାନଙ୍କ ମଧ୍ୟରୁ କେବଳ ୧୧% ଲୋକ ବିଜୁଳି ଆଲୁଅ ଉପଭୋଗ କରିଛନ୍ତି । ସେଠାରେ ଯୋବ ନକୋଶୀ ନାମକ ଏକ ଉପାନ୍ତ ଗ୍ରାମ ରହିଥିଲା ଯେଉଁଠି ୧୫ ବର୍ଷ ତଳେ ସଂଧ୍ୟା ହେଲାମାତ୍ରେ ତାଟି କବାଟ ପଡି ଯାଉଥିଲା ଓ ଅନ୍ଧାର ଯୋଗୁଁ ପିଲାଙ୍କ ପାଠପଢା ବନ୍ଦ ହୋଇ ଯାଉଥିଲା।

କିନ୍ତୁ ୨୦୦୬ ମସିହାରେ ସେହି ଗ୍ରାମର କଲରେଡ ନକୋଶୀ ନାମକ ବାଳକ ୪୦ କିମି ଦୂରରେ ଥିବା ଜିମ୍ବା ନାମକ ଗ୍ରାମରୁ ସ୍କୁଲ ପାଠ ସାରି ଗାଁଆକୁ ଫେରିଏହି ଅବସ୍ଥାର କିଛି ପରିବର୍ତ୍ତନ ଆଣିବାକୁ ପ୍ରତିଜ୍ଞା କରି ନିଜ କାମ ଆରମ୍ଭ କରିଦେଲା। ୨୩ ବର୍ଷ ବୟସରେ ସେ ଲକ୍ଷ୍ୟ କଲେ ଯେ ତାଙ୍କ ଘର ପାଖରେ ବହି ଯାଉଥିବା ଏକ ଝରଣାର ସ୍ରୋତ ତାଙ୍କ ସାଇକେଲର ପେଡାଲକୁ ଆରାମରେ ଘୂରାଇ ପାରୁଛି। କୌଣସି ଫର୍ମାଲ ଶିକ୍ଷା ନଥାଇ ବି ସେ ଗାଁଆର ଜଣକ ଘରେ ଥିବା ଏକ ଭଙ୍ଗା ଫ୍ରିଜର କଂପ୍ରେସରକୁ ଝରଣା ଜଳଦ୍ୱାରା ପରିଚାଳିତ ଟର୍ବାଇନରେ ରୂପାନ୍ତରିତ କରି ଗ୍ରାମର ୬ ଜଣଙ୍କ ଘରକୁ ବିଦ୍ୟୁତ ଯୋଗାଣ ଆରମ୍ଭ କଲେ। ସେସମୟରେ ଆଖପାଖ ଅଂଚଳରେ ଏହା ଏକ ଚର୍ଚ୍ଚାର ବିଷୟ ପାଲଟିଲା ଏବଂ ଅଧିକରୁ ଅଧିକ ଲୋକ ତାକୁ ଦେଖିବାକୁ ଭିଡ ଜମାଇଲେ। କିନ୍ତୁ ଏଥି ପୂର୍ବରୁ ନିଜ ଘରକୁ ଆଲୋକିତ କରିବାକୁ ନିଜ ସାଇକେଲରୁ ଟର୍ବାଇନ ଓ ଏକ ଡାଇନାମୋ ତିଆରି କରିଥିଲେ। ତାଙ୍କୁ ୩୮ ବର୍ଷ ହେଲାବେଳକୁ ଅନେକ ଗ୍ରାମର ବାସିନ୍ଦାଙ୍କ ଅନୁରୋଧ ଏଡାଇ ନପାରି ଜଣକ ଘର ଅଗଣାରେ ମକା ମଞ୍ଜି ଛଡାଉଥିବା ଏକ ପରିତ୍ୟକ୍ତ ମେସିନରୁ ମୋଟରଟିକୁ କାଢି ତାକୁ ଏକ ବଡ ଟର୍ବାଇନ ଭାବେ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରି ଧାତୁର ତାରକୁ ଗଛ କିମ୍ବା ବାଉଁଶର ପୋଲ ମଧ୍ୟ ଦେଇ ପ୍ରାୟ ୨ କିମି ଦୂରରେ ଥିବା ଗ୍ରାମକୁ ବଜୁଳି ଯୋଗାଇଲେ। ସେଠାକାର କଥିତ ଭାଷା ଚିଚିଓ୍ୱାରେ ନକୋଶୀ କହନ୍ତି ଏଥିପାଇଁ ସେ ଗ୍ରାମବାସୀମାନଙ୍କଠୁଁ ମାସକୁ ୧ ଡଲାର ମାତ୍ର ନେଇଥାନ୍ତି। ଏହା ବିଦ୍ୟୁତ ପାଇଁ ଦେୟ ନୁହେଁ ବରଂ ତାଙ୍କ ଯନ୍ତ୍ରପାତିର ପରିଚାଳନା ଓ ମରାମତି ପାଇଁ। ସେ କହନ୍ତି,ଏହି ବିଦ୍ୟୁତ ଶକ୍ତିକୁ ନିରନ୍ତର ଭାବେ ବ୍ୟବହାର କଲେ ଲୋକେ ଆଉ ଗଛ କାଟିବେ ନାହିଁ କି କୋଇଲା ଜାଳିବେ ନାହିଁ ତଦ୍ୱାରା ଜଙ୍ଗଲ ସମ୍ପଦ ଅକ୍ଷୁର୍ଣ୍ଣ ରହିବ ଓ ପରିବେଶ ପ୍ରଦୂଷଣମୁକ୍ତ ରହିବ। ସେ ପ୍ରତିଜ୍ଞା କରିଛନ୍ତି ଯେ ତାଙ୍କର ଏହି ଲକ୍ଷ୍ୟ ପୂରଣ ପାଇଁ ଆଜୀବନ ଚେଷ୍ଟା କରିବେ।

**ବିଶ୍ୱ ତାପାୟନର କରୁଣ ପରିଣତି :-** ଇସ୍ରୋର ଅହମଦାବାଦ ସ୍ଥିତ ସ୍ପେସ ଆପ୍ଲିକେସନ ସେଂଟର ଦ୍ୱାରା ୨୦୦୧ ରୁ ୨୦୧୮ ମଧ୍ୟରେ ହୋଇଥିବା ସର୍ବେକ୍ଷଣରୁ ଜଣାଯାଏ ଯେ ହିମାଳୟ –କାରାକୋରାମ ଅଂଚଳରେ ଥିବା ବିଶାଳକାୟ ଗ୍ଲାସିଅର ଆଜି ତରଳି ଯାଇଛି ଯାହାର ଆୟତନ ୩୦,୦୦୦ ଫୁଟବଲ ପଡିଆ ସଙ୍ଗେ ସମାନ। ସେମାନଙ୍କ ସୂଚନାନୁଯାୟୀ ଏହି ଅଂଚଳର ୫୨୩୪ ଟି ଗ୍ଲାସିଅର ମଧ୍ୟରୁ ୩୪୩୫ ଟି ଗ୍ଲାସିଅର ଅଳିଆ ମୁକ୍ତ। କାରାକୋରାମ ଅଂଚଳରେ ୧୮,୩୪୩.୩୯ ବର୍ଗ କିମି ପରିବ୍ୟାପ୍ତ ୨୧୪୩ଟି ଗ୍ଲାସିଅରରେ ୦.୦୨୬% ଅଂଚଳ ବୃଦ୍ଧି ପାଇଥିବା ବେଳେ ହିମାଳୟ ଅଂଚଳରେ ଅବସ୍ଥିତ ୩୦୯୧ ଟି ଗ୍ଲାସିଅରର ୧୧,୪୫୧.୫୩ କିମିରେ ୧.୪୪% ଅଂଚଳରୁ ବରଫ ଖଣ୍ଡ ସବୁ ଅପସରି ଯାଇଛି। କିନ୍ତୁ ଏହି କ୍ଷୟ ସର୍ବତ୍ର ସମାନ ନଥିଲା। ଯେପରିକି ହିମାଳୟର ବାମପଟେ ଏହା ୦.୭୬% ଥିଲାବେଳେ

ପଶ୍ଚିମପଟେ ୨.୨% ପଶଚିମ ମଧ୍ୟଭାଗରେ ୦.୮୪% ,ଗଙ୍ଗା ଉପତ୍ୟକାରେ ୨.୧୬%, ଏବଂ ପୂର୍ବ ହିମାଳୟରେ ୨.୧୫% ହ୍ରାସ ଘଟିଛି। ଦେଖାଗଲା ଯେ ଅଳିଆ ମୁକ୍ତ ଅଂଚଳରେ ଏହି କ୍ଷତି ଅଧିକ ଥିବାବେଳେ ଅଳିଆ ଯୁକ୍ତ ଅଂଚଳର ଅପେକ୍ଷାକୃତ କମ ଥିଲା। ଏହାର ମୁଖ୍ୟ କାରଣ ସବୁଜ ଗୃହ ପ୍ରଭାବ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ବୋଲି ଗବେଷକମାନେ କହିଛନ୍ତି।

ଆହୁରି ମଧ୍ୟ ଲକ୍ଷ୍ୟ କରାଗଲା ଯେ ସେପ୍ଟେମ୍ବର ମାସରେ ତାପମାତ୍ରା ସବୁଠାରୁ ଅଧିକ ବୃଦ୍ଧି ପାଉଛି। ଏହି କାର୍ଯ୍ୟରେ ଇସ୍ରୋ ସହିତ ରିମୋଟ ସେନ୍ସିଙ୍ଗ ବିଭାଗ , ଜାମ୍ମୁ ୟୁନିଭର୍ସିଟି ,ହିମାଚଳ ପ୍ରଦେଶର ବିଜ୍ଞାନ ,ବୈଷୟିକ ଓ ପରିବେଶ କାଉନସିଲ ଏବଂ ଲକ୍ଷ୍ନୌ ସ୍ଥିତ ରିମୋଟ ସେନ୍ସିଙ୍ଗ ଆପ୍ଲିକେସନ ସେଂଟର ସହଯୋଗ କରିଥିଲେ।

**ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ :-** ଇଂଟରନେସନାଲ ୟୁନିଅନ ଅଫ୍ କନ୍‌ଜରଭେସନ ଅଫ୍ ନେଚର ଦ୍ୱାରା ଉପସ୍ଥାପିତ ଏକ ବିବରଣୀରୁ ଜଣା ଯାଇଛି ଯେ ଭାରତର ଗଙ୍ଗା ଓ ଭିଏତନାମର ମେକଙ୍ଗ ନଦୀ ପ୍ଲାଷ୍ଟିକ ଦ୍ୱାରା ସର୍ବାଧିକ ପ୍ରଦୂଷିତ ଅଟେ। ଏହାର ଜଳଭାଗରେ ପ୍ରାୟ ୨୦୦୦୦୦ ଟନ ର ପ୍ଲାଷ୍ଟିକ ପ୍ରତିବର୍ଷ ଫିଙ୍ଗା ଯାଉଛି । ୨୦୩୦ ସୁଦ୍ଧା ସମଗ୍ର ପୃଥବୀର ଜଳଭାଗକୁ ଆହୁରି ୫୩ ମିଲିଅନ ଟନର ପ୍ଲାଷ୍ଟିକ ନିକ୍ଷେପ କରାଯିବ। ଏଥିରେ ବିଭିନ୍ନ ଆକାରର ପ୍ଲାଷ୍ଟିକ ଅନ୍ତର୍ଭୁକ୍ତ ଅଟେ। ୨.୫ ସେମିରୁ ଅଧିକ ଆକାର ଥିଲେ ତାକୁ ମାକ୍ରୋପ୍ଲାଷ୍ଟିକ,୫ ମିମି ରୁ ୦.୪ ସେମି ମଧ୍ୟରେ ଥିଲେ ମେସୋପ୍ଲାଷ୍ଟିକ, ୧ ମାଇକ୍ରୋମିଟର ରୁ ୧ ମିମି ମଧ୍ୟରେ ଥିଲେ ତାକୁ ମାଇକ୍ରୋପ୍ଲାଷ୍ଟିକ ଓ ୦.୦୦୦୦୧ ରୁ ୧ ମିମି ମଧ୍ୟରେ ଥିଲେ ତାକୁ ନାନୋପ୍ଲାଷ୍ଟିକ କୁହାଯାଏ।

ଦେଖା ଯାଉଛି ଯେ ଏହି ସବୁ ଆକାରର ପ୍ଲାଷ୍ଟିକ ସମୁଦ୍ର ବକ୍ଷରେ ନିକ୍ଷେପିତ ହେଉଛି। ଏଗୁଡିକର ଅବଶେଷ ଆଂଟାର୍କଟିକା ମହାଦେଶର ସମୁଦ୍ର ଓ ବରଫ ଖଣ୍ଡରେ ବି ଦେଖିବାକୁ ମିଳୁଛି। ବିଶେଷକରି ଜଳଚର ଜୀବମାନଙ୍କର ପେଟ ଭିତରୁ ଏଗୁଡିକ ମିଳୁଛି। ସମୁଦ୍ର ମଧ୍ୟରେ ଅଧିକାଂଶ ମତ୍ସ୍ୟଜୀବୀ ତାଙ୍କର ବିଶାଳକାୟ ଛିଣ୍ଡାଜାଲ ସବୁକୁ ବାହାରେ ନ ଫିଙ୍ଗି ସମୁଦ୍ରରେ ଫିଙ୍ଗି ଦେଉଥିବାରୁ ଅଧିକାଂଶ ଜଳଜୀବ ସେଥିରେ ଛନ୍ଦି ହୋଇ ପ୍ରାଣ ହରାଉଛନ୍ତି। ଏହି ଜାତୀୟ ଜୀବମାନଙ୍କ ମଧ୍ୟରେ ଇରାୱଡି ଡଲଫିନ, ଘଡିଆଳ କୁମ୍ଭୀର,ଗଙ୍ଗାରେ ବାସ କରୁଥିବା ସ୍ୱତନ୍ତ୍ର ଡଲଫିନ ଓ କ୍ରେଷ୍ଟେଡ ନାମକ ପକ୍ଷୀ ଅନ୍ତର୍ଭୁକ୍ତ। ତେବେ ଏତେ ପରିମାଣର ପ୍ଲାଷ୍ଟିକ ଜଳ ମଧ୍ୟକୁ ଆସୁଛି କିପରି ?

ଏଠାରେ ସୂଚାଇ ଦିଆଯାଇପାରେ ଯେ ୨୫୦୦ କିମି ପରିବ୍ୟାପ୍ତ ଗଙ୍ଗାନଦୀର ଧାରେ ଧାରେ ପ୍ରାୟ ୬୫୫ ମିଲିଅନ ଲୋକ ବାସ କରନ୍ତି। ଏମାନଙ୍କ ମଧ୍ୟରୁ ୬୦-୭୦% ଏହି ଜଳ ଉତ୍ସ ଉପରେ ନିଜ ଜୀବିକାର୍ଜନ କରନ୍ତି। ତେଣୁ ତାଙ୍କ ଘରମାନଙ୍କରୁ ବାହାରୁଥିବା ସମସ୍ତ ଆବର୍ଜନାକୁ ଗଙ୍ଗାନଦୀ ବକ୍ଷରେ ବିସର୍ଜନ କରିଥାନ୍ତି। ୨୦୩୦ ସୁଦ୍ଧା ଏଥିରେ ଲଗାମ ଦେବାକୁ ଜାତିସଂଘ ପକ୍ଷରୁ ସତର୍କ କରି ଦିଆ ଯାଇଛି।

**ଏକ ରହସ୍ୟଜନକ ବେତାର ତରଙ୍ଗକୁ ଚିହ୍ନଟ କରାଯାଇଛି :-** ସିଡନି ୟୁନିଭର୍ସିଟିର ପ୍ରଫେସର ତାରା ମର୍ଫିଙ୍କ ନେତୃତ୍ୱରେ ଏକ ଗବେଷକ ଦଳ ଆସ୍କାପ ନାମକ ଶକ୍ତିଶାଳୀ ଟେଲିସ୍କୋପ ସାହାଯ୍ୟରେ ଛାୟାପଥର ମଧ୍ୟଭାଗରୁ ଆସୁଥିବା ଏକ ଅଜଣା ବେତାର ତରଙ୍ଗଗୁଚ୍ଛକୁ ଠାବ କରିଛନ୍ତି ଯାହାର ନାମ ଇଏକଇଚ ଔ୧୭୩୬୦୮.୨-୩୨୧୬୩୫ ଦିଆଯାଇଛି। ଏହା ସଂପୂର୍ଣ୍ଣ ନୂଆ ଅଟେ କାରଣ ପୂର୍ବରୁ ଚିହ୍ନଟ କୌଣସି ତରଙ୍ଗ ସହ ଏହା ମେଳ ଖାଉନାହିଁ। ବିଗତ ୨ ବର୍ଷ ମଧ୍ୟରେ ଏହାକୁ ୧୭ ଥର ଦେଖା ଯାଇପାରିଛି। ଏହାର ସ୍ୱତନ୍ତ୍ରତା ହେଲା ଏହା ଅଦୃଶ୍ୟରୁ ଦୃଶ୍ୟମାନ ହୁଏ କିଛି ସମୟ ପରେ ଉଜ୍ଜ୍ୱଳ ଦେଖାଯାଇ ହଠାତ ଅଦୃଶ୍ୟ ହୋଇଯାଇ ପୁଣି ସପ୍ତାହେ ୨ ସପ୍ତାହ ପରେ ପୁଣି ଦୃଶ୍ୟମାନ ହେବା ଅନେକ ଫ୍ରିକ୍ୱେନ୍ସିର ସମଷ୍ଟିରେ ଥିବା ଏହି ବ୍ରଡବେଣ୍ଡ କୃତ୍ରିମ ନୁହେଁ ବୋଲି ଗବେଷକଗଣ ଦୃଢତାରସହ ମତ ବ୍ୟକ୍ତ କରିଛନ୍ତି। ତେଣୁ ଏହା ଗ୍ରହାନ୍ତରରେ ଥିବା କୌଣସି ଜୀବ ଦ୍ୱାରା ପ୍ରେରିତ ହୋଇ ନଥିବା। ଅବଶ୍ୟ ଏହା କେମିତି ସୃଷ୍ଟି ହେଉଛି ସେ ବାବଦରେ ଏମାନେ କିଛି କହି ନାହାନ୍ତି।

**ବାଲ୍ୟ ବିବାହର କରୁଣ ସ୍ଥିତି :-** ଏକ ସର୍ଭେରୁ ଜଣାଯାଏ ଯେ ବିଶ୍ୱରେ ପ୍ରତିଦିନ ୬୦ ଜଣ ବାଳିକା ଅଳ୍ପ ବୟସରେ ବିବାହ ଯୋଗୁଁ ପ୍ରାଣ ହରାଉଛନ୍ତି। ୧୯୨୯ ମସିହାରେ ଭାରତରେ ଝିଅମାନଙ୍କ ବିବାହ ଯୋଗ୍ୟ ବୟସକୁ ୧୪ ରଖାଯାଇଥିଲା ଯାହାକୁ ୧୯୪୯ରେ ୧୫ ଏବଂ ୧୯୭୮ରେ ୧୮କୁ ବଢାଗଲା। କିନ୍ତୁ କେତେକ ରାଜ୍ୟର କେହଳ ନୀତି ଓ ସାମାଜିକ ସଚେତନତାର ଅଭାବ ଯୋଗୁଁ ଭାରତରେ ୧୮ ବର୍ଷ ବୟସରୁ କମ ବୟସର ପ୍ରାୟ ୧.୫ ମିଲିଅନ ଝିଅ ୧୮ ବର୍ଷରୁ କମ ବୟସରେ ବିବାହ କରୁଛନ୍ତ ଯାହା ବିଶ୍ୱ ପରିପ୍ରେକ୍ଷୀରେ ୩୩% ଅଟେ। ବିଗତ ୨୫ ବର୍ଷ ଭିତରେ ଏପରି ୬୮.୬ ମିଲିଅନ ବାହାଘରକୁ ରୋକା ଯାଇଛି। ଅଳ୍ପ ବୟସରୁ ବିବାହ ଯୋଗୁଁ ପୃଥିବୀରେ ବର୍ଷକୁ ୨୨,୦୦୦ ଝିଅ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଥିରୁ କେବଳ ପଶ୍ଚିମ ଓ ମଧ୍ୟ ଆଫ୍ରିକାରେ ୯୬୦୦ ଥିଲାବେଳେ ଦକ୍ଷିଣ ଏସିଆରେ ୨୦୦୦ ଓ ଲାଟିନ ଆମେରିକାରେ ୫୬୦ ଓ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ୬୫୦ ଅଟେ।

ମହିଳା ଶିଶୁଙ୍କ ସାକ୍ଷରତା ବୃଦ୍ଧି,କଡାକଡି ଆଇନର ପାଳନ ଓ ଏହି କୁପ୍ରଥା ବିରୁଦ୍ଧରେ ଜନ ସଚେତନତା ବୃଦ୍ଧି ଓ ସର୍ବୋପରି ଲିଙ୍ଗଗତ ଅସାମଞ୍ଜସ୍ୟତା ଦୂର ପରି ପଦକ୍ଷେପ ଦ୍ୱାରା ଏହାକୁ ରୋକାଯାଇ ପାରିବ ବୋଲି ୟୁନିସେଫ୍ ପକ୍ଷରୁ ମତ ପ୍ରକାଶ ପାଇଛି।

ବୁର୍ଲା
ମୋ -୯୪୩୭୧୨୭୮୨୦

# ଆମୋର ଫତି



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

**'ଆମୋର ଫତି'** ପୁଣି କଅଣ ? କଅଣ ଏହାର ଅର୍ଥ ?

'ଆମୋର ଫତି' ହେଉଛି ଲାଟିନ୍ ଶବ୍ଦ । ଏହାର ଅର୍ଥ ହେଉଛି, 'ନିଜ ଭାଗ୍ୟକୁ ଭଲପାଇବା' ବା 'ଭାଗ୍ୟକୁ ପ୍ରେମ କରିବା' । ନିଜର ଏକ ପ୍ରକାରର ମନୋଭାବକୁ ପ୍ରକାଶକରିବା ନିମନ୍ତେ ଏହି ଖଣ୍ଡବାକ୍ୟ ବା ବାକ୍ୟାଂଶ ବ୍ୟବହାର କରାଯାଇଥାଏ । ଯେଉଁ ଲୋକମାନେ ପ୍ରତ୍ୟେକ ଘଟଣାରେ କେବଳ ମଙ୍ଗଳ ବା ହିତ ଦେଖିଥାନ୍ତି, ଏପରିକି ନିଜର ଅତି ଦୁଃଖ ଯନ୍ତ୍ରଣାରେ ଏବଂ ଆତ୍ମୀୟଙ୍କ ବିଚ୍ଛେଦରେ ମଧ୍ୟ, ସେମାନଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଏ ଏହି ବାକ୍ୟାଂଶ । ଅନ୍ୟ କେହି ଏହି ଆଚରଣକୁ ଭଲ ପାଉ କି ନପାଉ, ସେଥିରେ ସେମାନଙ୍କର କିଛି ଯାଇଆସିନଥାଏ । ସବୁ ପରିସ୍ଥିତିରେ ସେମାନେ ରହିଆସିଥାନ୍ତି ଧୀରସ୍ଥିର ଓ ଶାନ୍ତ । ଶୁଣନ୍ତୁ ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ । ସେହି ବ୍ୟକ୍ତିଙ୍କୁ ଆପଣମାନଙ୍କ ମଧ୍ୟରୁ ଅନେକ ଜାଣନ୍ତି । ତାଙ୍କ ନାଆଁ ଥୋମାସ ଅଲ୍‌ଭା ଏଡ଼ିସନ୍ । ଏଡ଼ିସନ୍ ହିଁ ଉଦ୍ଭାବନ କରିଥିଲେ ବିଦ୍ୟୁତ୍ ବଲ୍‌ବ । କଅଣ ତେବେ ଏହି ଘଟଣା ?

ଦିନକର କଥା । ଏଡ଼ିସନ୍ ଲାବୋରେଟୋରୀରେ ନଥାଇ ଘରେଥାନ୍ତି । ଖାଉଥାନ୍ତି ରାତି ଖାଇବା । ଏତିକିବେଳେ ଜଣେ ଲୋକ ଧାଇଁ ଧାଇଁ ଆସି ତାଙ୍କ ନିକଟରେ ପହଞ୍ଚିଗଲା । କହିଲା, "ସାର୍, ଆପଣଙ୍କ ଲାବୋରୋଟୋରୀରେ ନିଆଁ ଲାଗିଯାଇ ହୁ ହୁ ହୋଇ ଜଳୁଚି ।"

ଏହା ଶୁଣି କ'ଣ ହୋଇଥିବ ଏଡ଼ିସନ୍‌ଙ୍କ ମନର ଅବସ୍ଥା ? ଆପଣ କଅଣ ଭାବୁଛନ୍ତି ଯେ ସେ ଛାନିଆ ହୋଇପଡ଼ିଥିଲେ ? ଚିତ୍କାରକରି କହିଥିଲେ, "ମୋ ଭାଗ୍ୟରେ ପୁଣି ଏଇଆ ଦେଖିବାକୁ ଥିଲା ? ମୁଁ ତ କାହାର କିଛି କ୍ଷତିକରିନି !" ସେ କାଣ ଖୁବ୍ ମନଦୁଃଖରେ ଭାଙ୍ଗିପଡ଼ିଥିଲେ ?

ନା, ଏମିତି ଘଟିନଥିଲା । ତାହାହେଲେ ?

ଏଡ଼ିସନ୍ ତାଙ୍କ ପୁଅକୁ ଅନୁରୋଧ କରି କହିଥିଲେ, "ବାପାରେ, ଯାଇ ଭିତରୁ ମାଆଙ୍କୁ ଡାକିଆଣେ । ସେ ହୁଏତ ଏପରି ନିଆଁ ଲାଗିଥିବାର ଦୃଶ୍ୟ ପରେ କେବେ ଦେଖିବାପାଇଁ ପାଇବେନି । ଏଭଳି ସୁଯୋଗକୁ ହାତଛଡ଼ା କରିବା ତାଙ୍କ ପକ୍ଷେ ଆଦୌ ଉଚିତ ନୁହେଁ ।"

ଏହାଶୁଣି ପୁଅ ଭାବିଲା, "ବାପା ବୋଧେ ଏଇ ଦୁଃଖ ଖବରପାଇ ପାଗଳ ହୋଇଗଲେ ।" ପାଗଳ ହୋଇଯିବା କଥା । କାରଣ, ଲାବୋରେଟୋରୀରେ ରହିଥିଲା ସେ ପରୀକ୍ଷା ଚଳାଇଥିବା କେତେ ନା କେତେ ଉପକରଣ । ଗବେଷଣାର ଫଳାଫଳଗୁଡ଼ିକୁ ଲେଖି ରଖିଥିବାର ଗଦାଗଦା ଖାତାପତ୍ର । ଯେଉଁ ପରୀକ୍ଷାଗୁଡ଼ିକୁ ସେ ହୁଏତ ଅବକଳ ଭାବରେ ପୁନର୍ବାର କରିପାରିବେନି ।

ଏଡ଼ିସନ୍ ଅତି ଶାନ୍ତ କଣ୍ଠରେ କହିଲେ, "ତୋ'ର ବ୍ୟତିବ୍ୟସ୍ତ ହେବା କିଛି ଦରକାର ନାହିଁ । ବରଂ ଭଲହେଲା । ମୋ'ର ସମସ୍ତ ଭୁଲଭଟକା ଏବଂ ଲାବୋରେଟୋରୀରେ ଜମି ରହିଥିବା ଅଦରକାରୀ ଜିନିଷପତ୍ରମାନ ନିଆଁରେ ପୋଡ଼ିଗଲା ।"

ଏଡ଼ିସନ୍‌ଙ୍କ ଚରିତ୍ରରେ ପ୍ରକାଶ ପାଇଥିଲା ପ୍ରକୃତ 'ଆମୋର ଫତି' । ଅର୍ଥାତ୍, ଯାହା କିଛି ଘଟିଯାଉ ପଛେ, ନିଜର ଭାଗ୍ୟକୁ ନନିନ୍ଦି ଭଲପାଇବା ।

ଏହି ଦୁର୍ଘଟଣାରେ ସେ ଭାଙ୍ଗିପଡ଼ିନଥିଲେ । ୬୭ ବର୍ଷ ବୟସରେ ୧୦ ଲକ୍ଷ ଡଲାର ମୂଲ୍ୟର ଜିନିଷପତ୍ର ହରେଇସାରି ମଧ୍ୟ ପୁନର୍ବାର ଲାଗିପଡ଼ିଥିଲେ ଗବେଷଣା କାମରେ ଏବଂ ପରେ ଅର୍ଜନ କରିପାରିଥିଲେ ୧ କୋଟି ଡଲାର । ବିଶ୍ୱାସ କରିପାରୁଛନ୍ତି ତ !

ଆମେ ସମସ୍ତେ ଏହି 'ଆମୋର ଫତି' ଧାରଣାଟିକୁ ନିଜ ଜୀବନରେ ପାଳନକରି ଚାଲିବା ଉଚିତ । କାରଣ ଏହାର ରହିଛି ପ୍ରଚଣ୍ଡ ଶକ୍ତି ଏବଂ ପ୍ରବଳ ଉପଯୋଗିତା । ଏହି ପ୍ରକାରର ମନୋଭାବଟିକୁ ପୋଷଣ କରିପାରିଲେ ଆମକୁ କୌଣସି କିଛି ଅସମ୍ଭବ ମନେ ହେବନାହିଁ । ଆମେ ଭାବିବା ଯେ ପ୍ରତ୍ୟେକ ଘଟଣାର ପଛରେ ରହିଛି କୌଣସି ନା କୌଣସି ଉଦ୍ଦେଶ୍ୟ । ଯେପରିକି -

- ହୋଇପାରେ ଯେ ଆପଣ ନିଜର ଚାକିରିଟି ହରେଇ ବସିଛନ୍ତି ।
- ହୋଇପାରେ ଯେ ଆପଣଙ୍କ ସାରାଜୀବନର ସବୁତକ ଧନ କେହି ଜଣେ ଠକି ନେଇଯାଇଛି ।
- ହୋଇପାରେ ଯେ କେହି ଆପଣଙ୍କ ବିଶ୍ୱାସରେ ଧୋକା ଦେଇଛି ।
- ହୋଇପାରେ ଯେ ଆପଣ ଖୁବ୍ ଭଲ ପାଉଥିବା ବ୍ୟକ୍ତି ଜଣକ ଅତି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଛନ୍ତି ।
- ହୋଇପାରେ ଯେ କେହି ଆପଣଙ୍କ ପ୍ରତି କଦର୍ଯ୍ୟ ଆଚରଣ କରିଛି ।
- ହୋଇପାରେ ଯେ ଆପଣ ଜୀବନରେ ଏମିତି ଏକ ସମସ୍ୟାରେ ପଡ଼ିଛନ୍ତି, ଯେଉଁଠୁ ମୁକୁଳିବାର ରାସ୍ତା ଆପଣଙ୍କୁ ସହସା ମିଳି ପାରୁନି ।

ଏବଂ ଏହା ସତ୍ତ୍ୱେ, ଏହିସବୁ ବିପଦ ଆପଦକୁ ସହି ସହି ଓ ହସି ହସି ମୁକାବିଲା କରିବା ଆପଣଙ୍କ ଉପରେ ନିର୍ଭର କରିଥାଏ । ଆପଣ ଯଦି ଏହା କରିପାରନ୍ତି, ତେବେ ତାହା ହିଁ ହେଉଛି ପ୍ରକୃତ 'ଆମୋର ଫତି' ।



ଯାହାର ଦୂରଦୃଷ୍ଟି ଅଛି ସେ କେବେହେଲେ ପଥଭ୍ରଷ୍ଟ ହେବନାହିଁ ।

ଅବଶ୍ୟ ଏହାର ଅର୍ଥ ନୁହେଁ ଯେ, ଜୀବନରେ ଅତି ଭୟଙ୍କର ପରିସ୍ଥିତି ଉପୁଜିଲେ ବି ଆପଣ ଏଥିପ୍ରତି କୌଣସି ଧ୍ୟାନ ଦେବେନାହିଁ। କିନ୍ତୁ ଏହାର ଅର୍ଥ ଭୟଙ୍କର ପରିସ୍ଥିତି ତଥା ବିପଦରେ ଧୈର୍ଯ୍ୟହରା ନହୋଇ ସର୍ବଦା ଶାନ୍ତ ମନୋଭାବରେ ପରିସ୍ଥିତିର ମୁକାବିଲା କରିବା ହିଁ ବୁଦ୍ଧିମାନର କାର୍ଯ୍ୟ। ଯାହା ଘଟିଚି, ତାହା ଘଟିବାର ଥିଲା ବୋଲି ଭାବିନେଲେ ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼ିବାର ସମ୍ଭାବନା ଉପୁଜିବ ନାହିଁ।

ଅବଶ୍ୟ ଦୁର୍ଭାଗ୍ୟ, ଦୁର୍ଗତି ଓ ବିପତ୍ତି ସମୟରେ ସଂପୂର୍ଣ୍ଣ ଶାନ୍ତ ଓ ଅବିଚଳିତ ରହିବା ଆଦୌ ସହଜ ନୁହେଁ। ମାତ୍ର ଏହି ସମୟରେ 'ଆମୋର ଫତି' ଭଳି ମନୋଭାବ ନେଇପାରିଲେ ବିପତ୍ତି ସହ ଯୁଝିବାପାଇଁ ମନରେ ଯଥେଷ୍ଟ ବଳ ଆସିଯାଏ, ତେଣୁ ଭାଙ୍ଗି ନପଡ଼ି ଦୃଢ଼ତାର ସହ ବିପଦର ସମ୍ମୁଖୀନ ହେଲେ ସମସ୍ୟାର ଭୟାବହତା ଯଥେଷ୍ଟ ହ୍ରାସ ପାଇଯିବ ।

'ଆମୋର ଫତି' ହିଁ ହେଉ ଆପଣଙ୍କ ଜୀବନର ମହାମନ୍ତ୍ର।

**'ଅଭୀପ୍ସା'**
**ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧**
**ଅଭିନବ ନିବାସୀ, କଟକ**

# ସମର୍ପଣ

**ଡକ୍ଟର ରାଜଲକ୍ଷ୍ମୀ ଜେନା**

ଦୀପ ହେବି ନା ଧୂପ ହେବି
ତୁମ ସେବାରେ ଲାଗିଥିବି ।
ତୁଳସୀ ଦୟଣା ବା ଚନ୍ଦନ
କରୁଥିବି ମୁହିଁ ମଣ୍ଡନ ।
ଆଖିର ଲୋତକରେ ଚରଣ
ଧୋଇ ଦେଉଥିବି ରାତି ଦିନ ।
ଜପୁଥିବି ନାମ ସଂଖ୍ୟା କରି
ପଡ଼ିଥିବି ମୁହିଁ ପାଦ ଧରି ।
ଗୀତା ଭାଗବତ ଓ ଭଜନ
ଗାଇ ମୋହୁଥିବି ତୁମ ମନ ।

ହୁଳହୁଳି ସହ ହରିନାମ
ମୁଖେ କରୁଥିବି ଉଚ୍ଚାରଣ ।
ଶୟନେ ସ୍ୱପନେ ଜାଗରଣେ
ସଦା ତୋର ଭାବ ମତେ ଟାଣେ ।
ଛାଇ ପରି ରହୁ ଅଦୃଶ୍ୟରେ
ଅଜ୍ଞାନ ମୁଁ ତୋର ଜ୍ଞାନ ଲୋଡ଼େ ।
ଆରମ୍ଭରୁ ଶେଷ ଜଗନ୍ନାଥ
ତାଙ୍କ ପାଦତଳେ ମୋର ମାଥ ।

**ସହକାରୀ ଶିକ୍ଷୟିତ୍ରୀ**
**ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠ,**
**ବାରଙ୍ଗ**
**ମୋ - ୯୯୩୭୩୪୪୨୨୪**

# ମନ ଖୋଲା କଥା ହେବା

ଡକ୍ଟର ବସନ୍ତ କିଶୋର ସାହୁ



ଦୁଇ ବନ୍ଧୁଙ୍କର ଦେଖା ହୋଇଗଲା
ରାସ୍ତା ମଝିଟାରେ ଦିନେ,
ମନଖୋଲା କଥା ହେଲେ ଦୁଇ ଜଣ
ଖୁସି ହୋଇ ମନେ ମନେ ॥

କହିଲା ଜଣିଏ ପିଲା ବେଳ ମଜା
ଜଣେ ଯୁବାବସ୍ଥା କଥା,
ଲମ୍ବିଗଲା କଥା ସରିଲାନି ଜମା
ମନେ ଯାହା ଦେଲା ବ୍ୟଥା ॥

କେତେ ହସଖୁସି ଭାବ ଦିଆନିଆ
ଏହି ପଥେ ହୋଇ ଅଛି,
ସାଙ୍ଗ ସାଥି ମେଳ କେତେ ରାଗରଷା
ମନେ ପଡେ କିଛି କିଛି ॥

ପଥ ପଡିଅଛି ଆଜି କିଏ କାହିଁ
ଠିକଣା କାହାର ନାହିଁ
ନିଜ ସ୍ୱାର୍ଥ ପାଇଁ ସଭିଏଁ ତ ଗଲେ
ବାକି ଅଛୁ ଆମେ ଦୁଇ ॥

ମନଖୋଲା କଥା ହେବା ଆସ ଟିକେ
ସଂସାରୁ ନେବାନି କିଛି,
ରାଗ ଅହଙ୍କାର ସବୁ ପୋଡିଯିବ
ଯମ ନେଇଗଲେ ବାଛି ॥

**ସାହିତ୍ୟିକ ଓ ଶିକ୍ଷାବିତ୍**
**କୁସୁପୁର-୭୫୪୨୦୫, କଟକ**
**ଭାୟା- ବାଲିଚନ୍ଦ୍ରପୁର**
**ମୋ : ୯୪୩୭୫୨୬୨୦୧**



ଅନ୍ୟଠାରେ ଦେଖିବା ପୂର୍ବରୁ ନିଜଠାରେ ସେହି ଦୋଷ ଅଛି କି ନାହିଁ ପ୍ରଥମେ ଦେଖିନିଅ।

# ତାଣ୍ଡବ ନୃତ୍ୟର ମୂକସାକ୍ଷୀ



## ସତ୍ୟବାଦୀ ବଳିଆରସିଂହ

କଳା, ସାହିତ୍ୟ, ସଂସ୍କୃତି, ରାଜନୀତି ଆଦି ବହୁ କ୍ଷେତ୍ରରେ ବାଣପୁର ଶୀର୍ଷ ସ୍ଥାନ ଅଧିକାର କରିଛି । ବାଣପୁରର ମା' ଭଗବତୀଙ୍କ ମନ୍ଦିର ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଦକ୍ଷେଶ୍ୱର ମନ୍ଦିର ଜନମାନସରେ ଚର୍ଚ୍ଚାକୁ ଆସିଥାଏ । ସେହିପରି ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର ଦକ୍ଷ ଯଜ୍ଞର ସ୍ମୃତିସ୍ଥଳୀ ଥିଲା ବୋଲି ମତ ପ୍ରଚଳିତ ରହିଛି । ଏହିଠାରେ ହିଁ ସତୀ ପାର୍ବତୀ ସ୍ୱାମୀଙ୍କର ଅପମାନ ସହି ନ ପାରି ଯଜ୍ଞରେ ଝାସ ଦେଇଥିଲେ । ଏହି କରୁଣ ଦୃଶ୍ୟ ଦେଖି ଭୋଳାନାଥ ଏହିଠାରେ ହିଁ ତାଣ୍ଡବ ନୃତ୍ୟ ଭିଆଇଥିଲେ । ତା'ର ମୂକସାକ୍ଷୀ ଦକ୍ଷ ପ୍ରଜାପତି ମନ୍ଦିର । ଏହି ମନ୍ଦିର ଏବେ ମା' ଭଗବତୀଙ୍କର ପିତ୍ରାଳୟ ରୂପେ ପରିଚିତ । ଏହିଠାରେ ମା' ଙ୍କର ବିଜେ ପ୍ରତିମା କାଠି ଠାକୁରାଣୀ ରହନ୍ତି । ଦକ୍ଷକୁ ନିଧନ କରି ଭୋଳାନାଥ ଦକ୍ଷେଶ୍ୱର ନାମରେ ଏଠାରେ ରହିଛନ୍ତି ।

ଏହି ମନ୍ଦିରର ପ୍ରାଚୀନତା ନେଇ ୭ମ ଶତାବ୍ଦୀର ବୋଲି କୁହାଯାଉଥିବା ବେଳେ କେହି କେହି ଭିନ୍ନ ମତ ଦିଅନ୍ତି । କପିଳ ସଂହିତା ପୁରାଣରେ ଦକ୍ଷେଶ୍ୱର ମାହାତ୍ମ୍ୟ ଉପରେ ଯାହା ବର୍ଣ୍ଣିତ ହୋଇଛି, ତଦନୁଯାୟୀ ଏହି ସ୍ଥାନର ପ୍ରସିଦ୍ଧି ଅନୁମେୟ । କପିଳ ମୁନି ସାରା ଭାରତର ବିଭିନ୍ନ ସ୍ଥାନ ବୁଲି ଶହେଟି ସ୍ଥାନର ବର୍ଣ୍ଣନା କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ଅଧ୍ୟାୟରୁ ଚାଳିଶି ଅଧ୍ୟାୟ ପର୍ଯ୍ୟନ୍ତ ଓଡ଼ିଶା ଉପରେ ଥିବା ବେଳେ ଅବଶିଷ୍ଟ ଭାରତର ଅନ୍ୟ ସ୍ଥାନ ଉପରେ ବର୍ଣ୍ଣନା ରହିଛି । ଏହାର ପଞ୍ଚତ୍ରିଂଶାଽଧ୍ୟାୟଃରେ ଦକ୍ଷେଶ୍ୱର ମାହାତ୍ମ୍ୟ ଏବଂ ବିଶ୍ୱାବସୁରୁବାଚ, ଶ୍ରୀ ଭଗବାନ ଉବାଚ, ଶ୍ରୀ ଭୁବନେଶ୍ୱର ଉବାଚ, ବାଣ ଉବାଚ ଓ ଶ୍ରୀ ମହାଦେବ ଉବାଚ ଶୀର୍ଷକରେ ଉଲ୍ଲେଖ କରାଯାଇଛି । ଏଥିରୁ ଆବଶ୍ୟକ ମତେ କିଂଚିତ କିଂଚିତ ବର୍ଣ୍ଣନା ଯାହା ସଂସ୍କୃତ ଶ୍ଳୋକରେ ଉଲ୍ଲେଖ ରହିଛି ଏବଂ ତାହାର ମର୍ମାନୁବାଦ ପ୍ରକାଶ କରାଯାଇଛି ।

ଶ୍ରୀ ଭୁବନେଶ୍ୱର ଉବାଚ:

ଶୃଣୁ ବାଣାସୁର ତ୍ୱଂମେ ଭକ୍ତଃ ପ୍ରିୟତମୋ ହ୍ୟସି ।
ତ୍ୱତ୍ପୁରେ ଯତ୍ର ଯତ୍ରାସ୍ମି ସ୍ୱତସ୍ତାଂ କଥୟାମ୍ୟହମ୍ ॥୭॥
ଶକ୍ତ୍ୟାଷ୍ଟ କଥୟା ମ୍ୟୋବଂ ତୀର୍ଥନ୍ୟନ୍ୟାନି ଯାନି ବୈ ।
ତ୍ୱୟାହଂ ପୂର୍ବତଃ ସମ୍ୟଗାଶ୍ୱରସ୍ତେ ଯତଃ ସ୍ତୁତଃ ॥୮॥
ବାଣେଶ୍ୱର ଇତିଖ୍ୟାତୋ ବର୍ତ୍ତେଽହଂ ତେ ପୁରେ ସଦା
ତ୍ୱତ୍ପୂଜିତାନି ଲିଙ୍ଗାନି କୋଟି ସଂଖ୍ୟାନି ଯାନି ଚ ॥୯॥
ତାନି ସ୍ୱର୍ବାଣନାମାନି ବାଣୋଽସ୍ତି ମମ ନାମ ଚ ।
ଦକ୍ଷେଶ୍ୱରଶ୍ଚ ନାମ୍ନହଂ ବର୍ତ୍ତେ ତତ୍ ପୁରେଽନପ ॥୧୦।
ଦେବୀ ଭଗବତୀ ନାମ୍ନା ବର୍ତ୍ତତେ ତତ୍ର ପାର୍ବତୀ ॥୧୧॥
କଥଂ ଦକ୍ଷେଶ୍ୱର ନାମ୍ନା ଭବସି ତ୍ୱଂ ପୁରେ ମମ ।
କଥୟୈତନ୍ମହାଶାୟୋ ଶୃଣେମି ଭବତୋଽପ୍ୟହମ ॥୧୨॥

ମର୍ମାନୁବାଦ – ଭୁବନେଶ୍ୱର କହିଲେ – "ହେ ବାଣାସୁର ! ତୁମେ ହେଉଛ ମୋର ପ୍ରିୟ ଭକ୍ତ । ତୁମପୁରରେ ଯେଉଁସ୍ଥାନରେ ଅବସ୍ଥାନ କରିଅଛି ତାହା ତୁମକୁ କହୁଛି ଶୁଣ । ତୁମେ କୋଟିସଂଖ୍ୟକ ଲିଙ୍ଗ ପୂଜା କରୁଥିଲ । ତେଣୁ ମୁଁ ସବୁବେଳେ ତୁମ ଉପରେ ବାଣେଶ୍ୱର ରୂପରେ ଖ୍ୟାତି ଅର୍ଜନ କରି ବାସ କରିଛି । ତୁମ ପୁରରେ ଦକ୍ଷେଶ୍ୱର ନାମକୁ ମଧ୍ୟ ବହନ କରି ଅବସ୍ଥାନ କରିଛି । ସେଠାରେ ଦେବୀ ଭଗବତୀ ପାର୍ବତୀ ନାମରେ ଅଛନ୍ତି ।

ଶ୍ରୀ ମହାଦେବ ଉବାଚ:

ଶୃଣୁ ବାଣ ପୁରାବୃତ୍ତା ପ୍ରସଙ୍ଗ କଥ୍ୟତେ ମାୟା
ଅସ୍ମିସ୍ଥଳେ ଯଦା ଯଜ୍ଞଂ ଚକ୍ରେ ଦକ୍ଷ ପ୍ରଜାପତିଃ ॥୧୩॥
ତଦାନ ଗଣୟା ମାସ ମାଂ ଚ ସ୍ୱାଂ ତନୟାଂ ଜଡଃ,
ଯଜ୍ଞଂ ଦ୍ରଷ୍ଟୁଂ ମନଶ୍ଚକ୍ରେ ପିତୁଃ ସା ମେ ପ୍ରିୟା ସତୀ ।୧୪॥
ଜଗାମ ଯଜ୍ଞଶାଳାଂ ଚ ଦୃଷ୍ଟ୍ୱା ଦକ୍ଷଃ ସୁତାଂ କ୍ରୁଧ ।
ତଦଗ୍ରେ ମାଂ ଚ ତାମପି ଭର୍ତ୍ସୟାମାସ ନିଷ୍ଠୁରଃ ॥୧୫॥
ଦକ୍ଷଃ କର୍ମଜଡସ୍ତେନ କ୍ରୁଦ୍ଧେନ ଭର୍ସିତା ଯତଃ ।
ପ୍ରବିବେଶୋଽଗ୍ନି କୁଣ୍ଡେଽପି ଯଜ୍ଞ ସ୍ୟେୟଂ ହି ମେ ସତୀ ॥୧୬॥
ତଚ୍ଛ୍ରୁତ୍ୱାହଂ ଗତସ୍ତତ୍ର ସର୍ବୈର୍ଭୂତ ଗଣୈଃ ସହ ।
ଅଛିନଂ ତଚ୍ଛିରସ୍ୟେନଂ ଚପେଟେନ କ୍ରୁଧା ଜ୍ୱଳନ ॥୧୭॥
ପୁନଃ ପ୍ରସାଦିତୋ ଦେବୈଃ କୃତବାନ୍ ତଂ ସଜୀବିତମ୍ ।
ପଶୋଶ୍ଛାଗସ୍ୟ ଶିରସାସୌ ବଭୁବ ସମସ୍ତକମ୍ ॥୧୮॥
ଚକାର ଯଜ୍ଞଂ ସମ୍ପୂର୍ଣ୍ଣ ସୁଦକ୍ଷୋ ମଦନୁଗ୍ରହାତ୍ ।
ଅର୍ପୟାମାସ ଚ ନିଜଂ ସକୁଟୁମ୍ବଂ ପୁରଂ ହି ମେ ।୧୯।
ତତସ୍ତଦବଧି କୃତ୍ୱା ମମାଭୂସ୍ତୁରମେବ ତତ୍ ।
ପୂଜିତୋଽହଂ ତଦା ଦେନ ପ୍ରାର୍ଥିତଶ୍ଚ ପୁନଃ ପୁନଃ ॥୨୦॥
ଭଗବତ୍ୟା ସମଂ ତତ୍ର ନିବସନ୍ନିତ୍ୟ ମେବ ତୁ ।
ଦକ୍ଷେଶ୍ୱର ଇତି ଖ୍ୟାତଃ ଖ୍ୟାତା ଭଗବତୀ ଶିବା ॥୨୧॥
କୋଟିବାରଂ ପୁରାତତ୍ତ୍ୱଂ ତତ୍ରାପି କୃତବାନହମ୍ ।
ଭଗବତ୍ୟାସ୍ତ ଭାର୍ଯ୍ୟାୟା ଅଧିକାର ପ୍ରଶାନ୍ତୟେ ॥୨୨॥
ଯେ ପୂଜୟନ୍ତି ତାଂ ଦେବୀମୁପହାରୈଃ ସୁବିସ୍ତାରୈଃ
ବିବିଧୈର୍ବସ୍ତ୍ରୈଭିଶ୍ଚୈବ ଗନ୍ଧପୁଷ୍ପୈଃ ପ୍ରଦୀପକୈ ॥୨୩॥
ଚଣ୍ଡିକା ସ୍ତୋତ୍ର ପଠନୈର୍ଦେବୀସୁକ୍ତା ଦିଭିସ୍ତଥା ।
ତେ ପ୍ରାପ୍ନୁବନ୍ତି ମହତାଂ ଶ୍ରିୟଂ କାମାଶ୍ଚ ପୁଷ୍କାକାନ୍ ॥୨୪॥

ମର୍ମାନୁବାଦ: ମହାଦେବ କହିଲେ– ହେ ବାଣ, ମୁଁ ପୂର୍ବ ପ୍ରସଙ୍ଗ ବର୍ତ୍ତମାନ କହୁଛି ।



ପରପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।

ତାହା ତୁମେ ଶୁଣ । ଯେତେବେଳେ ଦକ୍ଷ ପ୍ରଜାପତି ସେଠାରେ ଯଜ୍ଞ ଆରମ୍ଭ କଲେ ସେତେବେଳେ ତାଙ୍କର କନ୍ୟା ସତୀ ଯଜ୍ଞ ଦେଖିବାକୁ ମନ ମଧ୍ୟରେ ସ୍ଥିର କରି ପିତାଙ୍କ ନିକଟକୁ ଯାଇଥିଲେ । ଯଜ୍ଞଶାଳାରୁ ଯେତେବେଳେ ସେ ଗଲେ ସେତେବେଳେ ତାଙ୍କ କନ୍ୟାକୁ ଦେଖି ଦକ୍ଷ ଭର୍ତ୍ସନା କରିଥିଲେ । ଦକ୍ଷଙ୍କ କ୍ରୋଧ ଦେଖି ସତୀ ଜଡ ହୋଇ ସେହି ଯଜ୍ଞର ଅଗ୍ନିକୁଣ୍ଡ ମଧ୍ୟରେ ପ୍ରବେଶ କଲେ । ଦକ୍ଷଙ୍କର ଭର୍ତ୍ସନାକୁ ଶୁଣି କରି ମୁଁ ସବୁ ଭୂତଗଣଙ୍କ ସହିତ ସେଠାକୁ ଗଲି । ଅତ୍ୟନ୍ତ କ୍ରୋଧରେ ଜର୍ଜରିତ ହୋଇ ମୁଁ ତାଙ୍କ ଶିରକୁ ଛିନ୍ନ କଲି । ପୁନଶ୍ଚ ସେଠାରେ ଦେବତାମାନଙ୍କ ପ୍ରସାଦରୁ ତାଙ୍କୁ ଜୀବିତ କଲି । ମୋର ଅନୁଗ୍ରହରୁ ସେହି ଦକ୍ଷ ତାହାର ଯଜ୍ଞକୁ ସଂପୂର୍ଣ୍ଣ କଲା । ସେ ନିଜର ପରିବାରକୁ ମୋ ନିକଟରେ ଅର୍ପଣ କଲା । ତା' ପରେ ସେହି ଦିନଠାରୁ ମୁଁ ସେଠାରେ ତା' ଦ୍ୱାରା ପୂଜାପାଇ ଭଗବତୀଙ୍କ ସହିତ ନିବାସ କଲି ଏବଂ ଦକ୍ଷେଶ୍ୱର ବୋଲି ଖ୍ୟାତି ଅର୍ଜନ କଲି । ଦେବୀ ଭଗବତୀ ମଧ୍ୟ ଶିବା ରୂପରେ ଖ୍ୟାତି ଅର୍ଜନ କଲେ । ମୁଁ ମଧ୍ୟ ଦେବୀ ଭଗବତୀଙ୍କୁ ପତ୍ନୀର ଅଧିକାର ଦେଇଥିଲି । ଯେଉଁ ଭକ୍ତ ସେଠାରେ ବିଭିନ୍ନ ପ୍ରକାର ଉପହାର ଦ୍ୱାରା ଗନ୍ଧ, ପୁଷ୍ପ, ଧୂପ, ଦୀପ ଦ୍ୱାରା ଚଣ୍ଡିକା ସ୍ତୋତ୍ର ପଠନ ପୂର୍ବକ ଦେବୀ ସୁକ୍ତାଦି ଦ୍ୱାରା ପୂଜା କରେ ସେ ମନୋବାଞ୍ଛିତ ଫଳ ଲାଭ କରେ ।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏହି ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ ମଧ୍ୟ ଏହା ଯଥାଯଥ ଭାବେ ହେଉନଥିବାର ଅଭିଯୋଗ ହୁଏ। ଗତ ୨୦୨୦ ମସିହା ଡିସେମ୍ବର ମାସରେ ଏହି ମନ୍ଦିରରୁ କନକଦୁର୍ଗା, କଳିଯୁଗେଶ୍ୱର, ଚନ୍ଦ୍ରଶେଖରଦେବ, ଗୋପୀନାଥ ଦେବଙ୍କ ଭଳି ୨୨ଟି ପ୍ରାଚୀନ ମୂର୍ତ୍ତି ଚୋରିହୋଇଯାଇଥିଲା। ଏଥିମଧ୍ୟରୁ ଅନେକ ମୂର୍ତ୍ତି ଅଷ୍ଟଧାତୁରେ ନିର୍ମିତ ହୋଇଥିବାର ଜଣାପଡ଼େ।

ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ବିଶ୍ୱରେ ଅନନ୍ୟ। ଆମ ଧର୍ମଧାରଣା, କିମ୍ବଦନ୍ତୀ, ପୂଜାପାଠ ଅତୁଳନୀୟ। ଏସବୁ ସତ୍ତ୍ୱେ ପ୍ରାଚୀନ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ଠିକଣା ଭାବେ ନ ହେବା ଦୁଃଖ ଓ ବିଡ଼ମ୍ବନାର ବିଷୟ। ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିର ଭଳି ମନ୍ଦିରର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟୀକରଣ କରିବା ଭଳି ଓଡ଼ିଶାର ବହୁ ପ୍ରାଚୀନ ମନ୍ଦିର ପ୍ରତି ସ୍ୱତଂତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମନ୍ଦିର ସଂପତ୍ତି ହଡ଼ପ ସହ ପ୍ରାଚୀନ କୀର୍ତ୍ତିରାଜି ପ୍ରତି ବୈମାତୃକ ମନୋଭାବ ଆଦୌ ଗ୍ରହଣୀୟ ନୁହେଁ। ନୂଆ ମନ୍ଦିର ଗଢ଼ିବା ପାଇଁ ଆମେ ବ୍ୟଗ୍ର, କିନ୍ତୁ ପ୍ରାଚୀନ ମନ୍ଦିର ପ୍ରତି ଦୃଷ୍ଟିନଦେବା କେତେଦୂର ବିବେକାନୁମୋଦିତ, ଆପଣ ଚିନ୍ତା କରନ୍ତୁ।

**ବିଶ୍ୱାତ୍ମା**
**ବକ୍ସି ଜଗବନ୍ଧୁ ନଗର,**
**ଖୋର୍ଦ୍ଧା - ୭୫୨୦୫୫**
**ଶୂନ୍ୟଭାଷ- ୯୨୩୭୦୮୯୫୦୯**

# ଲୁଣ କାଠୁଆ

**ଜ୍ୟୋତିପ୍ରଭା ପଟ୍ଟନାୟକ**



ଲୁଣ କାଠୁଆ ହଳଦୀ କାଠୁଆ
ମାଳପା କାଠୁଆ କଥା
ଏବେ ଯଦି ଆମେ ଏସବୁ କହିବା
(କହିବେ) ଖରାପ ହେଲାଣି ମଥା ।

ଲୁଣ କାଠୁଆଟି କାଠରେ ତିଆରି
କାରିଗରୀ କୌଶଳରେ
ଉପରେ ତାହାର କାଠର ଘୋଡ଼ାଣି
ଖୋଲାପକା ହୋଇପାରେ ।

କାଠୁଆରେ ଲୁଣ ରୁହେ ସୁରକ୍ଷିତ
ନପଡ଼େ ଅସନା କିଛି,
ଲୁଣ ନପଡ଼ିଲେ ତରକାରୀ ସ୍ୱାଦ
ବାରି ହୋଇପଡ଼େ ବାଛି ।

ଝିଅ ବାହାଘର ପାଇଁ ଦରକାର
ଲୁଣ ହଳଦୀ କାଠୁଆ,
ମାଳପା କାଠୁଆ କାଠର ସିନ୍ଦୁକ
ରଖିଥାଏ କରି ମାଆ ।

ପାନଡ଼ାଲା ବଟୁଆ, ପିଉଳ ପିକାଦାନୀ
ଡିବିରି ବଇଠା ଦାନି,
ଝୁଣା ଧୂପଦାନୀ, ଠିଆପିଲି ସଜ
ପୁରାଣ କୋଥଳି ମୁଣି ।

ଶିଳ ଘୋରଣା ପଥର ପେଶେଣା
ଅଲୋଡ଼ା ହୋଇଛି ଆଜି,
ଯାନିଯାତ୍ରାରୁ ବାପା କିଣିଥାନ୍ତି
ବାଛି ବାଛି ଖୋଜି ଖୋଜି ।

ଆଜିକା ଯୁଗରେ ପିଲା ଭୁଲିଗଲେ
ଏସବୁ ଆଧୁନିକ ଛାପ,
ନୂଆ ନୂଆ ଚିଜ ଆସ୍ଥା ଜମେଇଲା
ପୁରୁଣା ହୋଇଲା ଲୋପ ।

**ଖୋର୍ଦ୍ଧା**



ଧର୍ମପ୍ରାଣ ଲୋକ କାହାରି ଅନିଷ୍ଟ କରେନାହିଁ। ବରଂ ତାହାର ଯିଏ ଅନିଷ୍ଟ କରେ ତାହାକୁ ସେ କ୍ଷମାଦିଏ।

# ଆତ୍ମଚିନ୍ତନ - ୨



ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ

"ଛାଡ଼ ଛଇଳ ତୁ ଛୋଟ କରମ
ଚୋରି କରୁଥିଲେ ବଡ଼ ଧରମ
ଗୁରୁଙ୍କୁ ମାରିଲେ ବୈକୁଣ୍ଠେ ବାସ
ଗଙ୍ଗା ସ୍ନାନ କଲେ ବଂଶ ନିବାସ ।।"

ଈଶ୍ୱର ହେଉଛନ୍ତି ଚେତନାତତ୍ତ୍ୱ । ଆଉ ଚେତନାତତ୍ତ୍ୱର ଭିତ୍ତି ହେଉଛି ଜଗତ । ଅର୍ଥାତ୍ ଜୀବଟିଏ ଜଗତରେ ରହି ସେହି ଚେତନା ତତ୍ତ୍ୱର କାରଣ ଜାଣିଲେ ହିଁ, ଏ ସଂସାରରୁ ତା'ର ମୁକ୍ତି ହୋଇଥାଏ । ଗୋଟିଏ ଜୀବପାଇଁ କୌଣସି କର୍ମ ଛୋଟ ବା ବଡ଼ ନଥାଏ, ତାହାପାଇଁ ସବୁ ସମାନ । କାରଣ ପ୍ରତ୍ୟେକ କର୍ମ ଛୋଟରୁ ଆରମ୍ଭ ହୋଇଥାଏ । କିନ୍ତୁ ଜୀବଟିଏ ଏ ଜଗତର କାରଣ ବୁଝୁ ବୁଝୁ ମାୟା ମୋହରେ ପଡ଼ି ବିଷୟା ରସରେ ମଜ୍ଜିଯାଏ ଏବଂ ତତ୍ପରେ ସବୁ ଭୁଲିଯାଇ ବଳଦ ମହିରେ ଘେଲିଲାଭଳି ମାୟା ଅଧୀନରେ ନିଜକୁ ରଖି ବ୍ରହ୍ମଚେତନା ହରାଇ ବସେ । ଫଳତଃ ବାହ୍ୟ ଚେତନାରରେ ବିଭୋର ହୋଇ ବସ୍ତୁଭିତ୍ତିକ ସଂସାରକୁ ଜାବୁଡ଼ି ଧରିଥାଏ । ଏହି ପରିପ୍ରେକ୍ଷୀରେ ସୂଚେଇଦେବାକୁ ଚାହେଁ ଯେ, ଯାହା କୁହାଗଲା - "ଛାଡ଼ ଛଇଳ ତୁ ଛୋଟ କରମ" । ଅର୍ଥ - ତୁମ ମାୟାକୁ ଛାଡ଼ ତେବେ ଯାଇ ସଂସାରରୂପକ ବନ୍ଧନରୁ ମୁକ୍ତ ହେବୁ କିନ୍ତୁ ସଂସାରର କାରଣରୁ ନୁହେଁ ।

ବେଳେବେଳେ ଏ ଜୀବ ଲୋଭର ବଶବର୍ତ୍ତୀ ହୋଇ ଚତୁଃପାର୍ଶ୍ୱରେ ଯାହା ଦେଖେ ତାକୁ ସତ୍ୟବୋଲି ଭାବିନିଏ ଏବଂ ତା'ରି ଭିତରେ କ୍ଷଣିକ ସୁଖକୁ ଉପଭୋଗ କରି ମନାନନ୍ଦିତ କରେ । କିନ୍ତୁ ତାହା ବାସ୍ତବରେ ଆନନ୍ଦ ନୁହେଁ କିମ୍ବା କେବେହେଲେ ସୁଖ ଆନନ୍ଦପ୍ରାପ୍ତ କରାଇନଥାଏ । କେବଳ କ୍ଷଣିକ ଅଳିକ ଭଙ୍ଗୁର ସୁଖର ପ୍ରାପ୍ତ କରାଇ ଜୀବକୁ ମୁକ୍ତ କରାଇବାରେ ସକ୍ଷମ ନହୋଇ ସଂସାର ଜଞ୍ଜାଳରେ ଫସାଇ ଦେଇଥାଏ । ପ୍ରକାରାନ୍ତରେ କହିବାକୁ ଗଲେ ଭଗବାନଙ୍କଠାରୁ ଭକ୍ତିମାର୍ଗରେ ସୁଖ ଚୋରିକରି ଆଣିଲେ ତାହା ଚୀରକାଳ ଆନନ୍ଦ ଦେଇଥାଏ । ଅତଏବ ଚୋରି କରୁଥିଲେ ବଡ଼ଧରମ ଅର୍ଥାତ ଭାବଭକ୍ତିଦ୍ୱାରା ଭଗବାନଙ୍କର ମନକୁ ଚୋରି କଲେ ଜୀବନର ବଡ଼ଧର୍ମ ହେଲା ବୋଲି ଭାବିବାକୁ ହେବ ଏବଂ ଏହାହିଁ ପୂର୍ଣ୍ଣତା ।

ଶ୍ରୀମଦ୍ ଭଗବତ୍‌ଗୀତାରେ ୨ୟ ଅଧ୍ୟାୟ ସାଂଖ୍ୟ ଯୋଗରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହୁଛନ୍ତି -

"ଆପୁର୍ଯ୍ୟ ମାଣମଚଳପ୍ରତିଷ୍ଠଂ
ସମୁଦ୍ର ମାପଃ ପ୍ରବିଶନ୍ତି ଯଦ୍ ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ।।" (୨/୭୦)

ଏହାର ଭାବାର୍ଥ ହେଲା - ସମସ୍ତ ନଦୀର ଜଳ ଯେପରି ସର୍ବତ୍ର ଭାବରେ ଜଳପୂରିତ ସମୁଦ୍ରରେ ପ୍ରବେଶ କରେ, କିନ୍ତୁ ଚତୁଃଦିଗରୁ ପରିପୂର୍ଣ୍ଣ ଥିବା ସମୁଦ୍ରକୁ ବିଚଳିତ କରିପାରେନାହିଁ । ଆଉ ସମୁଦ୍ର ମଧ୍ୟ ନିଜ ମର୍ଯ୍ୟାଦାରେ ଅଚଳ ଏବଂ ପ୍ରତିଷ୍ଠିତ ରହେ । ସେହିପରି ସକଳ ଭୋଗ ଯେଉଁ ସ୍ଥିତପ୍ରଜ୍ଞ, ସଂଯମୀ ମନୁଷ୍ୟଠାରେ କୌଣସି ପ୍ରକାରର ବିକାର ଜନ୍ମାଇପାରନ୍ତି ନାହିଁ ସେହି ମନୁଷ୍ୟ ହିଁ ପରମଶାନ୍ତି ଲାଭକରେ । ପ୍ରତ୍ୟେକ୍ଷରେ ଭୋଗକାମୀ ପୁରୁଷ ତାହା ପାଏନାହିଁ । ତେଣୁ କୁହାଗଲା ଗୁରୁରୂପୀ ଭୋଗବିଳାସକୁ ଦମନ କରିଗଲେ ବୈକୁଣ୍ଠ ପ୍ରାପ୍ତି ହେବ । ମନୁଷ୍ୟ ଯେତେବେଳେ ପୂର୍ଣ୍ଣତଃ ନିଷ୍କାମ ହୋଇଯାଏ, ସେତେବେଳେ ଆବଶ୍ୟକ ଦ୍ରବ୍ୟ ତା'ନିକଟକୁ ଆସିଲେ ମଧ୍ୟ ତା'ର ହୃଦୟରେ ହର୍ଷ, ଭୟ, ମୋହ, ଲୋଭ ଇତ୍ୟାଦି ସୃଷ୍ଟି କରିପାରେନାହିଁ । ତେଣୁ କୁହାଗଲା - "ଗୁରୁଙ୍କୁ ମାରିଣ ବୈକୁଣ୍ଠେ ବାସ" ।

ଭଗବାନ ବୁଦ୍ଧଦେବ କହିଥିଲେ, "କାମନାର ବିନାଶରେ ଦୁଃଖର ବିନାଶ ହୋଇଥାଏ" । ଏହି ଉକ୍ତି ମଧ୍ୟ ଭଗବାନ ଶ୍ରୀକୃଷ୍ଣ ସଂଖ୍ୟା ଯୋଗରେ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ।

"ବିହାୟ କାମାନ୍ ଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ,
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ।।" (୨/୭୧)

ଏହାର ଭାବାର୍ଥ ହେଲା - ଯେଉଁ ମଣିଷ ସମସ୍ତ କାମନା ତ୍ୟାଗ ପୂର୍ବକ ନିଃସ୍ପୃହ, ନିର୍ମମ ଓ ନିରହଂକାର ହୋଇ ସକଳ ଆଚରଣ କରେ, ସେ ଶାନ୍ତି ଲାଭକରେ । ଅର୍ଥାତ୍ ଜୀବ ଯେତେବେଳେ ସକଳ କାମନାରୁ ମୁକ୍ତ ହୋଇଯାଏ, ସେ ତା' ଅନ୍ତରରେ ବିରାଜମାନ ଚିରସ୍ଥାୟୀ ଶାନ୍ତି ଅନୁଭବ କରେ । ଅହଂଭାବ ହିଁ ସବୁପ୍ରକାର ଅସୁବିଧାର ମୂଳକାରଣ ଅଟେ । ଯାହାକି ସଂସାର ପ୍ରତି ଅନୁରାଗ, ଅନୁରାଗରୁ ଆସକ୍ତି । ଆସକ୍ତିରୁ ମମତ୍ୱ ଓ ମମତ୍ୱରୁ କାମନା ତଥା କାମନାରୁ ନାନାବିଧ ବିକାର ଜନ୍ମ ଲାଭକରେ । ଏକଧାରାରେ କହିବାକୁ ଗଲେ ମଣିଷ ତା'ର ଚିନ୍ମୟ ସତ୍ତାକୁ ହରାଇ ବସେ । ଯଦି କାମନା ରୂପକ ଗଙ୍ଗାରେ ସବୁବେଳେ ସ୍ନାନ କରିବ ତେବେ ଜୀବର ବିନାସ ସୁନିଶ୍ଚିତ । ସେଥିପାଇଁ ଉକ୍ତିଟି ରଖାଗଲା, "ଗଙ୍ଗା ସ୍ନାନ କଲେ ବଂଶ ବିନାସ" । ବଂଶର ବିନାସ ଅର୍ଥ, ମମତା, ସ୍ନେହ, ଭାତୃଭାବ, ପିତୃଭାବ, ଗୁରୁଜନଙ୍କ ପ୍ରତି ଭକ୍ତିଭାବକୁ ବୁଝାଏ । ଯାହାକି କାମନାଯୋଗୁ ଲୋପ ପାଇଯାଏ ।

ଉଦାହରଣ ସ୍ୱରୂପ - ବାଲ୍ୟାବସ୍ଥାରେ କଣ୍ଢେଇଟି ପ୍ରତି କାମନା ଥିଲା ।

ଟିକିଏ ବଡ଼ହେଲା ପରେ ସେହି କାମନା ପଇସାପ୍ରତି ଆସିଲା। ସେହିପରି ପ୍ରଥମେ ମା'ପ୍ରତି କାମନା ଥିଲା, ଟିକେ ବଡ଼ହୋଇ ବିବାହ ପରେ ସେହି ମମତା ସ୍ତ୍ରୀ'ପ୍ରତି ହୋଇଗଲା।

ଫଳତଃ ଜୀବ ଯଦି ସଦାସର୍ବଦା ଆତ୍ମଚେତନାରେ ରହିବ, ପରମବ୍ରହ୍ମଙ୍କର ପାଦପଦ୍ମ ତଳେ ଲୟ ରଖିଥିବ ତେବେ ପାଞ୍ଚମନ ଆଉ ପଚିଶ ପ୍ରକୃତି ତା'ର କିଛି କ୍ଷତି କରିପାରିବନାହିଁ। ପୁନଶ୍ଚ ଯଦି, ଦୟା, କ୍ଷମା, ଶାନ୍ତି ଏବଂ ଧର୍ମର ପଥରେ ନଚଳିବା, ମହାଭାରତରେ ପରାକ୍ରମୀ କୌରବ ବଂଶ ନିପାତ ହେଲାଭଳି, ଆମ୍ଭର ମଧ୍ୟ ସେହି ଅବସ୍ଥା ହେବ ।

"ବେଳ ଥାଉ ଥାଉ ବଂଧ ବାନ୍ଧରେ କୁମର" ।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଖୋରଧା
ମୋ -୯୮୬୧୦୦୯୭୯୮

## ଖେଳ

**ଚପଳା ପଣ୍ଡା**



ସୁରୂଯ ଦେବତା ଖେଳ ଖେଳୁଛନ୍ତି
କେବେ ଖରା କେବେ ଛାଇ,
ଚନ୍ଦର ଦେବତା ସାନ ବଡ ରୂପେ
ଖେଳୁଛନ୍ତି କାଢ଼ି ଛାଇ। ।।୧।।
ପବନ ଦେବତା ଝଡ ବତାସରେ
କେତେ ଖେଳୁଛନ୍ତି ଖେଳ,
ବରଷା ଖେଳୁଛି କେତେ ରଙ୍ଗ କାଢ଼ି
ଆକାଶରୁ ଢାଳି ଜଳ। ।।୨।।
ବିଜୁଳି ଖେଳୁଛି ଚମକ ଖେଳାଇ
ସାଥେ ଘଡ଼ଘଡି ଧରି,
ଚଢ଼େଇ ଖେଳନ୍ତି ଉଚ୍ଚ ଆକାଶରେ
କିଚିରିମିଚିରି କରି । ।।୩।।
ମାଛ ଖେଳୁଥାନ୍ତି ନୀଳ ଜଳ ମଧ୍ୟେ
କେତେ ଛଇ ଛଟକରେ,
ପ୍ରଜାପତି ଖେଳେ ଫୁଲ ପାଖୁଡ଼ାରେ
ହଂସ ଖେଳେ ଜଳ ପରେ। ।।୪।।
ପେଟରେ ତ ନିଆଁ ଖେଳୁଥାଏ ଖେଳ
ଭୋକ ହେଲେ ଜଣାପଡେ,
ଭଗବାନ ପରା ଲୀଳା ଖେଳା ତାଙ୍କ
କରିଥାନ୍ତି ଇଚ୍ଛା ଦାଢେ। ।।୫।।
ସଭିଏଁ ଖେଳନ୍ତି ନିଜ ଇଚ୍ଛା ମତେ
ମୋ ବେଳକୁ କିଆଁ ଊଣା,
ଘରେ ଖେଳୁଥିଲେ ଅସନା କରୁଛି
ବାହାରକୁ ଯିବା ମନା । ।।୬।।
ଗୁଡ଼ି କିମ୍ବା ଉଡ଼ାଜାହାଜ ହୁଅନ୍ତି
ଆକାଶେ ଯାଆନ୍ତି ଉଡ଼ି,
ମନ ଖୋଲି ଦେଇ ଖେଳି ଖେଳି କେତେ
ତଳକୁ ଆସନ୍ତି ଫେରି । ।।୭।।

ଖୋର୍ଦ୍ଧା

## କାଶତଣ୍ଡୀ

**ନାରାୟଣ ଦାସ**



ନଦୀ ତ ବୁଝେନା କେବେ
ଦେଶ ରାଜ୍ୟ ସୀମା
ଅନାୟାସେ ମାଡ଼ିଗଲେ
ଦନ୍ତୁରିତ ଖମା । ।।୧।।

ଗତି ତାର ନିରୂପଣ
ଅତୀବ କଠିନ
ଝର୍ଝରେ ଶବଦେ ସଦା
ଉଚ୍ଛୁଳେ କାନନ । ।।୨।।

କେଉଁଠାରେ ଭୀତିପ୍ରଦ
ଗର୍ଜନ ଶବଦ
ସମତଳ ସ୍ଥଳଭାଗେ
ନଥାଏ ନିନାଦ । ।।୩।।

କୁଳୁକୁଳୁ ନାଦେ ବହେ
ମନ୍ଥର ଗତିରେ
ସଙ୍କୁଚିତ ପଥ ମଧ୍ୟେ
ଝଙ୍କୃତ ଧ୍ୱନିରେ । ।।୪।।

ଅମାନିଆ ପବନଟା
ବୁଝେ ନାହିଁ କିଛି
ନିଜ ଧରମକୁ ନିଜେ
ବ୍ରତ କରିଅଛି । ।।୫।।

ଋତୁ ଆଗମନେ ସେ ତ
ଦିଗ ବଦଳାଏ
ନିରବରେ ରହି ସଦା
ନେତ୍ର ଦେଖୁଥାଏ । ।।୬।।

କାଶତଣ୍ଡୀ ବୁଝେନାହିଁ
ବାଡବନ୍ଧ ସୀମା
ବଂଶ ବିସ୍ତାରରେ ତା'ର
ନଥାଏଟି ଧିମା । ।।୭।।

ନଦୀପଠା ନିମ୍ନପଟେ
ତା' ଶୋଭାର ରୂପ
ସବୁ ହୃଦେ ରହିଯାଏ
ସେ ଅଲିଭା ଛାପ । ।।୮।।

ନୈସର୍ଗିକ ଶୋଭା ତା'ର
ଜଗତେ ବିଦିତ
ଦେଖିଯାଅ ଥରେ ନେତ୍ରେ
ନହୋଇ କୁଣ୍ଠିତ । ।।୯।।

ପ୍ରକୃତିର ଦାନ ସଦା
ସୁଦୂର ପ୍ରସାରୀ
ଦେଖୁଥାଅ ତା'ର ରୂପ
ମନତୃପ୍ତ କରି । ।।୧୦।।

ସୌନ୍ଦର୍ଯ୍ୟର ଗନ୍ତାଘର
ଜଗତେ ବିରଳ
ଅପଲକ ନେତ୍ରେ ରହି
ଋହେଁ ଜଳ ଜଳ । ।।୧୧।।

ପ୍ରକୃତିର ଧରମକୁ
କେ ପାରିବ ଭୁଲି
ପଥକ୍ଳାନ୍ତ ପଥିକଟି
କହେ ମନ ଖୋଲି ।।୧୨।।

ସଂପାଦକ, କୋଣାର୍କ ସାହିତ୍ୟ
ନବୀନାବାଗ, ଖୋର୍ଦ୍ଧା
ମୋ - ୯୪୩୮୦୪୯୫୪୧



ବୁନ୍ଦା ବୁନ୍ଦାହୋଇ ପାଣି ପଡ଼ିଲେ ପଥର ମଧ୍ୟ ଦିନେ ଫାଟିଯିବ।

# କୋଭିଡ୍ ମୃତ୍ୟୁର ଗଣିତ

ଡକ୍ଟର ମୁରାରି ମୋହନ ଦାଶ



ଅଧେ ମିଲିୟନ୍ ଲୋକ ଆମେରିକାରେ କୋଭିଡ୍-୧୯ ସଂକ୍ରମଣରେ ମୃତ୍ୟୁବରଣ କରିସାରିଲେଣି । ଭାରତରେ ତା'ର ତିନିଭାଗରୁ ଏକ ଭାଗ ଲୋକ ମୃତ୍ୟୁ ମୁଖରେ ପଡ଼ିଛନ୍ତି ଯଦିଓ ଆମର ସ୍ୱାସ୍ଥ୍ୟ ମୂଳଦୁଆ ବହୁତ ଦୁର୍ବଳ ଏବଂ ଜନସଂଖ୍ୟା ଆମେରିକାର ଚାରିଗୁଣ । ଅଧିକାଂଶ ବୟସ୍କ ଲୋକ ସେଠାରେ କୋଭିଡ୍ ସଂକ୍ରମଣର ଶିକାର ହୋଇଥିଲାବେଳେ ଭାରତରେ କାଁ ଭାଁ ବୟସ୍କ ଲୋକଙ୍କର ମୃତ୍ୟୁ ଘଟିଛି । ସବୁ ବିକାଶଶୀଳ ଦେଶମାନଙ୍କରେ ଏକା ଅବସ୍ଥା । ବର୍ତ୍ତମାନ ମନରେ ପ୍ରଶ୍ନ ଉଠେ କରୋନା ଜନିତ ମୃତ୍ୟୁ କାହିଁକି ଭାରତ ଓ ଅନ୍ୟାନ୍ୟ ବିକାଶଶୀଳ ଦେଶମାନଙ୍କ ପ୍ରତି ଏତେ ଦୟାଶୀଳ ? ଆଫ୍ରିକାର ଦେଶମାନଙ୍କରେ ମଧ୍ୟ ଭାରତ ପରି ଅବସ୍ଥା । ଡିପ୍‌ଥେରିଆ, ମ୍ୟାଲେରିଆ ଓ ଯକ୍ଷ୍ମା ଆଦି ରୋଗ ଗରିବ ରାଷ୍ଟ୍ରମାନଙ୍କୁ ବେଶି ପ୍ରଭାବିତ କରିଥିଲାବେଳେ କରୋନା ମହାମାରୀରେ ଧନୀ ରାଷ୍ଟ୍ରମାନେ ବେଶି ପ୍ରଭାବିତ ହୋଇଛନ୍ତି । ତେବେ କରୋନା ମହାମାରୀର ପ୍ରଭାବ ଅଲଗା ହେବାର କାରଣ କ'ଣ ? ଏହାର କାରଣ ବହୁମୁଖୀ ହୋଇପାରେ ।

## ଯୁବକଙ୍କ ଉପସ୍ଥିତି

କରୋନା ଭୟାବହତା ବୟସ ବୃଦ୍ଧି ସହିତ ବୃଦ୍ଧିପାଏ । ୩୦ ବର୍ଷ ବୟସ ପରେ ପ୍ରତ୍ୟେକ ଆଠ ବର୍ଷରେ କରୋନାରେ ମୃତ୍ୟୁର ସମ୍ଭାବନା ଦୁଇଗୁଣ ବୃଦ୍ଧିପାଏ । ତେଣୁ ଯେଉଁ ଦେଶମାନଙ୍କର ବୟସ୍କ ଲୋକଙ୍କ ସଂଖ୍ୟା ବେଶି, ଯଥା: ବେଲଜିୟମ୍, ଇଟାଲୀ, ଆମେରିକା, ଇଂଲଣ୍ଡ ସେଠାରେ କରୋନା ଜନିତ ମୃତ୍ୟୁ ହାର ଅଧିକ । ବିକାଶଶୀଳ ଓ ଗରିବ ଦେଶମାନଙ୍କରେ ତରୁଣଙ୍କ ସଂଖ୍ୟା (Younger population) ଅଧିକ । ଭାରତରେ median age 28 ଥିଲାବେଳେ ଇଟଲୀର ୪୭ । ଏଥିରୁ ସ୍ପଷ୍ଟ କେଉଁ ଦେଶର କୋଭିଡ୍ ମୃତ୍ୟୁ ହାର ଅଧିକ ରହିବ । ଏଥିପାଇଁ ବୟସ ଏକମାତ୍ର ଦାୟୀ । ମେକ୍ସିକୋର median age 29 ଯାହା ପ୍ରାୟ ଭାରତ ସହ ସମାନ । ୫୫ ବର୍ଷରୁ ଅଧିକ ବୟସ୍କଙ୍କ ସଂଖ୍ୟା ଉଭୟ ଭାରତ ଓ ମେକ୍ସିକୋରେ ପ୍ରାୟ ସମାନ । ଏହାସତ୍ତ୍ୱେ ମେକ୍ସିକୋଠାରୁ ଭାରତର ମୃତ୍ୟୁହାର ବହୁତ କମ୍ ।

## ଗଣନାରେ ବ୍ୟତିକ୍ରମ

କୋଭିଡ୍-୧୯ରେ ସଂକ୍ରମିତ ଲୋକଙ୍କ ମୃତ୍ୟୁ ସଂଖ୍ୟା ଗରିବ ଦେଶମାନଙ୍କରେ ଠିକ୍‌ଭାବେ ଗଣନା କରାଯାଇ ନାହିଁ (under reporting) । ଜାମ୍ବିଆରେ ସରକାରୀ ଭାବେ ରିପୋର୍ଟ କରାଯାଇଥିବା ମୃତ୍ୟୁ ସଂଖ୍ୟା ଏ ପର୍ଯ୍ୟନ୍ତ ୧୦୪୦ । କିନ୍ତୁ ତା'ର ରାଜଧାନୀ ଲୁସାକାରେ ୩୬୪ଟି ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାଯାଏ ଯେ କେବଳ ୭୦ଟି ଶବରେ କରୋନା ଭୂତାଣୁ ଉପସ୍ଥିତ ଥିଲା । ମୋଟାମୋଟି ଭାବେ ୫ ଜଣ ମୃତକଙ୍କ ମଧ୍ୟରୁ ଜଣେ ସଂକ୍ରମିତ ଥିଲେ । ଆମ ଭାରତରେ ପ୍ରତି ୪ ମାସରେ କରାଯାଉଥିବା ସର୍ଭେରୁ ଜଣାଯାଇଛି ଯେ ଗତବର୍ଷ ମେ ଓ ଅଗଷ୍ଟ (୨୦୨୦) ମାସ ମଧ୍ୟରେ କରୋନା ମୃତ୍ୟୁହାର ଦ୍ୱିଗୁଣିତ ହୋଇଥିଲା । ଏକ ଅନୁସନ୍ଧାନରୁ ଜଣାଯାଏ ଯେ ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ମଫସଲର ଗରିବ ତରୁଣମାନେ ଥିଲେ ଯେଉଁମାନେ କୋଭିଡ୍‌ରେ ସଂକ୍ରମିତ ନଥିଲେ । ପ୍ରକୃତରେ କୋଭିଡ୍‌ରେ କେତେ ମରିଥିଲେ ତା'ର ସଠିକ୍ ତଥ୍ୟ ନଥିଲା ।

## ପ୍ରକୃତ ମୃତ୍ୟୁ ସଂଖ୍ୟା ବେଶି ଥିଲା

Case Fatality Ratio (CFR) ଅର୍ଥାତ୍ ମୋଟ ମୃତ୍ୟୁ ସଂଖ୍ୟାରେ ଯେଉଁମାନଙ୍କଠାରେ କେବେ କୋଭିଡ୍-୧୯ ପରୀକ୍ଷା ଦ୍ୱାରା ଚିହ୍ନିତ ହୋଇନଥିଲା କିନ୍ତୁ ସେମାନଙ୍କର କୋଭିଡ୍ ସଂକ୍ରମଣ ଜନିତ ମୃତ୍ୟୁ ହୋଇଥିଲା ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ନଥିଲା । କୋଭିଡ୍ ପରୀକ୍ଷାରେ ଅବ୍ୟବସ୍ଥା ପାଇଁ (testing failures) ଯେଉଁ ସମସ୍ୟା ଉପୁଜିଥିଲା ସେହି ମୃତ୍ୟୁ ସଂଖ୍ୟାକୁ ମିଶାଇଲେ ପ୍ରକୃତ CFR ଓ ଆଗରୁ ରିପୋର୍ଟ କରାଯାଇଥିବା CFR ଠାରୁ ଯଥେଷ୍ଟ ଅଧିକ ଥିଲା ।

## ରୋଗ ପ୍ରତିରୋଧକ ଶକ୍ତି

ସାଧାରଣ ଜ୍ଞାନରୁ ଜଣାଯାଏ ଯେ ଭାରତୀୟମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ନୁହେଁ । କାରଣ ଆମେ ରାସ୍ତାକଡ଼ର ମାଛି-ବସା ଖାଦ୍ୟ ଏବଂ ଡେଙ୍ଗୁ, ମେଲେରିଆ ପ୍ରଭୃତି ରୋଗ ସହିତ ଭଲଭାବେ ଅଭ୍ୟସ୍ତ । ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଏଠାରେ ରୋଗପ୍ରତିରୋଧକ ଶକ୍ତି ସହିତ ଆଣ୍ଟିବଡ଼ି, B କୋଷିକା ଓ T କୋଷିକା ଜଡ଼ିତ । ଯେହେତୁ କରୋନା ଭୂତାଣୁ ଆମପାଇଁ ନୂଆ ତେଣୁ ଶରୀରରେ ଆଗରୁ ଆଣ୍ଟିବଡ଼ି ସୃଷ୍ଟି ହେବାର କୌଣସି କାରଣ ନାହିଁ । B କୋଷିକା ଆଣ୍ଟିବଡ଼ି ତିଆରି କରେ । ପ୍ରତିଷେଧକ ତନ୍ତ୍ରରେ T କୋଷିକାର କାମ ହେଲା ଯେଉଁ କୋଷିକା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ ତାକୁ ନଷ୍ଟ କରିବା । ଭୂତାଣୁ ଆମକୁ ଯେତେବେଳେ ସଂକ୍ରମିତ କରେ ସେତେବେଳେ ଆମ ଶରୀର କୋଷିକାକୁ ବଂଶ ବୃଦ୍ଧି ପାଇଁ ଏକ ଫ୍ୟାକ୍ଟ୍ରିରେ ପରିଣତ କରିଥାଏ । T କୋଷିକା ପ୍ରକୃତରେ ଏହି ଫ୍ୟାକ୍ଟ୍ରିଗୁଡ଼ିକୁ ନଷ୍ଟ କରିଥାନ୍ତି ବା ଉଡ଼ାଇ (blow up) ଦେଇଥାନ୍ତି । T କୋଷିକାଗୁଡ଼ିକ ଭୂତାଣୁକୁ ସେମାନଙ୍କର ସମାନତା (resemblances) ଦ୍ୱାରା ଟାର୍ଗେଟ୍ କରିଥାନ୍ତି ।

ନୂଆ କେରାନା ଭୂତାଣୁ କାହିଁକି T କୋଷିକା ସହିତ ପରିଚିତ ଥାନ୍ତି ? କାରଣ ୪ ପ୍ରକାରର କରୋନା ଭୂତାଣୁ ଅଛନ୍ତି । ସେଗୁଡ଼ିକ ହେଲା, OC49, 229E, NL63 ଓ HKV1। ଏମାନେ ସମସ୍ତେ ମଣିଷ ଶରୀରରେ ଥଣ୍ଡା ରୋଗ ପାଇଁ ଦାୟୀ । କେହି ନା କେହି ଏ ଭୂତାଣୁ ଦ୍ୱାରା ଜୀବନକାଳ ମଧ୍ୟରେ ନିଶ୍ଚୟ ସଂକ୍ରମିତ ହୋଇଥାନ୍ତି। ସବୁ କରେନା ଭୂତାଣୁର ସାଧାରଣ ମୂଳପିଣ୍ଡ (Common Building Block) ପ୍ରାୟ ସମାନ ଯାହା T କୋଷିକାର ପ୍ରକ୍ରିୟାକୁ ବିମୋଚନ (trigger) କରିଥାଏ। ଗବେଷଣାରୁ ଜଣାଯାଏ ଯେ ଯେଉଁ ବ୍ୟକ୍ତିମାନଙ୍କର ବିଗତ ବର୍ଷମାନଙ୍କରେ ଥଣ୍ଡା ଜ୍ୱର ହୋଇଥିଲା ସେମାନଙ୍କର ମେକାନିକାଲ ଭେଣ୍ଟିଲେଟର ଆବଶ୍ୟକତା ପଡ଼ିନଥିଲା, ସେମାନଙ୍କ ମଧ୍ୟରୁ ବହୁତ କମ୍ ବ୍ୟକ୍ତି ICU ରେ ଚିକିତ୍ସା ଆବଶ୍ୟକ କରିଥିଲେ ଏବଂ କମ୍ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି କାରଣରୁ ଭାରତରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଅପେକ୍ଷାକୃତ ଭାବେ କମ୍ ରହିଥିଲା।

### ଭୁଲ୍ ଭବିଷ୍ୟତ ବାଣୀ

ମହାମାରୀ ସମୟରେ ମ୍ୟାଥମେଟିକାଲ୍ ମଡ଼େଲ ରୋଗ କିପରି ବିସ୍ତାର ଲାଭ କରିବ ଓ ମୃତ୍ୟୁ ସଂଖ୍ୟା କେତେ ହେବ ତାହା ଆକଳନ କରିବାରେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସାହାଯ୍ୟ କରିଥାଏ। ଏହି ମଡ଼େଲ ଧନୀ ରାଷ୍ଟ୍ରମାନଙ୍କ କ୍ଷେତ୍ରରେ ନିର୍ଭୁଲ ପ୍ରମାଣିତ ହୋଇଥିଲେ ହେଁ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ଠିକ୍ ପ୍ରମାଣିତ ହୋଇପାରି ନଥିଲା।

ଜି/ଏଲ୍.-୧, ଭି.ଏସ୍.ଏସ୍.ନଗର,
ଭୁବନେଶ୍ୱର-୧୦
ମୋବାଇଲ୍ : ୯୪୩୭୧୧୦୭୧୫

# ଈଶ୍ୱର ଅନ୍ୱେଷା

ଡ. ତପସ୍ୱିନୀ କର

ପଥ ମଧ୍ୟେ ଦେଖାହେଲେ
ବ୍ରହ୍ମଚାରୀ ସନ୍ନ୍ୟାସିନୀ ଏକ
ପାଶେ ଯାଇ ପଥରୋଧ କଲି
"ପଚାରିଲି ଦେଖିଛକି ଈଶ୍ୱରଙ୍କୁ କେବେ ?"
ମଥାନତ କରି ତଳକୁ ଚାହିଁଲେ
ବିସ୍ମୟଭରା ନେତ୍ରେ ଅନାଇ ରହିଲେ
ଦୂର ଦିଗ୍‌ବଳୟେ...... ।

ବିତସ୍ପୃହ ଭାବ ନେଇ ଫେରି ମୁଁ ଆସିଲି
ଦେଖା ହେଲେ ପଥ ମଧ୍ୟେ ଗୁରୁ ମୋର
ବାଲ୍ୟକାଳୁ ଯିଏ ମୋତେ
ଖଡ଼ିଧରି କହିଥିଲେ
ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁ ମହେଶ୍ୱର !

ସିଏ ମୋର ଚେତନାର ଉତ୍ସ
ଜିଜ୍ଞାସାରା ଜାଗ୍ରତ ପ୍ରହରୀ
ପଚାରିଲି ଗୁରୁଙ୍କୁ ମୋହରି
"ଦେଖିଛକି ଆଜ୍ଞା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର"
ପ୍ରଭୁଙ୍କୁ ଆମର............
ସ୍ନେହ ବୋଳା କଥା କହି ମନ ମୋର ମୋହିନେଲେ
କହିଲେ ମା'ଆରେ କିଏ କ'ଣ ଦେଖିପାରେ
ପରମେଶ୍ୱରଙ୍କୁ ଚର୍ମ ଚକ୍ଷୁଧାରେ ?
ହତାଶା ଓ ନିରାଶାରେ ଫେରିଲି ଗୃହକୁ
ବୋଉ ହାତ ଧରି ନେଇଗଲି ଠାକୁର ଘରକୁ
ପଚାରିଲି ଧୀର ସ୍ୱରେ ବୋଉ !!

ବାର ଓଷା, ବାର ବ୍ରତ, ଉପାସ, ପୂଜନ
କରୁଅଛୁ ଦିନରାତି ମଙ୍ଗଳ ବିଧାନ
କେବେ କାହିଁ ଦେଖିଛୁକି କିଏ ସେ ଈଶ୍ୱର
ଜୀବନ୍ତ ଠାକୁର ଅବା ପାଷାଣ ପ୍ରତିମା
ଶୁଣି ନଶୁଣିଲା ପରି, ଦେଖି ନଦେଖିଲାପରି
ସଦା ସିଏ ରହିଥାନ୍ତି ମୌନ
ପଡ଼ିଥାନ୍ତି ଘର କଣଟାରେ........ ।

ନୀରବ ରହିଲା ନାହିଁ କିନ୍ତୁ ବୋଉ
କହିଗଲା ପ୍ରଗଲ୍‌ଭ ଭାବରେ
ଚୁପ୍‌କର ଚୁପ୍‌କର
କହନାହିଁ ଏହିପରି କଥା
ପ୍ରଚଣ୍ଡ ବିଶ୍ୱାସ, ଅଖଣ୍ଡ ଚେତନାର
ସେ ଏକ ପ୍ରତୀକ
ମା'ର ସ୍ନେହରେ, ବାପାଙ୍କର ନୀତି ଆଦର୍ଶରେ
ଗୁରୁଙ୍କ ଶିକ୍ଷାରେ ସବୁଥିରେ ସିଏ
ଜୀବ ଆଉ ଜଡ଼ ମଧ୍ୟେ
ଜଳ ଆଉ ସ୍ଥଳଭାଗେ
ଆକାଶ ଓ ଧରିତ୍ରୀର ମନୋରମ ପରିବେଶେ
ସବୁଠାରେ ସୂକ୍ଷ୍ମସ୍ଥିତି ହୁଏ ବିରାଜିତ
ସ୍ଥାବର, ଜଙ୍ଗମ, କୀଟ, ତରୁ,ଲତା
ସବୁଠାରେ ତାଙ୍କ ସତ୍ତା ଥାଏ
ସ୍ପର୍ଶ ଆଉ ଦର୍ଶନର ଏକ
ଦିବ୍ୟ ଅତୀନ୍ଦ୍ରୀୟ ଅନୁଭବ ମାତ୍ର ।

ବୋଉର ସେ ଦିବ୍ୟବାଣୀ ଶୁଣି
ଈଶ୍ୱର ଅନ୍ୱେଷୀ ମନ ମୋ ଶାନ୍ତ ହୋଇଗଲା
କହିଲି ବୋଉକୁ ! ତୁହି ମୋର ଶିକ୍ଷା ଗୁରୁ
ଦୟାଗୁରୁ, "ସ୍ୱର୍ଗାଦପୀ ଗରୀୟସୀ"......... ।

ମଞ୍ଚେଶ୍ୱର, ଭୁବନେଶ୍ୱର
ମୋ - ୯୪୩୭୦୪୦୭୩୭



ଯେତେ ବଡ଼ କାର୍ଯ୍ୟ ହୋଇଥାଉ ପଛକେ, କଣିକାଏ ମାତ୍ର ଧୃଷ୍ଟତା ତା'ର ସବୁ ମହତ୍ତ୍ୱକୁ ନଷ୍ଟ କରିଦିଏ।

# କବି ପ୍ରତିଭା



ଶକ୍ତିଶଙ୍କର ମିଶ୍ର

ତିନି କବିପତ୍ନୀ ହେଲେ ଭେଟା ଭେଟି
ପ୍ରଦର୍ଶନୀ ପଡ଼ିଆରେ,
ହସାହସି ହୋଇ ବସିଗଲେ ଯାଇ
ଟି-ଷ୍ଟଲ ବେଞ୍ଚ ପରେ । (୧)

ଚା ଦୋକାନୀକୁ କହିଲେ ମିଶ୍ରାଣୀ
ଭଲ ଚା ଟିକେ କର,
ଢ଼ୋକେ ପିଇ ଦେଇ କହିଲେ ଦୁହିଁଙ୍କୁ
ମୋର ଆଡ଼େ କାନ ଡ଼େର । (୨)

ଆମ ବାବୁଙ୍କର କବତା ବହିଟି
ପଢ଼ିଛକି ତୁମେ କେହି,
ଗୀତ ଲେଖିବାରେ ମିଶ୍ର ବାବୁଙ୍କୁ ଯେ
କେହି ବି ପାରିବେ ନାହିଁ । (୩)

କବିତା ଲେଖିଲେ ନିଜେ ବୁଝି ମତେ
ବୁଝାଇ ଦିଅନ୍ତି ଭାବ,
ଅନ୍ୟ କେହି ତାଙ୍କ କବିତାର ଅର୍ଥ
ବୁଝିବାଟା ଅସମ୍ଭବ । (୪)

ଭଲ ଲେଖା ବୋଲି ପୁରସ୍କାର ଦେବେ
ସାରଳା ସାହିତ୍ୟ ବାଲା,
ଆମ ବାବୁଙ୍କର ମନ ଭାରି ଖୁସି
ଶ୍ରମ ଯେ ସାର୍ଥକ ହେଲା । (୫)

ଦାଶଙ୍କ ଶ୍ରୀମତୀ ଭାରି ବୁଦ୍ଧିମତି
କହିଲେ ଦେଖାଇ ଠାଣି,
ତାଙ୍କର କବିତା ସେ ନିଜେ ବୁଝନ୍ତି
ଅନ୍ୟ କେହି ପାରିବେନି । (୬)

ଅକାମୀ ନିଶ୍ଚୟ କରିଛ
ପୁରସ୍କାର ନେବାପାଇଁ,
ତାଙ୍କ ଲେଖାଭଳି ଉତ୍ତମ ସାହିତ୍ୟ
ଲେଖି ପାରିବେନି କେହି । (୭)

ଦୁହିଁଙ୍କଠୁ ଶୁଣି ରଥଙ୍କ ଘରଣୀ
କହିଲେ ମୁଣ୍ଡ ହଲାଇ,
ଏସବୁ ସମ୍ମାନ ଆଞ୍ଚଳିକ ସିନା
ଜାତୀୟତା ଅବା କାହିଁ । (୮)

ଦେଖିଛକି ତୁମେ କବିତା ବହିଟି
ଲେଖା ଆମ ବାବୁଙ୍କର,
ଦାମୀ କାଗଜକୁ ସୁନ୍ଦର ମଲାଟ
ଛପା ଅତି ଚମତ୍କାର । (୯)

ସେ ଯାହା ଲେଖନ୍ତି ନିଜେ ବୁଝନ୍ତିନି
କିଏ ବୁଝି ବୁଝାଇବ ?
ଦୁର୍ବୋଧୀ ବୋଲିତ କେନ୍ଦ୍ର ଅକାଦମୀ
ଆମ ବାବୁଙ୍କୁ ସମ୍ମାନ ଦେବ । (୧୦)

ଚିଠି ଆସିଅଛି ଦିଲ୍ଲୀ ଯିବାଲାଗି
ସମ୍ମାନ ଆଣିବାପାଇଁ,
ବରାଦ ହୋଇଛି ରଥ ବାବୁଙ୍କର
ପ୍ୟାଣ୍ଟ କୋଟ୍ ସାର୍ଟ୍ ଟାଇ । (୧୧)

ବେଞ୍ଚ ମୁଣ୍ଡ ଧରି କହିଲା ଦୋକାନୀ
ତିନିଙ୍କ ମୁହଁକୁ ଚାହିଁ,
ଉଠନ୍ତୁ ମ୍ୟାଡ଼ାମ୍ ବେପାର ଭାଙ୍ଗିବି
କ୍ଷୀର ଟୋପେ ଆଉ ନାହିଁ । (୧୨)

ଖୋରଧା

# ଭଲ ପାଇବାର ଗଣ୍ଠି



କାଶୀନାଥ ଦାଶ

ଆଶ୍ରମରେ ଗୁରୁ ଓ ଶିଷ୍ୟ ରହୁଥିଲେ । ଥରେ ଗୁରୁଙ୍କ ପାଖରେ ଜଣେ ଲୋକ ପହଁଞ୍ଚିଲା । ତା ମନରେ ଖୁସି ନଥିଲା । ଗୁରୁ କାରଣ ଜାଣିବାକୁ ଇଚ୍ଛା କଲେ । ଲୋକଟି କହିଲା, 'ମୋ ପରିବାରର ବ୍ୟକ୍ତିଙ୍କ ଆଚରଣ ଭଲ ଲାଗୁନାହିଁ' । ଗୁରୁ କହିଲେ, 'ତୁ ସୁଖରେ ରହିବାକୁ ଚାହୁଁଛ, ତେବେ ତୁମେ ସମସ୍ତଙ୍କୁ ପ୍ରାଣ ଭଳି ଭଲପାଅ' । ଲୋକଟି କହିଲା ଏ ଯାଏ ମୁଁ ସେଇଆହିଁ କରି ଆସୁଛି, କିନ୍ତୁ କିଛି ଲାଭ ହେଉନାହିଁ ।

ଗୁରୁ କହିଲେ ଏଣିକି ଲାଭ ହେବ । କିଛି ଦିନ ପରେ ସେ ବ୍ୟକ୍ତି ଗୁରୁଙ୍କ ପାଖକୁ ଆସିଲା । ଗୁରୁ କହିଲେ ଏଥର ସବୁ ଭଲ ତ ? ପରିସ୍ଥିତି ଆହୁରି ଖରାପ । ମୁଁ ଆପଣଙ୍କ କଥା ଅନୁସାରେ ଭଲ ପାଇଲି । ହାନିଲାଭ ବୁଝିଲି । ଯେମିତି ସେମିତି । ସେମାନଙ୍କର ଆଚରଣ ବଦଳୁନାହିଁ ।

ଗୁରୁ କହିଲେ, ତୋର ଭଲ ପାଇବା ଠିକ ଅଛି । ସେଥିରେ ଏକ ଗଣ୍ଠି ପଡ଼ିଯାଇଛି । ଆଜି ଆଶ୍ରମରେ ରୁହ । ସନ୍ଧ୍ୟା ବେଳେ ସେ ଗଣ୍ଠିର ଅର୍ଥ ବୁଝାଇ ଦେବି । ସନ୍ଧ୍ୟା ହେଲା । ଆଶ୍ରମର ଗୋଟିଏ ଗାଈକୁ ଦୁହିଁବାକୁ ଶିଷ୍ୟଟିଏ ଗଲା । ଗୁରୁଙ୍କ ଆଦେଶରେ ଲୋକଟି ଗାଈ ଦୁହାଁରେ ସାହାଯ୍ୟ କଲା । ଗାଈଟି ଅତି ଧିରସ୍ଥିର ଭାବେ ନାତ ମାରିବା ପରିବର୍ତ୍ତେ ଶିଷ୍ୟଟିର ସାଉଁଳିବା ହାତ ପରସରେ ସ୍ଥିର ହୋଇ ରହିଲା । ଶିଷ୍ୟଟି ବିନା ଦଉଡ଼ି ଓ ପାଞ୍ଚଣରେ ସାଉଁଳେଇ କ୍ଷୀର ଦୁହିଁଲା । ଲୋକଟି ପଚାରିଲା, ଛନ୍ଦଣୀ ଓ ପାଞ୍ଚଣ ନାହିଁ, କେମିତି କ୍ଷୀର ଦୁହିଁବା ସମ୍ଭବ ହେଲା । ଏହା ନିଶ୍ଚିତ ଏକ ସୁଧୁରିଆ ଗାଈ । ଶିଷ୍ୟଟି ଉତ୍ତର ଦେଲା ଗାଈଟି ସବୁ ଗାଈ ଅପେକ୍ଷା ଦୁଷ୍ଟା ଥିଲା । ତାକୁ ଛୁଇଁବା କଷ୍ଟକର । ତାକୁ ସବୁଦିନ ମୁଁ ମୋର ହାତର କଅଁଳ ପରସରେ ଖାଦ୍ୟ ଦେଇଥାଏ । ସ୍ନେହ କରେ । ତା ପରିବର୍ତ୍ତେ ମୁଁ ତାଠାରୁ କିଛି ଆଶା କରିନି । ମୋର ବିନା ପ୍ରତ୍ୟାଶା ତାକୁ ସୁଧାରିଦେଲା । ଏହାର ମର୍ମକୁ ଲୋକଟି ବୁଝିଲା ।

ସମ୍ପର୍କୀୟଙ୍କ ଆଚରଣ ବଦଳୁ ବା ନବଦଳୁ ବିନା ପ୍ରତ୍ୟାଶାରେ ଭଲ ପାଇଥିବାରୁ କ୍ରମେ ସେ ଶାନ୍ତି ଫେରି ପାଇଲା ।

ଦୂରଭାଷ-୮୭୬୩୪୯୮୯୭୯



ବିରୋଧୀ ଲୋକର ଯୁକ୍ତି ଶୁଣିବାପାଇଁ ଯାହାର ଧୈର୍ଯ୍ୟ ନାହିଁ, ସେ ସମାଜର ଉପକାର କରିପାରିବ ନାହିଁ ।

**ସାକ୍ଷାତକାର**

# ତ୍ରିଲୋଚନ ମହାପାତ୍ର



***(ତ୍ରିଲୋଚନ ମହାପାତ୍ର ୪୦ ବର୍ଷ ଧରି ଶିକ୍ଷକତା କରିଥିଲେ। ଶିକ୍ଷକତା କରିଥିବା ବିଦ୍ୟାଳୟକୁ 'ମୋ ବିଦ୍ୟାଳୟ', ଛାତ୍ରଛାତ୍ରୀଙ୍କୁ 'ମୋ ପିଲା', ଏବଂ ସେହି ଗ୍ରାମଟିକୁ 'ମୋ ଗ୍ରାମ' ବୋଲି ବିବେଚନା କରୁଥିଲେ। ତେଣୁ ତାଙ୍କୁ ସମସ୍ତେ ଶ୍ରଦ୍ଧା ଏବଂ ଭକ୍ତି କରୁଥିଲେ। ସାମାଜିକ କ୍ଷେତ୍ରରେ ସେ ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ, ସାମାଜିକ ଓ ଶୈକ୍ଷିକ ଅନୁଷ୍ଠାନ ଗଢ଼ିବା ଓ ତାର ବିକାଶ ପାଇଁ କାର୍ଯ୍ୟ କରୁଥିଲେ। ସେ ଜଣେ ଭିନ୍ନ ମଣିଷ ଭାବରେ ପରିଚିତ। ତାଙ୍କ ସହ ଏକ ଆଳାପ - ଡ.ପ୍ରମୋଦ ଚନ୍ଦ୍ର ଦାଶ)***

**ପ୍ର. ଦା. - ପ୍ରାଥମିକ ଶିକ୍ଷକ ଭାବେ ଶିକ୍ଷାଦାନ କରି ଆପଣ ଅବସର ନେଇଛନ୍ତି। ଏଥିପାଇଁ କେତେ ଗୌରବାନ୍ୱିତ ?**

**ତ୍ରି.ମ.** - ଗୋଟିଏ ସମାଜର ମୂଳଦୁଆ ପଡ଼େ ପ୍ରାଥମିକ ବିଦ୍ୟାଳୟରେ। ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟସେନଙ୍କ ଗବେଷଣାଲବ୍ଧ ତଥ୍ୟ ହେଉଛି - ଯେଉଁ ଦେଶର ପ୍ରାଥମିକ ଶିକ୍ଷା ଯେତେ ଉନ୍ନତ ସେ ଦେଶ ସେତେ ଉନ୍ନତ। ଏ ସଂପର୍କରେ ସେ କୋଡ଼ୋଟି ଦେଶର ଉଦାହରଣ ଦେଇଛନ୍ତି। ମୋ ଦେଶର ମୂଳଦୁଆ ପଡୁଥିବା ବ୍ୟବସ୍ଥାରେ ମୁଁ ଯଦି ଗୁଣ୍ଡୁଚିମୂଷାଟିଏ ସାଜିଛି ତାହା ମୋତେ ନିଶ୍ଚିତ ଭାବେ ଗୌରବାନ୍ୱିତ କରିଛି। ମୋ ନନା (ବାପା) ଗାଁ ରେ ଚହାଳୀ କରିଥିଲେ। ସେଠାରେ ମୋର 'ଖଡ଼ିଛୁଆଁ' ହୋଇଥିଲା। ମୋର ପ୍ରାଥମିକ ପ୍ରଧାନଶିକ୍ଷକ (ନରଣଗଡ଼) ପୂଜ୍ୟ ଗୋଲକ ବିହାରୀ ବଳବନ୍ତରାୟ ଓ ନରଣଗଡ଼ସ୍ଥିତ ଚିନ୍ତାମଣି ବିଦ୍ୟାନିକେତନର ପ୍ରଧାନଶିକ୍ଷକ ପୂଜ୍ୟ ପଦ୍ମନାଭ ରଥଙ୍କ ଆଦର୍ଶଦ୍ୱାରା ମୁଁ ପ୍ରଭାବିତ । ଏହି ଆଦର୍ଶକୁ ପାଥେୟକରି ମୁଁ ଶିକ୍ଷକତା କରିଛି। ସଫଳତା ପାଇଛି।

**ପ୍ର. ଦା.** - ଆପଣ ଶିକ୍ଷକତା କାଳରେ ଶିକ୍ଷକଙ୍କର ଅନେକ ସମସ୍ୟା ଥିଲା। ଏହାର ସମାଧାନ ପାଇଁ ଆପଣଙ୍କ ପ୍ରଚେଷ୍ଟା କ'ଣ ଥିଲା ?

**ତ୍ରି.ମ.** - ସ୍ୱାଧୀନତା ପରେ ସରକାର ଅଳ୍ପ କେତୋଟି ମହାବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ହାତକୁ ନେଲେ। କାଁ ଭାଁ ପ୍ରାଥମିକ ବିଦ୍ୟାଳୟ ଖୋଲିଲେ। ଷଷ୍ଠଶ୍ରେଣୀରୁ ସ୍ନାତକ ଶ୍ରେଣୀଯାଏଁ ପଢ଼ିବାପାଇଁ ଶିକ୍ଷାନୁଷ୍ଠାନ ଖୋଲିବା ଦାୟିତ୍ୱ ଜନଗଣଙ୍କୁ ଦେଲେ। ସଚେତନ ଗ୍ରାମବାସୀ, ଅଂଚଳବାସୀ, ରାଜନେତା, ଧନୀ, ଶିକ୍ଷାବିତ୍‌ଙ୍କ ପ୍ରଚେଷ୍ଟାରେ ନିମ୍ନ ମାଧ୍ୟମିକ, ମାଧ୍ୟମିକ ଓ ମହାବିଦ୍ୟାଳୟମାନ ଖୋଲିଲା। ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମାଗଣା ବା ଅଳ୍ପ ଭାତିଆ ପାଇ ଖଟିଲେ। ମାଟି, ପଥର ବୋହି ଘର ତୋଳିଲେ। ଗାଁ ଗାଁ ବୁଲି ଛାତ୍ରଛାତ୍ରୀ ସଂଗ୍ରହ କଲେ। ହାଟ, ଘାଟ, ପଥରଖଣି, କାଜୁ ପଡ଼ିଆ ବୁଲି ଅର୍ଥ ସଂଗ୍ରହ କଲେ। ପରିଚାଳନା ସମିତି ଦୟା ଉପରେ ଏମାନଙ୍କର ଚାକିରିର ସ୍ଥାୟିତ୍ୱ ନିର୍ଭର କରୁଥିଲା। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କରବେତନ ଓ ଚାକିରିର ସ୍ଥାୟିତ୍ୱ ଏ ଦୁଇଟି ମୁଖ୍ୟ ସମସ୍ୟା ଥିଲା।ପୂଜ୍ୟ ବନମାଳୀ ବ୍ରହ୍ମଚାରୀ, ପ୍ରଫେସର ଅବନୀ କୁମର ବରାଳ ଓ ଶ୍ରୀକୈଳାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଶିକ୍ଷକ ମହାସଂଘ ଆନ୍ଦୋଳନ କଲା। ୧୯୭୪ର ଐତିହାସିକ ଆନ୍ଦୋଳନ କାଳରେ ଏ ଦୁଇଟି ସମସ୍ୟାର ସମାଧାନ ହେଲା। ଦରମା ବ୍ୟାଙ୍କ୍ ଖାତାକୁ ଆସିଲା। ଚାକିରି ସ୍ଥାୟୀ ହେଲା। ୧୯୭୧ ରେ ମାଇନର ସ୍କୁଲ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ କର୍ମଚାରୀଙ୍କ ମାସିକ ଦରମା ଯଥାକ୍ରମେ ପଚାଶଟଙ୍କା, ଚାଳିଶଟଙ୍କା ଓ ତିରିଶଟଙ୍କା। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଅଶି/ନବେ ଟଙ୍କା ପାଉଥିଲେ। ଅଧ୍ୟାପକଙ୍କ ଦରମା ଥିଲା ଦୁଇଶହରୁ ତିନିଶହ ଟଙ୍କା। ଏବର କଥା ସମସ୍ତେ ଜାଣନ୍ତି। ମୁଁ ୧୯୭୩ ରେ ଭୁବନେଶ୍ୱର ଶିକ୍ଷାଜିଲ୍ଲା ଶିକ୍ଷକସଂଘର ଅନ୍ୟତମ ପ୍ରତିଷ୍ଠାତା। ସେଠାରୁ ୧୯୮୩ ପର୍ଯ୍ୟନ୍ତ ଜିଲ୍ଲା ସଂପାଦକ ଥିଲି। ୧୯୭୪, ୧୯୭୮, ୧୯୯୪ ଓ ୧୯୮୮ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲି। ବହୁବାର ଗିରଫ ହୋଇଥିଲି। ଶିକ୍ଷକ ସମସ୍ୟା ସମାଧାନ ପାଇଁ ସଭାସମିତି, ଆଲୋଚନାଚକ୍ର, ସଚେତନତା କାର୍ଯ୍ୟକ୍ରମ, ସମ୍ମିଳନୀ ଆଦିରେ ସକ୍ରିୟ ଅଂଶଗ୍ରହଣ କରୁଥିଲି।

**ପ୍ର. ଦା.**-ଆପଣ ଅବସର ଗ୍ରହଣ କରିଛନ୍ତି। ସେସବୁ ସମସ୍ୟାର ସମାଧାନ ହୋଇଛି ବୋଲି ଭାବୁଛନ୍ତି କି ?

**ତ୍ରି.ମ.**-ସ୍ୱାଧୀନତା ପରେ ଶିକ୍ଷା ଓ କୃଷି ସବୁଠାରୁ ବେଶି ଅବହେଳିତ। ଶିକ୍ଷାନୁଷ୍ଠାନ ଖୋଲି ଏହାକୁ ବିକଶିତ କରାଇ ସମାଜ ଗଠନରେ ସହାୟତା କରିବା ବଦଳରେ ସରକାର ଘରୋଇ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହିତ କଲେ। ଏଣୁ ଏବେ ସାରା ରାଜ୍ୟରେ ତଥା ଦେଶରେ ପାଠ ଦୋକାନ, ପାଠ ହାଟ, ପାଠ ଗୋଦାମ, ପାଠ ମଲ୍, ପାଠ ବିଗ୍‌ବଜାର, ପାଠ କାରଖାନା ଖୋଲାଯାଉଛି। ଯାହା ଅଣ୍ଟା ଯେତେ ଦମ୍ଭିଲା ସେ ସେତେ ପାଠ ନାମକ ପ୍ରମାଣପତ୍ର (ସାର୍ଟିଫିକେଟ୍) କିଣିପାରୁଛି। ଏଠାରେ ପାଶ୍ଚାତ୍ୟ ଢଙ୍ଗରେ ମାକ୍‌ଲେ ପ୍ରଚଳିତ ଶିକ୍ଷା ପଦ୍ଧତିର ଗୁରୁତ୍ୱ ଅଧିକ। ଏଣୁ ଏଠାରୁ ଗୁଡ଼ିଏ



ତୁମପ୍ରତି ହେଉଥିବା ଅନ୍ୟାୟକୁ ଯଦି ଧୈର୍ଯ୍ୟର ସହିତ ସହିଯିବ, ନ୍ୟାୟ ତୁମପାଖକୁ ଆପେ ଆପେ ଆସିଯିବ।

ଉନ୍ନତ ମସ୍ତିଷ୍କର 'ଲୋକ' ସୃଷ୍ଟି ହେଉଛନ୍ତି। ସେମାନେ ଭୋଗୀ, ଭାରତୀୟ ଶିକ୍ଷା ପଦ୍ଧତିରେ ହୃଦୟକୁ ବିକଶିତ କରାଯାଏ। ଏଠୁ ହୃଦୟବାନ ମଣିଷ ସୃଷ୍ଟି ହୁଅନ୍ତି। ଏମାନେ ତ୍ୟାଗୀ। ମୋ ଅବସର ପରେ ଦେଖୁଛି ଭୋଗୀଙ୍କ ସଂଖ୍ୟା ବଢ଼ିଛି। ତ୍ୟାଗୀ ମଣିଷଙ୍କ ସଂଖ୍ୟା ସୀମିତ ହେଉଛି। ସରକାରୀ ସ୍ତରରେ ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ଶିକ୍ଷକ ଅଭାବ। ପରବର୍ତ୍ତୀ ସମୟରେ ନିଯୁକ୍ତି ଦିଆଯାଇପାରେ, ମାତ୍ର ଛାତ୍ରଛାତ୍ରୀଙ୍କ ପ୍ରତି ଯେଉଁ ଅବହେଳା ହେଲା ତାହା ପୂରଣ କରାଯାଇପାରିବ କି ?

ବିଦ୍ୟାଳୟ ସ୍ତରରେ ଶିକ୍ଷକ ନିଯୁକ୍ତି ବନ୍ଦ। ଏଠାରେ ଗଣ ଶିକ୍ଷକ, ଶିକ୍ଷା ସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ଆଦି ନିଯୁକ୍ତି ପାଉଛନ୍ତି। ଜଣେ ଶିକ୍ଷକ ଷାଠିଏ ସତୁରି ହଜାର ଟଙ୍କା ପାଉଥିବା ବେଳେ ଜଣେ ଶିକ୍ଷା ସହାୟକ ଦଶ ବାର ହଜାର ଟଙ୍କା ପାଉଛି। ଶିକ୍ଷାଦାନର ମାନ କମୁଛି। ମୋ ମତରେ ସମସ୍ୟା କମିନି, ବଢ଼ିଛି ।

ପ୍ର.ଦା- ଆପଣ କହନ୍ତି, 'ମୋ ବିଦ୍ୟାଳୟ, ମୋ ଛାତ୍ରଛାତ୍ରୀ, ମୋ ପିଲା, ମୋ ଗାଁ ଲୋକ' - ଏମିତି କାହିଁକି ???

ତ୍ରି.ମ.- ଏହା ହେଉଛି ଜଣେ ଭଲ ଶିକ୍ଷକର ମୂଳମନ୍ତ୍ର। ମୋ ବିଦ୍ୟାଳୟ ପାଇଁ ଭାବିଲେ ତା'ର ସର୍ବାଙ୍ଗୀଣ ବିକାଶ ପାଇଁ ଲାଗିପଡ଼ିବେ। ଛାତ୍ରଛାତ୍ରୀଙ୍କୁ ସର୍ବୋତ୍ତମ ଶିକ୍ଷାଦାନ କରିବା ସହିତ ସେମାନଙ୍କୁ ବିକଶିତ କରାଇବାକୁ ଉଦ୍ୟମ କରିବେ। ବିଦ୍ୟାଳୟର ଉନ୍ନତି ଲାଗି ଗ୍ରାମବାସୀଙ୍କର ସହଯୋଗ ଲୋଡ଼ା। ଏଇ ସହଯୋଗ ମିଳିବା ସହଜ ହେବ। ମୁଁ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ବିରପାଲି ମାଇନର ସ୍କୁଲ, କୁଦିଆରୀ ମାଇନର୍ ସ୍କୁଲ ଓ କନ୍ତିଆ ମାଇନର ସ୍କୁଲରେ ଥିଲି। ୩୮ ବର୍ଷ ଚାକିରି କାଳରେ ମୁଁ ଏଇ ମନ୍ତ୍ର ଅନୁଯାୟୀ କାର୍ଯ୍ୟକରି ସଫଳତା ପାଇଛି। ଗ୍ରାମବାସୀଙ୍କ ସକଳ ସହଯୋଗ ପାଇଁ ମୁଁ କୃତଜ୍ଞ।

ପ୍ର.ଦା-ଆପଣ ଜଣେ ଶିଶୁ ସାହିତ୍ୟିକ। ଶିଶୁ ସାହିତ୍ୟ ଓ ସାହିତ୍ୟ କ୍ଷେତ୍ରରେ କି ସଫଳତା ପାଇଛନ୍ତି ?

ତ୍ରି.ମ.-ଦେଖନ୍ତୁ, ଜଣଙ୍କଠାରେ ପ୍ରତିଭା ଥିବ, ସେ ସାଧନା ବଳରେ ତାକୁ ବିକଶିତ କରିବେ। ତେବେ ସେ ଜଣେ ସଫଳ ଶିଶୁ ସାହିତ୍ୟିକ ବା ସାହିତ୍ୟିକ ହୋଇପାରିବେ। ମୁଁ ଶିଶୁସାହିତ୍ୟ ଓ ସାହିତ୍ୟ କ୍ଷେତ୍ରରେ ସେପରି କିଛି କରିନାହିଁ। ସାମୟିକ ଭାବରେ ଶିଶୁ ଉପଯୋଗୀ ଗପ, କବିତା ଲେଖେ। ସେଗୁଡ଼ିକ - ମନପବନ, ଶିଶୁଲେଖା, ସୁନାପିଲା, ଟୁଉଁକୁମୁଷି, ଆ' ଜହ୍ନମାମୁ ସରଗଶଶୀ, ବାନର ସେନା ଆଦି ଶିଶୁପତ୍ରିକା, 'ସମାଜ' ର ଶିଶୁରାଇଜ, 'ଧରିତ୍ରୀ' ର ପିଲାଙ୍କ ଧରିତ୍ରୀ, 'ସମ୍ବାଦ' ର ତୁମପାଇଁରେ ପ୍ରକାଶ ପାଏ। ଗପ ଓ କବିତା ବହି ପ୍ରକାଶ ପାଇଛି। କେନ୍ଦ୍ର ସଂସ୍କୃତି ବିଭାଗ ତରଫରୁ ଶିଶୁ ସାହିତ୍ୟ ଉପରେ ଗବେଷଣା ପାଇଁ ଦୁଇବର୍ଷ ଲାଗି (୨୦୧୪ - ୧୬) ସିନିଅର୍ ଫେଲୋସିପ୍ ପାଇଥିଲି। ବିଷୟ ଥିଲା - ଓଡ଼ିଆ ଶିଶୁ ଗୀତିକବିତା ଓ ଗୀତିକବି। ଏହାକୁ ଚାରିଟି ବିଭାଗ କରିଥିଲି - ଓଡ଼ିଆ ଭାଷା ଓ ସାହିତ୍ୟ, ଗୀତି କବିତାର ସଂଜ୍ଞା ଓ ସ୍ୱରୂପ, ଓଡ଼ିଆ ସାହିତ୍ୟରେ ଶିଶୁ ଗୀତିକବିତାର ସ୍ଥାନ ଏବଂ ମଧୁସୂଦନ ରାଓଙ୍କଠାରୁ ସୁନାମଣି ରାଉତଙ୍କ ପର୍ଯ୍ୟନ୍ତ ପଚିଶଜଣ ଶିଶୁ ଗୀତିକବିଙ୍କର ସାମଗ୍ରିକ କୃତି।

କ୍ଷୁଦ୍ର ଗଳ୍ପ, ମିନିଗପ, ମିନି କବିତା, ଜୀବନୀ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶ ପାଇଛି। କେତେକ ପତ୍ରିକା, ସ୍ମରଣିକା, ଶ୍ରଦ୍ଧାଞ୍ଜଳି ପୁସ୍ତିକା ସଂପାଦନା କରିଛି। ଚିନ୍ମୟୀ ଷଡ଼ଙ୍ଗୀଙ୍କ ସଂପାଦନାରେ ତ୍ରୈମାସିକ ପତ୍ରିକା 'ଭିଜାମାଟି' ଓ ମାସିକ ପତ୍ରିକା 'ଆମରିସତ୍ୟ' ର ଯଥାକ୍ରମେ ମାର୍ଗଦର୍ଶକ ଓ ସହସଂପାଦକ ରହିଛି।

୧୯୭୩ ମସିହାରେ ଜଟଣୀ ଚିନ୍ତନଚକ୍ର ନିଜେ ଗଢ଼ିଥିଲି, ୧୯୭୬ରେ କେତେଜଣ ମିଶି 'ଜଟଣୀ ସାଂସ୍କୃତିକ ପରିଷଦ' ଏବଂ ୧୯୭୮ ରେ 'ଜଟଣୀ ସାହିତ୍ୟ ସଂସଦ' ଗଢ଼ିଥିଲୁ। ଏଗାରବର୍ଷ ଜଟଣୀ ସାହିତ୍ୟ ସଂସଦର ସଭାପତି ଥିଲି। ୧୯୯୯ ରେ ଦିଲ୍ଲୀସ୍ଥିତ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ତରଫରୁ ଏପ୍ରିଲ ପ୍ରଥମ ସପ୍ତାହରେ କନ୍ତିଆ ବିଦ୍ୟାଳୟକୁ ପ୍ୟାକେଟ୍‌ଟିଏ ଓ ପ୍ରାଚୀରପତ୍ର ସହ ଚିଠିଟିଏ ଥିଲା। ଏପ୍ରିଲ ୨୩ ତାରିଖରେ ବିଶ୍ୱ ପୁସ୍ତକ ଦିବସ ପାଳନ କରିବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା। ବିଦ୍ୟାଳୟରେ ପାଳନ କରିବା ସହିତ ଜଟଣୀରେ ସାହିତ୍ୟିକଙ୍କୁ ନେଇ ବୈଠକ କରାଇଥିଲି। ପୁସ୍ତକମେଳାଟିଏ କରିବାକୁ ପ୍ରସ୍ତାବ ଦେଲି। ପୁସ୍ତକମେଳା ହେଲା। ମୁଁ ବାରବର୍ଷ ଏହାର ସଂପାଦକ ଥିଲି।

ଏହାବ୍ୟତୀତ ବିଭିନ୍ନ ସାହିତ୍ୟ ସଭାରେ ଯୋଗଦିଏ।

ବାରଟି ଶିଶୁ କିଶୋର ଉପଯୋଗୀ ଗୀତିନାଟ୍ୟ ରଚନା କରିଛି। ସେଗୁଡ଼ିକ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଅଭିନୀତ ହୋଇ ଉଚ୍ଚ ପ୍ରଶଂସିତ। 'ସୀତା ବନବାସ', ଆକାଶବାଣୀର ର 'ଯୁବବାଣୀ' ରେ ଏକାଧିକବାର ପ୍ରସାରିତ।

ପ୍ରକାଶିତ ପୁସ୍ତକ -

ସୀତା ବନବାସ - ଗୀତିନାଟ୍ୟ - ୧୯୭୬, ଇଟିକିଲି ମିଟିକିଲି - ଶିଶୁକବିତା - ୧୯୭୬, ବିପ୍ଳବୀ ମଦନଲାଲ - ଜୀବନୀ - ୧୯୮୫, ଫୁଲରେ ମହୁ - ଶିଶୁଗପ - ୧୯୮୮ ଏବଂ ଅଚଳପତ୍ର - ସଂକଳନ -୨୦୧୩ ।

ପ୍ର.ଦା- ଆପଣ ସମାଜର ବିଭିନ୍ନ ସମସ୍ୟା ଅନୁଭବ କରନ୍ତି। ଏ ସଂପର୍କରେ ସମ୍ବାଦପତ୍ରର ସଂପାଦକଙ୍କୁ ଚିଠିମାଧ୍ୟମରେ ଜଣାନ୍ତି। ଏହା ସମାଜ ଉପରେ କି ପ୍ରଭାବ ପକାଏ ?

ତ୍ରି.ମ.-ସମାଜର ବିଭିନ୍ନ ସମସ୍ୟା ମୁଁ ଅନୁଭବ କରୁଛି। ସମ୍ବାଦପତ୍ର ଓ ବିଭିନ୍ନ ଗଣମାଧ୍ୟମରୁ ଜାଣୁଛି। ଏସବୁର କାରଣ, ନିରାକରଣ ଓ ପ୍ରଭାବ ସଂପର୍କରେ ସଂପାଦକଙ୍କୁ ପତ୍ର, ସମାଜ, ଧରିତ୍ରୀ, ସମ୍ବାଦ, ସମ୍ବାଦ କଳିକା, ସୁବାର୍ତ୍ତା ଆଦିରେ ପ୍ରକାଶ ପାଉଛି। ପ୍ରଫେସର ଅବନୀ କୁମାର ବରାଳଙ୍କ ପରାମର୍ଶ କ୍ରମେ ପ୍ରାୟ ୩୦୦ଟି ପତ୍ରକୁ ନେଇ 'ଅଚଳପତ୍ର' ନାମକ ସଂକଳନ ପ୍ରକାଶ ପାଇଛି।

ପ୍ର.ଦା- ଆପଣ ଅନେକ ଅନୁଷ୍ଠାନ ଗଢ଼ିଛନ୍ତି। ଏହାର ସଫଳତା ସଂପର୍କରେ ଆପଣଙ୍କ ମତାମତ କ'ଣ ?

ତ୍ରି.ମ.-ମୋ ଗାଁ ଚମ୍ପାଝର। ଛୋଟ ତଥା ଶିକ୍ଷିତ ଗାଁ। ସେତେବେଳେ ଗାଁ'ର ଛୋଟ ବଡ଼ ହୋଇ ଦଶ ବାର ଜଣ ହାଇସ୍କୁଲରେ ପଢୁଥାଉ। ଗୋଟିଏ ଫୁଟ୍‌ବଲ୍ ଟିମ୍ ଓ ଗୋଟିଏ ଭଲିବଲ ଟିମ୍ ଗଢ଼ି ଖେଳିଲୁ। ପ୍ରତିଯୋଗିତା ଆୟୋଜନ କରାଉଥିଲୁ। ଅବହେଳିତ ଅବସ୍ଥାରେ ଥିବା ବହୁବର୍ଷର ପାଠାଗାରର ପୁନରୁଦ୍ଧାର କରି ବିକଶିତ କରାଇଲୁ। ଖଟପକାଇ, ଶାଢ଼ୀରେ ସିନ୍ ଓ ୱିଙ୍ଗସ୍ ଟାଂଗି , ପେଟ୍ରୋମାକ୍ସ ଲାଇଟ୍ ଲଗେଇ ଡ୍ରାମା କଲୁ। ପରେ ବଡ଼ ଡ୍ରାମା କରିଥିଲୁ। କୁଦିଆରୀରେ ଶିକ୍ଷକତା କରିବା ସମୟରେ ୧୯୭୪ ରେ କୁଦିଆରୀ ହାଇସ୍କୁଲ ପ୍ରତିଷ୍ଠାରେ ଶିକ୍ଷିତ ଯୁବକମାନଙ୍କ ସହ ମିଶି କାମ କରିଥିଲି। ଗ୍ରାମର କେତେକ ବରିଷ୍ଠ ବୁଦ୍ଧିଜୀବୀମାନଙ୍କୁ ନେଇ ଶିଶୁଶିକ୍ଷା ସଦନ ନାମରେ ଓଡ଼ିଆ ମାଧ୍ୟମ ଶିକ୍ଷାନୁଷ୍ଠାନ ଗଢ଼ି ତା'ର ସଂପାଦକ, ପ୍ରଜ୍ଞାସାଥି ଶୋଭନୀୟ ଶିକ୍ଷାଶ୍ରମର ସଭାପତି, କନ୍ତିଆର ରାଧାକୃଷ୍ଣ ସାଂସ୍କୃତିକ ପରିଷଦର ସଭାପତି, ସଂଗୀତାନୁଷ୍ଠାନ, 'ପୁରାତନୀ'ର ସଭାପତି, 'ନୃତ୍ୟଶ୍ରୀ' ନାମକ ଓଡ଼ିଶୀ ନୃତ୍ୟ ଏବଂ ସଂଗୀତାନୁଷ୍ଠାନର ସଭାପତି, ଆଦର୍ଶ ଶିକ୍ଷକ ତଥା ବରିଷ୍ଠ ସାହିତ୍ୟିକ ବିପିନ ବିହାରୀ ମହାନ୍ତିଙ୍କ ଏକକ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ଓଡ଼ିଶା ଭାଷା ଓ ଗବେଷଣା କେନ୍ଦ୍ର ତଥା ବିପିନ ବିହାରୀ ପାଠାଗାରର କାର୍ଯ୍ୟକାରୀ ସଭାପତି ଅଛି। ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ସଭାପତି ରୂପେ ଚାରିବର୍ଷ କାର୍ଯ୍ୟ କରିଥିଲି। ଅନୁଷ୍ଠାନଗୁଡ଼ିକର ସାମଗ୍ରିକ ବିକାଶ, ନୀତିନିଷ୍ଠ ଭାବେ କାର୍ଯ୍ୟ କରିବା ଏବଂ ଆର୍ଥିକ ସୁପରିଚାଳନା ପ୍ରତି ବେଶି ଗୁରୁତ୍ୱ ଦେଇଥାଏ। ପୂର୍ବରୁ ଶିକ୍ଷକସଂଘ, ସାହିତ୍ୟ ସଂସଦ ଓ ପୁସ୍ତକମେଳା କଥା ତ କହିଛି।

ପ୍ର.ଦା-ପାଣ୍ଡବଜେନା ଫାଉଣ୍ଡେସନ୍ ମାଧ୍ୟମରେ ଜଟଣୀ ନିର୍ବାଚନ ମଣ୍ଡଳୀର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନର ସଫଳତା ସୂତ୍ର କ'ଣ ?

ତ୍ରି.ମ.- ୨୦୦୮ ମସିହାରେ ସଂସ୍କୃତି ସୁରକ୍ଷା ସମିତିର ସକ୍ରିୟ ସଭ୍ୟ କୈଳାସ ଚନ୍ଦ୍ର ପଟ୍ଟନାୟକ, ରାମଚନ୍ଦ୍ର ସାହୁ, ଚିତ୍ତରଂଜନ ପ୍ରଧାନ ଓ ମୁଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ନିଷ୍ପତ୍ତି ନେଲୁ। ମଦନପୁର ଗ୍ରାମର ସମାଜସେବୀ ସନ୍ତୋଷ କୁମାର ଜେନା ଏଥିରେ ସାମିଲ ହେଲେ। ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ପଢ଼ିବାରେ ସହାୟତା ପ୍ରଦାନ କରିବାକୁ ଏବଂ ସମସ୍ତ ଅର୍ଥ ନିଜେ ବହନ କରିବାକୁ ସେ ପ୍ରସ୍ତାବ ଦେଲେ। ତାଙ୍କର ଜେଜେଙ୍କ ନାମରେ ନାମିତ 'ପାଣ୍ଡବଜେନା ଫାଉଣ୍ଡେସନ୍' ଏହାର ପ୍ରାୟୋଜକ ଏବଂ ସଂସ୍କୃତି ସୁରକ୍ଷା ସମିତି, ଜଟଣୀ ଏହାର ଆୟୋଜକ ଅଟନ୍ତି। ଜଟଣୀ ନିର୍ବାଚନ ମଣ୍ଡଳୀର ଏଭଳି ଛାତ୍ରଛାତ୍ରୀଙ୍କୁ ନାମଲେଖା, ପରୀକ୍ଷା ଫି, ବହି, ସାଇକେଲ୍, ମୋବାଇଲ୍ ଆଦି ଦିଆଯାଉଛି। ଏହି ୧୪ ବର୍ଷ ଭିତରେ ହଜାର ହଜାର ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେଉଛନ୍ତି। ସେ ମଧ୍ୟରୁ ଅଧିକାଂଶ ଛାତ୍ରୀ ଓ ଅନେକ ପିତୃହୀନା। ବିଦ୍ୟାଳୟରୁ ତାଲିକା ଆଣି ଆମେ ସେମାନଙ୍କ ଘରକୁ ଯାଇ ସ୍ଥିତି ପରୀକ୍ଷା କରି ସହାୟତା ପ୍ରଦାନ କରୁଛୁ। କେତେକଙ୍କର ଦୁଃସ୍ଥିତି ଦେଖି ମୁଁ ଦୁଃଖାଭିଭୂତ ହୋଇପଡ଼େ। ସହାୟତା ମିଳୁନଥିଲେ ଅନେକଙ୍କର ଉଚ୍ଚଶିକ୍ଷା ଗ୍ରହଣରେ ଡ଼ୋରି ବନ୍ଧା ହୋଇଯାନ୍ତା।

ପ୍ର.ଦା-ସେବାମୂଳକ କାର୍ଯ୍ୟପ୍ରତି ଆପଣ ଆକର୍ଷିତ ହେବାର ଉତ୍ସ କ'ଣ ?

ତ୍ରି.ମ.- ମୋ ନନା ଗାଁ'ର ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ ସହିତ ଜଡ଼ିତ ରହିଥିଲେ। ମୁଁ ସେଥିରେ ପ୍ରଭାବିତ ହୋଇଥିଲି। ହାଇସ୍କୁଲରେ ପଢୁଥିବା ଗାଁ'ର ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ମାସର ଗୋଟିଏ ରବିବାର ଦିନ ଗାଁ ପୋଖରୀ, ମନ୍ଦିର, ଗାଁ ଦାଣ୍ଡ ଓଳେଇ ସଫା କରୁଥିଲୁ। ବର୍ଷାଦିନେ ବାଡ଼ରେ ଥିବା ଗଛଗୁଡ଼ିକ ଗାଁ ରାସ୍ତା ଓ ଗାଁ ଦାଣ୍ଡକୁ ମାଡ଼ିଆସେ, ଆମେ ଦଶହରା ଛୁଟିରେ ତାକୁ କାଟିକୁଟି ରାସ୍ତା ସଫାକରୁ। ଏହିପରି ମୋ ସେବା କାମର ମୂଳଦୁଆ ପଡ଼ିଥିଲା। ପ୍ରତିବର୍ଷ ଖରାଦିନ ପୂର୍ବରୁ ପ୍ରତିଘର ଦାଣ୍ଡ ଦୁଆରେପାଣି ହାଣ୍ଡି/କୁଣ୍ଡ ରଖିବାକୁ ଏବଂ ନିଆଁପ୍ରତି ସତର୍କ ରହିବାକୁ ସଚେତନ କରାଉଥିଲୁ। ଶିକ୍ଷକ ହେବାପରେ ବିଭିନ୍ନ ଗ୍ରାମର ଘରପୋଡ଼ି, ଗୁଜୁରାଟର ଭୂମିକମ୍ପ, ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ମିଶି ମୁଠି ଚାଉଳ ତଥା ଅର୍ଥ ଆଦାୟ କରି ସାହାଯ୍ୟ ଦେଉଥିଲୁ। ବନ୍ୟାକାଳରେ ମୋର ପୁରାତନ ଛାତ୍ରମାନେ ଚାନ୍ଦା ସଂଗ୍ରହ କରନ୍ତି। ଆମେ ଶୁଖିଲା ଓ ରନ୍ଧା ଖାଦ୍ୟ ନେଇ ଡଙ୍ଗାରେ ଯାଇ ସହାୟତା ପ୍ରଦାନ କରିଛୁ। ଜଟଣୀରେ ଅନୁଷ୍ଠିତ ମାଗଣା ଚିକିତ୍ସା ଶିବିର, ରକ୍ତଦାନ ଶିବିରରେ ଉପସ୍ଥିତ ରହି ଆୟୋଜକଙ୍କୁ ଉତ୍ସାହିତ କରେ। କେତେକ ହୃଦ୍‌ରୋଗୀ ଓ ଅନ୍ୟାନ୍ୟ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସୁବିଧା ପାଇବାପାଇଁ ସହାୟତା କରିଛି। ଏଥିରେ ଆତ୍ମତୃପ୍ତି ଲାଭ କରିଛି।

ପ୍ର.ଦା-ଆପଣଙ୍କର ପ୍ରିୟ ପତ୍ରିକା 'ଆମରିସତ୍ୟ' ସଂପର୍କରେ କିଛି କୁହନ୍ତୁ ।

ତ୍ରି.ମ.- 'ଆମରିସତ୍ୟ' ଜନ୍ମକାଳରୁ ତାକୁ ମୁଁ ଭଲପାଇଛି। ସମସ୍ତଙ୍କ ପାଇଁ ଉପଯୋଗୀ ପତ୍ରିକାଟିଏ। ସେଥିପାଇଁ ପାଠକୀୟ ଆଦୃତି ଲାଭ କରିବାକୁ ସମର୍ଥ ହୋଇଛି। ପାଠକଙ୍କର ପଠନତୃଷ୍ଣା ମେଣ୍ଟାଇବାଭଳି ସବୁପ୍ରକାରର ଲେଖା ପ୍ରକାଶ ପାଉଛି। ଛାତ୍ରଛାତ୍ରୀଙ୍କପାଇଁ ଉପଯୋଗୀ ପ୍ରଶ୍ନୋତ୍ତରଗୁଡ଼ିକ ବିଶେଷ ଆକର୍ଷଣୀୟ ହେଉଛି। ବାରବର୍ଷଧରି ନିୟମିତ ଭାବରେ ପ୍ରକାଶ ପାଇବା ଅତ୍ୟନ୍ତ ଉତ୍ସାହଜନକ ଏବଂ ଏଥିପାଇଁ ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଓ ତାଙ୍କ ପରିବାରର ଅବଦାନ ପ୍ରଶଂସନୀୟ। କେତେଜଣ ବରିଷ୍ଠ ତଥା ସମ୍ମାନାସ୍ପଦ ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ସହଯୋଗ ଏହାକୁ ଆଗେଇନେବାରେ ସହାୟକ ହୋଇଛି। 'ଆମରିସତ୍ୟ' ଗୋଟିଏ ପତ୍ରିକା ନୁହେଁ - ପାଠକୀୟ ସେବା କହିଲେ ଅତ୍ୟୁକ୍ତି ହେବନାହିଁ।

***ପ୍ର.ଦା- ତ୍ରିଲୋଚନ ମହାପାତ୍ର ମହୋଦୟ ଯାହା କହିଛନ୍ତି , ଏହା ତାଙ୍କର ଗର୍ବ ବା ଅହଂକାର ବୋଲି ମନେ ନକରିବାକୁ ପ୍ରଣମ୍ୟ ପାଠକମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି।***



ଲୋକର ସବୁଠାରୁ ବଡ଼ ଦୁର୍ବଳତା ହେଉଛି, ସେ ନିଜକୁ ଖୁବ୍ ବିଜ୍ଞ ବୋଲି ମନେକରେ ।

# ଜାତୀୟ ସ୍ମୃତିରେ କୁନ୍ନୁର



ବିଜୟ ଚନ୍ଦ୍ର ମହାପାତ୍ର

ତାମିଲନାଡୁ ରାଜ୍ୟ ପଶ୍ଚିମ ଉତ୍ତର ପାର୍ଶ୍ୱ ନୀଳଗିରି ପାର୍ବତ୍ୟାଞ୍ଚଳରେ ରହିଛି ୱେଲିଂଟନ ବା ଉଟି। ସ୍ଥାନୀୟ ଅନ୍ୟ ଏକ ନାମ ଉତ୍‌କାମଣ୍ଡଳମ୍। ଏକ ମନୋରମ ଶୈଳନିବାସ ସ୍ଥାନରେ ରହିଛି ପ୍ରତିରକ୍ଷା ସେବା ଅଧିକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟ। ସେଠାରୁ ଅଳ୍ପ ଦୂର କୁନ୍ନୁର ସହରରେ ରହିଛି ସାମରିକ ଚିକିତ୍ସାଳୟ। ଏହି କୁନ୍ନୁର ସହରର ଦୁଇଟି ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି।

ଡଃ. ଏ.ପି.ଜେ. ଅବ୍‌ଦୁଲ କାଲାମ୍ ଆମ ଦେଶର ରାଷ୍ଟ୍ରପତି ଥିବା ସମୟରେ ଥରେ କୁନ୍ନୁର ଗସ୍ତ କରିଥିଲେ। ସେଠାରେ ପହଞ୍ଚି ଶୁଣିଲେ ସ୍ଥାନୀୟ ସାମରିକ ଚିକିତ୍ସାଳୟରେ ଫିଲ୍ଡ ମାର୍ଶାଲ ସାମ ମାନେକ୍ସ ଚିକିତ୍ସିତ ହେଉଛନ୍ତି। ଯଦିଓ ପୂର୍ବରୁ କାର୍ଯ୍ୟକ୍ରମ ନଥିଲା. ଡଃ କାଲାମ୍ ଚାହିଁଲେ ଅସୁସ୍ଥ ମାନେକ୍ସାଙ୍କୁ ସାକ୍ଷାତ୍ କରିବାପାଇଁ । ତଦନୁଯାୟୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା ଏବଂ ସେ ମାନେକ୍ସାଙ୍କ ପାଖରେ ୧୫ ମିନିଟ୍ ସମୟ ଅତିବାହିତ କରିବା ମଧ୍ୟରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଏବଂ କିଛି ଅସୁବିଧା ବା ଅଭିଯୋଗ ଅଛିକି ପଚାରିଥିଲେ।



ଉତ୍ତର ମାନେକ୍ସା କହିଲେ, ମୋର ଏକ ଅଭିଯୋଗ ହେଲା, ମୋର ପ୍ରିୟ ଭାରତ ଦେଶର ମହାମହିମ ରାଷ୍ଟ୍ରପତି ମୋ ପାଖରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିବାବେଳେ ମୁଁ ଉଠି ସାଲ୍ୟୁଟ ଦେବା ସହ ସମ୍ମାନ ପ୍ରଦର୍ଶନ କରିବାକୁ ଅକ୍ଷମ। ଡ. କାଲାମ୍ ତାଙ୍କୁ ଧରିପକାଇଲେ। ଉଭୟଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ପରେ ପୁଣି ମାନେକ୍ସା କହିଲେ, ସେ ଫିଲ୍ଡ ମାର୍ଶାଲ ପଦକୁ ଉନ୍ନୀତ ହେବାପରେ ତଦନୁଯାୟୀ ଦୀର୍ଘ ପ୍ରାୟ ୨୦ ବର୍ଷର ବକେୟା ପେନ୍‌ସନ୍ ପାଇନାହାନ୍ତି। ସୂଚନା ଯୋଗ୍ୟ, ୧୯୭୧ ମସିହା ପାକିସ୍ତାନ ସହ ଯୁଦ୍ଧରେ ପାକ୍‌ସେନା ଆତ୍ମସମର୍ପଣ କରିବା ଓ ନୂତନ ଭାବେ ବାଲାଂଦେଶ ଜନ୍ମ ନେବାରେ ମାନେକ୍ସା ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

ରାଷ୍ଟ୍ରପତି ଡଃ.କାଲାମ୍ ଦିଲ୍ଲୀ ଫେରିଯିବା ପରେ ଗୋଟିଏ ସପ୍ତାହ ମଧ୍ୟରେ ମାନେକ୍ସାଙ୍କର ବକେୟା ପେନ୍‌ସନ୍ ପ୍ରାୟ ୧ କୋଟି ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରତିରକ୍ଷା ସଚିବଙ୍କ ଜରିଆରେ ସ୍ୱତନ୍ତ୍ର ବିମାନ ଯୋଗେ କୁନ୍ନୁର ନିକଟସ୍ଥ ୱେଲିଂଟନ ବା ଉଟିକୁ ପ୍ରେରଣ କଲେ। ମାନେକ୍ସା ଏହାକୁ ଗ୍ରହଣ କରିବାମାତ୍ରେ ସେନା ରିଲିଫ୍ ପାଣ୍ଠିକୁ ଦାନ କରିଦେଲେ।

ଏଠାରେ କିଏ ଅଧିକ ମହାନ୍ ଓ ସମ୍ମାନନୀୟ, ରାଷ୍ଟ୍ରପତି ଡଃ. କାଲାମ୍ ନା ଫିଲ୍ଡ ମାର୍ଶାଲ ମାନେକ୍ସା ବିଚାର କରିବା କଷ୍ଟକର। ଉଭୟେ କିନ୍ତୁ ଦେଶର ସମ୍ମାନ ଓ ଗୌରବ ବୃଦ୍ଧି କରିଛନ୍ତି।

ଅନ୍ୟ ଘଟଣାଟି ନିକଟ ଅତୀତରେ ଘଟିଛି ଗତ ଡିସେମ୍ବର ୮ ତାରିଖ ମଧ୍ୟାହ୍ନ ୧୨ଟା ୨୦ ମିନିଟ୍‌ରେ। ଦେଶର ପ୍ରତିରକ୍ଷା ବାହିନୀ ମୁଖ୍ୟ (ସି.ଡ଼ି.ଏସ୍.) ବିପିନ ରାୱତ ଓ ତାଙ୍କ ପତ୍ନୀ ମଧୁଲିକାଙ୍କ ସମେତ ତେର ଜଣଙ୍କର ହେଲିକପ୍ଟର ଦୁର୍ଘଟଣାରେ କୁନ୍ନୁର ନିକଟ କଟେରି ଗ୍ରାମର ନାଚପା ଚଟରାମଠାରେ ମୃତ୍ୟୁ ହେଲା। ଗୁରୁତର ଆହତ ଗ୍ରୁପ୍ କ୍ୟାପ୍‌ଟେନ୍ ବରୁଣ ସିଂହଙ୍କୁ ଉନ୍ନତ ଚିକିତ୍ସାପାଇଁ ତୁରନ୍ତ ବେଙ୍ଗାଲୁରୁସ୍ଥିତ ସେନାର କମାଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ୧୬ ତାରିଖ ସକାଳେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ୪୫% ପୋଡ଼ିଯାଇଥିବା ତାଙ୍କ ଶରୀରରେ ତିନୋଟି ଅସ୍ତ୍ରୋପଚାର କରାଯାଇଥିଲା।

ଦୁର୍ଘଟଣାରେ ମୃତ ଅନ୍ୟମାନଙ୍କ ମଧ୍ୟରେ ସି.ଡ଼ି.ଏସ୍. ଙ୍କ ସୁରକ୍ଷା ପରାମର୍ଶଦାତା ବ୍ରିଗେଡ଼ିଆର୍ ଲଗ୍‌ବିନ୍ଦର୍ ସିଂହ ଲିଡ଼ର ଯେ'କି ନିକଟରେ ମେଜର ଜେନେରାଲ ପଦକୁ ଉନ୍ନୀତ ହୋଇଥାନ୍ତେ। ସୈନ୍ୟ ପରାମର୍ଶଦାତା ତଥା ଷ୍ଟାଫ୍ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ହରଜିନ୍ଦର ସିଂହ, ୱିଙ୍ଗ କମାଣ୍ଡର ପ୍ରତୀକ ସିଂ ଚୌହାଣ, ସ୍କ୍ୱାଡ୍ରନ ଲିଡ଼ର କୁଳଦୀପ ସିଂ, ଜୁନିଅର ୱାରେଣ୍ଟ ଅଫିସର ରାଣାପ୍ରତାପ ଦାସ (ଓଡ଼ିଆ), ଜୁନିଅର ଅଫିସର ଆରକ୍କଲ ପ୍ରଦୀପ, ହାବିଲଦାର ସତପାଲ, ନାୟକ ଗୁରୁ ସେବକ ସିଂ, ନାୟକ ଜିତେନ୍ଦ୍ର କୁମାର, ଲାନ୍ସ ନାୟକ ବିବେକ କୁମାର ଓ ବୀର ସାଇତେଜା। ସହିଦ୍ ଓଡ଼ିଆପୁଅ ରାଣାପ୍ରତାପ ଦାସଙ୍କ ମରଶରୀର ୧୧ ତାରିଖ ଦିନ ଦିଲ୍ଲୀରୁ ବିମାନରେ ଅଣାଯାଇ ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟାହ୍ନ ୧୨ଟାରେ ପହଞ୍ଚିବାପରେ ଗାର୍ଡ଼ ଅଫ୍ ଅନର୍ ଦିଆଗଲା। ମୁଖ୍ୟମନ୍ତ୍ରୀ ଓ ବହୁବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାପରେ ବାୟୁସେନାର ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ନିଜ ଗ୍ରାମ ଅନୁଗୋଳ ଜିଲ୍ଲା, ତାଳଚେର ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ଗ୍ରାମର ଶ୍ମଶାନରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଶବସଂସ୍କାର କରାଗଲା।

ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏମ୍.ଆଇ. ୧୭ ର ୫ ଗୁଣ ନିର୍ମିତ ବାୟୁସେନା ହେଲିକପ୍ଟରଟି ଦୁଇ ଇଞ୍ଜିନ୍ ବିଶିଷ୍ଟ ବିଶ୍ୱର ସର୍ବାଧିକ ସୁରକ୍ଷିତ ବହୁମୁଖୀଯାନ ଥିଲା। ଏହା ଏମ୍.ଆଇ. ୧୭ ପରିବହନ ହେଲିକପ୍ଟର ଶ୍ରେଣୀର ହୋଇଥିବାବେଳେ ଅତି ଉଚ୍ଚ ଆକାଶରେ ଓ ଯେକୌଣସି ପାଣିପାଗ ତଥା ଭୌଗୋଳିକ ଅବସ୍ଥାରେ ଉଡ଼ିପାରିବାର ଦକ୍ଷତା ଥିଲା। ରାତ୍ରରେ ମଧ୍ୟ ଏହା ଉଡ଼ିପାରିବା ସହ ଲକ୍ଷ୍ୟସ୍ଥଳରେ ରକେଟ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିପାରେ। ଏକାଦିକ୍ରମେ ଏହା ୧୩ହଜାର କିଲୋଗ୍ରାମ ଓଜନର ସାମଗ୍ରୀ ଓ ୩୬ଜଣ ଯବାନଙ୍କ ପରିବହନ ସହ ଘଣ୍ଟାପ୍ରତି ୨୫୦ କିଲୋମିଟର ବେଗରେ ଉଡ଼ିପାରେ। ୨୦୧୩ ରୁ ୧୦୧୫ ମଧ୍ୟରେ ଏଭଳି ୮୦ଟି ହେଲିକପ୍ଟର ୧୩୦ କୋଟି ଡଲାର ମୂଲ୍ୟରେ କିଣାଯାଇ ବାୟୁସେନାରେ ସାମିଲ ହୋଇଥିଲା।

ୱେଲିଂଟନସ୍ଥିତ ପ୍ରତିରକ୍ଷା ସେନା ଅଧିକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ପ୍ରଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ଉଦ୍‌ବୋଧନ ଦେବା ଉଦ୍ଦେଶ୍ୟରେ ଜେନେରାଲ ବିପିନ ରାୱତ ଡିସେମ୍ବର ୮ ତାରିଖ ସକାଳ ୯ଟାରେ ସପତ୍ନୀ ସହ ଦିଲ୍ଲୀରୁ ବାହାରି ୧୦ଟା ୩୫ ମିନିଟ୍‌ରେ କୋଏମ୍ବାଟୁର ନିକଟସ୍ଥ ସୁଲୁର ବାୟୁସେନା ଘାଟିରେ ପହଞ୍ଚିଥିଲେ। ୧୧ ଟା ୪୫ମିନିଟ୍ ସମୟରେ ଏହା ଗନ୍ତବ୍ୟସ୍ଥଳକୁ ଉଡ଼ାଣ ଆରମ୍ଭକରି ୯୪ କିଲୋମିଟର ଆସିବାପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆଉ ମାତ୍ର ୫ ମିନିଟ୍ ପରେ ୱେଲିଂଟନ ବାୟୁସେନା ଶିବିରରେ ପହଞ୍ଚିଥାଆନ୍ତେ। ପାହାଡ଼ିଆ ଓ ଜଙ୍ଗଲ ପରିବେଷ୍ଟିତ ଶୀତରତୁର ଘନକୁହୁଡ଼ି ମଧ୍ୟରେ ବୈମାନିକ ଦେଖିନପାରି କିମ୍ବା ଯାନ୍ତ୍ରିକ ତ୍ରୁଟି ହେତୁ ଗଛରେ ପିଟି ହେବା ହେତୁ ହିଁ ଦୁର୍ଘଟଣା ଘଟିଥିବା ସାମ୍ଭାବ୍ୟ କାରଣ। ଏଥିରେ ରାୱତଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଓ ସହଯୋଗୀ ଅଧିକାରୀଙ୍କୁ ମିଶାଇ ୯ ଜଣ ଓ ଦୁଇ ବୈମାନିକଙ୍କ ସହ ୫ ଜଣ ବିମାନ କର୍ମଚାରୀ ରହିଥିଲେ। ଏଭଳି ଅତ୍ୟନ୍ତ ସୁରକ୍ଷିତ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ବିଶେଷଜ୍ଞଙ୍କୁ ବିସ୍ମିତ କରିଛି।

୨୦୧୫ ଅନୁରୂପ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଲେଫ୍ଟନାଣ୍ଟ ଜେନେରାଲ ରାୱତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ସେ ବର୍ଷ ଫେବୃୟାରୀ ୩ ତାରିଖରେ ସେ ଓ ସେନାର ଅନ୍ୟ ତିନିଜଣ ଅଧିକାରୀ ଛଡ଼ା ହେଲିକପ୍ଟରରେ ନାଗାଲାଣ୍ଡ ଜିମାପୁରରୁ ଉଡ଼ାଣ ଆରମ୍ଭ କରିବାର କିଛିସମୟପରେ ୨୦ ଫୁଟ ଉଚ୍ଚତାରେ ଥିବାବେଳେ ଇଞ୍ଜିନ୍ ଅଚଳ ହୋଇ ଧ୍ୱଂସ ହୋଇଯାଇଥିଲା। ହେଲେ ରାୱତଙ୍କର କିଛି କ୍ଷତି ହୋଇନଥିଲା।

୨୦୧୯ ଡିସେମ୍ବର ୩୦ ତାରିଖରେ ସ୍ଥଳସେନା, ନୌସେନା ଓ ବାୟୁସେନାର ସର୍ବୋଚ୍ଚ ମୁଖ୍ୟପଦ ଚିଫ୍ ଅଫ୍ ଡିଫେନ୍ସ ଷ୍ଟଫ୍ (ସି.ଡ଼ି.ଏସ୍.) ଭାବେ ଜେନେରାଲ ରାୱତଙ୍କୁ ନିଯୁକ୍ତି ଦିଆଯିବାପରଠାରୁ ସେ ଏହି ପଦରେ ନିଜର କାର୍ଯ୍ୟନିର୍ବାହ କରିଆସୁଥିଲେ। ସେନାର ତିନିବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବାପାଇଁ ସରକାର ଏହି ପଦ ଗଠନ କରିଥିଲେ। ସ୍ଥଳସେନାର ୨୭ ତମ ମୁଖ୍ୟ ଭାବେ ଜେନେରାଲ ରାୱତ କାର୍ଯ୍ୟ କରିଥିଲେ। କର୍ମଚାରୀ କମିଟିର ମଧ୍ୟ ସ୍ଥାୟୀ ମୁଖ୍ୟ ପଦରେ ରହିଥିଲେ। ସେ ଜାତିସଂଘ ଶାନ୍ତିବାହିନୀରେ କାର୍ଯ୍ୟ କରିଥିଲେ। ଦେଶ ପ୍ରତିରକ୍ଷାବାହିନୀର ଆଧୁନିକୀକରଣ ସହ ଭାରତୀୟ ସେନା ସର୍ବାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେବା ସେ ଚାହୁଁଥିଲେ। ୨୦୦୮ ରେ କଙ୍ଗୋରେ ନିୟୋଜିତ ଜାତିସଂଘର ବହୁରାଷ୍ଟ୍ରୀୟ ବିଗ୍ରେଡ଼ର ନେତୃତ୍ୱ ନେଇଥିଲେ। ତାଙ୍କ ସମୟରେ ଉତ୍ତର ପୂର୍ବ ଭାରତରେ ଆତଙ୍କବାଦ କାର୍ଯ୍ୟକଳାପ ହ୍ରାସ ପାଇଲା। ୨୦୧୬ ରେ ପାକିସ୍ତାନ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍‌ର ଯୋଜନା କରିଥିଲେ। ୨୦୧୭ ରେ ଭୁଟାନର ଡ଼ୋକଲାମ୍‌କୁ ନେଇ ଚୀନ ସହ ମୁହାଁମୁହିଁ ପରିସ୍ଥିତିକୁ ସମାଧାନ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ସି.ଡ଼ି.ଏସ୍.ଙ୍କ ଦିବଂଗତ ପତ୍ନୀ ମଧୁଲିକାଙ୍କ ପିତା ହେଉଛନ୍ତି ମଧ୍ୟପ୍ରଦେଶର ରାଜନେତା ସ୍ୱର୍ଗତ ମ୍ରିଗେନ୍ଦ୍ର ସିଂ। ଶ୍ରୀମତୀ ରାୱତ ସେନାପତ୍ନୀ କଲ୍ୟାଣ ସଂଘର ସଭାନେତ୍ରୀ ଭାବେ ସେନା କର୍ମଚାରୀଙ୍କ ପତ୍ନୀ ସନ୍ତାନ ଓ ଅନ୍ୟ ସଦସ୍ୟଙ୍କୁ ସାହାଯ୍ୟ କରିଥିଲେ। ଏହା ପୂର୍ବରୁ ବୀରନାରୀ (ଶହିଦଙ୍କ ପତ୍ନୀ), ଭିନ୍ନକ୍ଷମ ଓ ଅନ୍ୟମାନଙ୍କ ପାଇଁ ତଥା କର୍କଟ ରୋଗ ପୀଡ଼ିତଙ୍କ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅନେକ ସାମାଜିକ କାର୍ଯ୍ୟ ମଧ୍ୟ କରିଥିଲେ।

ଏହି ଦୁଇ ଜାତୀୟ ସୁରକ୍ଷା ସଂପର୍କିତ ସ୍ମୃତି କୁନ୍ନୁରକୁ ସ୍ମରଣୀୟ କରିଛି।

**ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**
ମୋ - ୯୪୩୭୩୮୬୬୬୮



ସ୍ତାବକମାନଙ୍କ କବଳରେ ଥରେ ପଡ଼ିଗଲେ ଲୋକେ ନିଶ୍ଚୟ ନିଜତ୍ୱ ହରାଇ ବସିବେ।

# ୨୦୨୧ରେ
# ଆମର ଶ୍ରେଷ୍ଠ କ୍ରୀଡ଼ା ସଫଳତା



**ଆଶିଷ କୁମାର ରାୟ**

ଯଦି ଆମେ ବିଦାୟୀ ବର୍ଷ ୨୦୨୧ରେ ଭାରତକୁ ମିଳିଥିବା କ୍ରୀଡ଼ା ସଫଳତା ଉପରେ ଦୃଷ୍ଟିନିକ୍ଷେପ କରିବା ତେବେ ଆନନ୍ଦିତ କଲା ଭଳି ବେଶ କେତୋଟି ଘଟଣା ଆମ ସ୍ମୃତିପଟକୁ ଚାଲିଆସିବ। ଯେପରିକି କ୍ରିକେଟରେ ଅଷ୍ଟ୍ରେଲିଆ ଓ ଇଂଲାଣ୍ଡ ବିରୁଦ୍ଧରେ ସିରିଜ ବିଜୟ ସହିତ ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍ର ଫାଇନାଲରେ ପ୍ରବେଶ, ଦୀର୍ଘ ୪୧ବର୍ଷ ବ୍ୟବଧାନ ପରେ ଅଲିମ୍ପିକ୍ ହକିରେ ବ୍ରୋଞ୍ଜ ପଦକ ହାସଲ, ଟୋକିଓ ଅଲିମ୍ପିକ୍ରେ ମୀରାବାଇ ଚାନୁ ଓ ରବି କୁମାର ଦହିୟାଙ୍କ ରୌପ୍ୟପଦକ, କେନିୟାରେ ଆୟୋଜିତ ବିଶ୍ୱ ଜୁନିଅର ଆଥଲେଟିକ୍ସରେ ଶାୟଲୀ ସିଂହ ଓ ଅମିତ ଖତ୍ରୀଙ୍କ ରୌପ୍ୟପଦକ, ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଆନସିପ୍ରେ କିଡ଼ାମ୍ବି ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନଙ୍କ ପଦକ ହାସଲ ତଥା ଟୋକିଓ ପାରା ଅଲିମ୍ପିକ୍ରେ ଅବନୀ ଲେଖାରା, ସୁମିତ ଅନ୍ତିଲ, ମନୀଶ ନରୱାଲ, ପ୍ରମୋଦ ଭଗତ ଓ କ୍ରିଷ୍ଣା ନାଗରଙ୍କ ସ୍ୱର୍ଣ୍ଣ ବିଜୟ। ତେବେ ନିଶ୍ଚିତ ଭାବେ ନୀରଜ ଚୋପ୍ରାଙ୍କ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକଟି ହିଁ ଥିଲା ବିଦାୟୀ ବର୍ଷ ୨୦୨୧ରେ ଆମ ଦେଶର ସର୍ବଶ୍ରେଷ୍ଠ ସଫଳତା।



କ୍ରୀଡ଼ାକ୍ଷେତ୍ରରୁ ଯେଉଁଭଳି ସଫଳତା ମିଳୁ ବୋଲି ଆମ ଦେଶର ଅଗଣିତ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଆଶା ରଖିଥିଲେ, ଟୋକିଓ ଅଲିମ୍ପିକ୍ରେ ନୀରଜଙ୍କ ସ୍ୱର୍ଣ୍ଣପଦକ ବିଜୟ ସେହି ଆଶାକୁ ଅନେକାଂଶରେ ପୂରଣ କରିବା ଦିଗରେ ସମର୍ଥ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରକୃତରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଖେଳଗୁଡ଼ିକୁ ମଦର ଅଫ୍ ଅଲ୍ ଗେମ୍ସ ବୋଲି କୁହାଯାଏ। ହେଲେ ଅତୀତରେ ଆମ ଦେଶର କ୍ରୀଡ଼ାବିତମାନେ ହକି ଓ କ୍ରିକେଟ ଭଳି ଦଳଗତ କ୍ରୀଡ଼ା ସହିତ ବିଲିୟାର୍ଡସ୍, କୁସ୍ତି, ବକ୍ସିଂ, ଭାରୋତ୍ତୋଳନ, ବ୍ୟାଡମିଣ୍ଟନ, ଶୁଟିଂ ଓ ଚେସ୍ ଭଳି ଖେଳରେ ବିଶ୍ୱବିଜେତା ହେବାର ଗୌରବ ହାସଲ କରିଥିଲେ ହେଁ ଆଥ୍ଲେଟିକ୍ସରେ ଆମ ଖେଳାଳିମାନେ ବହୁତ ପଛରେ ପଡ଼ି ରହିଥିଲେ।

୧୨୧ ବର୍ଷ ପୂର୍ବେ କୋଲକାତାରେ ବାସ କରୁଥିବା ନର୍ମାନ୍ ପିଟଚାର୍ଡ ନାମକ ଜଣେ ଆଂଲୋ ଇଣ୍ଡିୟାନ୍ ଯୁବକ ୧୯୦୦ମସିହାର ପ୍ୟାରିସ ଅଲିମ୍ପିକ୍ର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆମ ଦେଶ ପାଇଁ ଦୁଇଟି ରୌପ୍ୟପଦକ ଜିତିଥିଲେ। ୨୦୦ମିଟର ଦୌଡ଼ ଓ ୨୦୦ମିଟର ହର୍ଡଲ୍ସରେ ତାଙ୍କୁ ମିଳିଥିଲା ଏହି ଅନନ୍ୟ ସଫଳତା। ଏହା ପରଠାରୁ ଭାରତର ଅନ୍ୟ କୌଣସି ଖେଳାଳି ଅଲିମ୍ପିକ୍ର ଆଥଲେଟିକ୍ସ ପ୍ରତିଯୋଗିତାରେ ପଦକ ଜିତିବା ଦିଗରେ ସମର୍ଥ ହୋଇନଥିଲେ। ଏପରିକି ମିଲଖା ସିଂହ ଓ ପି.ଟି. ଉଷାଙ୍କ ଭଳି ପ୍ରସିଦ୍ଧ ଆଥଲେଟ୍ ମଧ୍ୟ ଅଳ୍ପେକେ ଅଲିମ୍ପିକ୍ ପଦକରୁ ବଞ୍ଚିତ ରହିଯାଇଥିଲେ। ୧୯୬୦ର ରୋମ୍ ଅଲିମ୍ପିକ୍ରେ ଫ୍ଲାଇଙ୍ଗ୍ ଶିଖ୍ ଭାବେ ପରିଚିତ ମିଲଖା ସିଂହ ୪୦୦ମିଟର ଦୌଡ଼ରେ ତଥା ୧୯୮୪ର ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ରେ ଭାରତର ଦୌଡ଼ରାଣୀ ପି.ଟି. ଉଷା ୪୦୦ମିଟର ହର୍ଡଲ୍ସରେ ଖୁବ କମ ବ୍ୟବଧାନରେ ଚତୁର୍ଥ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲେ। ସେହିଭଳି ୨୦୦୩ରେ ଲଙ୍ଗଜମ୍ପ ତାରକା ଅଞ୍ଜୁ ବବି ଜର୍ଜଙ୍କୁ ମିଳିଥିବା ବ୍ରୋଞ୍ଜ ପଦକଟି ଏଯାବତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍ରେ ଭାରତର ଏକମାତ୍ର ପଦକ ହୋଇରହିଛି। ସେହି ଦୃଷ୍ଟିରୁ ୧୨୧ବର୍ଷର ବ୍ୟବଧାନ ପରେ ଅଲିମ୍ପିକ୍ରେ ନୀରଜ ଚୋପ୍ରାଙ୍କ ମାଧ୍ୟମରେ ମିଳିଥିବା ପଦକଟି ଆମ ପାଇଁ ବହୁତ ମହତ୍ତ୍ୱ ବହନ କରେ।

କରୋନା ମହାମାରୀ ଯୋଗୁଁ ଏକ ବର୍ଷ ବିଳମ୍ବରେ ଆୟୋଜିତ ଟୋକିଓ ଅଲିମ୍ପିକ୍ର ଜାଭଲିନ୍ ଥ୍ରୋ ପ୍ରତିଯୋଗିତାରେ ନୀରଜ ଚୋପ୍ରାଙ୍କଠାରୁ ପଦକ ଆଶା ତ ରହିଥିଲା, ତେବେ ସେ ଯେ ସ୍ୱର୍ଣ୍ଣ ଜିତିବେ ତାହା ଥିଲା ସମସ୍ତଙ୍କ କଳ୍ପନାର ବାହାରେ। ପ୍ରକୃତରେ ଜର୍ମାନୀର ଯୋହାନସ୍ ଭେଟରଙ୍କ ସ୍ୱର୍ଣ୍ଣ ଜିଣିବାର



ପରିଶ୍ରମୀ ଲୋକର ନିଦ୍ରା ପ୍ରକୃତରେ ଅତି ମଧୁର ବା ସୁଖପ୍ରଦ।

ସମ୍ଭାବନା ଥିଲା ସବୁଠାରୁ ଅଧିକ; କାରଣ ଆନ୍ତର୍ଜାତିକ ମୁକାବିଲାମାନଙ୍କରେ ତାଙ୍କର ଅଧିକାଂଶ ଥ୍ରୋ ନବେ ମିଟରରୁ ଅଧିକ ଦୂରତା ଅତିକ୍ରମ କରୁଥିଲା। ଅନ୍ୟ ଦିଗରେ ନୀରଜଙ୍କ ସର୍ବଶ୍ରେଷ୍ଠ ଥ୍ରୋ ଥିଲା ୮୮.୦୭ ମିଟରର, ଯାହାକି ସେ ୨୦୨୧ର ଜାତୀୟ ଆଥଲେଟିକ୍ସ ମିଟ୍‌ରେ ହାସଲ କରିଥିଲେ। ଏତଦ୍‌ବ୍ୟତୀତ ୨୦୧୮ର ଜାକର୍ତ୍ତା ଏସିଆଡରେ ସେ ୮୮.୦୬ ମିଟର ଦୂରତ୍ୱକୁ ଜାଭଲିନ୍ ନିକ୍ଷେପ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ତେବେ ଅଗଷ୍ଟ ୭ ତାରିଖ ଦିନ ଟୋକିଓର ଅଲିମ୍ପିକ୍ ଷ୍ଟାଡିୟମରେ ସୃଷ୍ଟି ହେଲା ଭାରତୀୟ କ୍ରୀଡ଼ାର ଏକ ନୂଆ ଇତିହାସ। ବିଶ୍ୱ ଚାମ୍ପିଆନ୍ ଯୋହାନସ୍ ଭେଟର୍ ନିଜର ପୂର୍ବ ପ୍ରଦର୍ଶନକୁ ଦୋହରାଇ ନ ପାରି ନବମ ସ୍ଥାନରେ ରହିଗଲେ ଏବଂ ନୀରଜ ଚୋପ୍ରା ୮୭.୫୮ ମିଟର ଦୂରକୁ ଜାଭଲିନ୍ ପକାଇ ନିଜପାଇଁ ଓ ଦେଶପାଇଁ ସ୍ୱର୍ଣ୍ଣପଦକ ହାସଲ କରିନେଲେ। ଚେକ୍ ରିପବ୍ଲିକ୍‌ର ଦୁଇଜଣ ତାରକା ୟାକବ ଓ୍ୱାଡଲେଜ୍ ଓ ଭିଟେସ୍ଲାଭ ଭେସିଲୀ, ଜର୍ମାନୀର କୁଲିୟାନ୍ ଓ୍ୱେବର୍, ପାକିସ୍ତାନର ଅର୍ସାଦ ନଦୀମ ଆଦି ସେଦିନ ରହିଗଲେ ନୀରଜଙ୍କ ପଛରେ। ଏଥିସହିତ ରାଇଫଲ୍ ଶୁଟର୍ ଅଭିନବ ବିନ୍ଦ୍ରାଙ୍କ ପରେ ଅଲିମ୍ପିକ୍‌ର ବ୍ୟକ୍ତିଗତ କ୍ରୀଡ଼ାରେ ନୀରଜ ଭାରତର ଦ୍ୱିତୀୟ ସ୍ୱର୍ଣ୍ଣ ବିଜେତା ବନିଗଲେ।



୨୪ ଡିସେମ୍ବର ୧୯୯୭ରେ ହରିୟାଣାର ପାନିପତ୍ ନିକଟସ୍ଥ ଖାଣ୍ଡ୍ରା ନାମକ ଗ୍ରାମର ଏକ ଚାଷୀ ପରିବାରରେ ନୀରଜଙ୍କ ଜନ୍ମ। ପିତା ସତୀଶ କୁମାର ଓ ମାତା ସରୋଜ ଦେବୀଙ୍କ ଗେହ୍ଲାପୁଅ ନୀରଜ ଯେ ଦିନେ କ୍ରୀଡ଼ାକ୍ଷେତ୍ରକୁ ଆସିବେ ଓ ଦେଶପାଇଁ ସୁନାମ ଅର୍ଜନ କରିବେ ତାହାର କଳ୍ପନା କିଛିବର୍ଷ ପୂର୍ବେ ବୋଧହୁଏ କେହି କରିନଥିବେ। କାରଣ ଆଥଲେଟିକ୍ସ ଦୁନିଆରେ ନୀରଜଙ୍କ ପ୍ରବେଶ ଥିଲା ଏକ ସଂଯୋଗ ମାତ୍ର। ପିଲାଦିନେ ଅଧିକ ମୋଟା ହୋଇଯାଇଥିବାରୁ ନୀରଜଙ୍କୁ ତାଙ୍କ ପିତା ଏକ ଜିମ୍‌ରେ ଭର୍ତ୍ତି କରାଇବା ସହିତ ପାନିପତ୍‌ର ଶିବାଜୀ ଷ୍ଟାଡିୟମରେ ଦୌଡ଼ାଧାଁ କରିବାକୁ ପଠାଇଥିଲେ। ସେହିଠାରୁ ହିଁ ନୀରଜଙ୍କ ଖେଳାଳି ଜୀବନର ମୂଳଦୁଆ ପଡ଼ିଲା। ୨୦୧୦ରେ ଜୟବୀର ଚୌଧୁରୀ ନାମକ ଜନୈକ ସ୍ଥାନୀୟ ପ୍ରଶିକ୍ଷକ ତାଙ୍କର ଲୁକ୍କାୟିତ ପ୍ରତିଭାକୁ ଠାବ କରି ଜାଭଲିନ୍ ଥ୍ରୋର ପ୍ରାରମ୍ଭିକ ଶିକ୍ଷା ଦେବାକୁ ଲାଗିଲେ। ନୀରଜ ମଧ୍ୟ ଏଭଳି ଏକ କଷ୍ଟସାଧ୍ୟ ଖେଳରେ ନିଜକୁ ନିୟୋଜିତ କରି ଏଥିରେ ଦିନକୁ ଦିନ ଉନ୍ନତି କରିବାକୁ ଲାଗିଲେ।

୨୦୧୫ରେ ଅଲ୍ ଇଣ୍ଡିଆ ୟୁନିଭର୍ସିଟି ଗେମ୍‌ରେ ୮୧.୦୪ ମିଟରକୁ ଜାଭଲିନ୍ ଥ୍ରୋ କରି ସ୍ୱର୍ଣ୍ଣ ଜିତିବା ପରେ ନୀରଜଙ୍କ ପ୍ରତିଭା ଅନେକଙ୍କ ଦୃଷ୍ଟି ଆକର୍ଷିତ କଲା। ତେବେ ୨୦୧୬ରେ ବିଶ୍ୱ ସ୍ତରରେ ତାଙ୍କ ପ୍ରତିଭାର ଚମକ ଦେଖିବାକୁ ମିଳିଲା, ଯେତେବେଳେ ସେ ପୋଲାଣ୍ଡରେ ଆୟୋଜିତ ଜୁନିଅର ବିଶ୍ୱ ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହିତ ୮୬.୪୮ ମିଟର ଦୂରକୁ ଜାଭଲିନ୍ ଫିଙ୍ଗି ନୂତନ ଜୁନିଅର ବିଶ୍ୱ ରେକର୍ଡ ସ୍ଥାପନ କଲେ। ଏହି ଦୂରତ୍ୱ ସହିତ ସେ ରିଓ ଅଲିମ୍ପିକ୍ ସକାଶେ ମଧ୍ୟ କ୍ୱାଲିଫାଇ କରିଥାନ୍ତେ, କିନ୍ତୁ ସେତେବେଳକୁ ଅଲିମ୍ପିକ୍ ପାଇଁ ଯୋଗ୍ୟତା ହାସଲର ସମୟ ସମାପ୍ତ ହୋଇ ସାରିଥିବାରୁ ନିରାଶ ହେବାକୁ ପଡ଼ିଲା। ତେବେ ଅଷ୍ଟ୍ରେଲିଆର ଗ୍ୟାରୀ କାଲଭେର୍ଟ ଓ ପରବର୍ତ୍ତୀ ସମୟରେ ଜର୍ମାନୀର ପ୍ରସିଦ୍ଧ ଆଥଲେଟ୍ ତଥା କୋଚ୍ ଉବେ ହନ୍ ଆଦିଙ୍କ ପ୍ରଶିକ୍ଷଣରେ ସେ ନିଜର ପ୍ରତିଭାକୁ ଅଧିକ ବିକଶିତ କରିବା ସହିତ ୨୦୧୭ରେ ଭୁବନେଶ୍ୱରରେ ଆୟୋଜିତ ଏସୀୟ ଆଥଲେଟିକ୍ସ, ୨୦୧୮ରେ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଜାକର୍ତ୍ତା ଏସିଆଡରେ ସ୍ୱର୍ଣ୍ଣ ପଦକ ହାସଲ କଲେ। ଅନ୍ୟାନ୍ୟ ଇଭେଣ୍ଟରେ ମଧ୍ୟ ତାଙ୍କୁ ସଫଳତା ମିଳିଲା।

ଏହାପରେ ଆଘାତପ୍ରାପ୍ତ ହୋଇ କିଛିଦିନ କ୍ରୀଡ଼ାଙ୍ଗନରୁ ଦୂରେଇ ରହିବା ପରେ ଜାନୁଆରୀ-୨୦୨୦ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଅଲିମ୍ପିକ୍ କ୍ୱାଲିଫାୟରରେ ୮୭.୮୬ ମିଟରର ଜାଭଲିନ୍ ନିକ୍ଷେପ ସହିତ ଅଲିମ୍ପିକ୍ ପଦାର୍ପଣର ସୁଯୋଗ ହାସଲ କରିନେଲେ। ପରିଶେଷରେ ଅଲିମ୍ପିକ୍‌ରେ ସେ ଦେଶର ଅଗଣିତ କ୍ରୀଡ଼ାନୁରାଗୀଙ୍କୁ ଏକ ବିରଳ ସ୍ୱର୍ଣ୍ଣପଦକ ଉପହାର ସ୍ୱରୂପ ପ୍ରଦାନ କଲେ। ନିକଟରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିବା ଭାରତର ଏହି ଗୋଲଡେନ୍ ବୟ ଭବିଷ୍ୟତରେ ମଧ୍ୟ ଆହୁରି ଅଧିକ ସଫଳତା ହାସଲ ନିମନ୍ତେ ଏବେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଶିକ୍ଷଣ ଆରମ୍ଭ କରିଦେଇଛନ୍ତି। ଏହିବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସୀୟ କ୍ରୀଡ଼ା, ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ, ଡାଇମଣ୍ଡ ଲିଗ୍ ତଥା ଅନ୍ୟାନ୍ୟ ପ୍ରତିଯୋଗିତାରେ ବିଜୟୀ ହେବା ସହିତ ୨୦୨୪ର ପ୍ୟାରିସ୍ ଅଲିମ୍ପିକ୍‌ରେ ନିଜର ସ୍ୱର୍ଣ୍ଣ ବିଜୟୀ ପ୍ରଦର୍ଶନ ବଜାୟ ରଖିବା ତାଙ୍କର ଲକ୍ଷ୍ୟ ହୋଇ ରହିବ ନିଶ୍ଚୟ।


ମୋ- ୯୪୩୭୬୨୭୫୧୪




ଲୋକଚକ୍ଷୁରେ ରହିବାକୁ ଯିଏ ଇଚ୍ଛାକରେ, ସେ ଲୋକଙ୍କଦ୍ୱାରା ନିନ୍ଦିତ ହେବାକୁ ମଧ୍ୟ ପ୍ରସ୍ତୁତ ହୋଇଥିବା ଉଚିତ୍।

# ସମ୍ବାଦ ବିଚିତ୍ରା

୧. ପାଂଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ତାରିଖ ଜାନୁୟାରୀ ମାସରେ ଘୋଷଣା କରାଯିବ ।
୨. ନୂଆ ଜାତୀୟ ଶିକ୍ଷାନୀତିରେ ମାତୃଭାଷାରେ ଇଂଜିନିୟରିଂ ଶିକ୍ଷା ଯୁବପିଢ଼ିକୁ ସଶକ୍ତ କରିବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।
୩. ୨୦୧୯ ବର୍ଷର ତଥ୍ୟକୁ ନେଇ ନୀତିଆୟୋଗ ଦ୍ୱାରା ପ୍ରକାଶିତ ଜାତୀୟ ଶିକ୍ଷା ସ୍ୱାସ୍ଥ୍ୟ ସୂଚକଙ୍କ ରିପୋର୍ଟରେ ବୃହତ ରାଜ୍ୟ ବର୍ଗତାଲିକାରେ ୪ର୍ଥ ବର୍ଷପାଇଁ ମଧ୍ୟ କେରଳ ଶୀର୍ଷ ସ୍ଥାନରେ ରହିଛି। ତାମିଲନାଡୁ ୨ୟ ଓ ୩ୟ ରେ ରହିଛି ତେଲେଙ୍ଗାନା।
୪. ଦେଶର ପ୍ରତି ଜିଲ୍ଲାରେ ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ।
୫. ଶ୍ରୀଅରବିନ୍ଦଙ୍କର ୧୫୦ ତମ ଜନ୍ମବାର୍ଷିକ ପାଳନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୩ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।
୬. ୨୦୨୨ ଜାନୁୟାରୀ ୩ ତାରିଖରୁ ୧୫ ରୁ ୧୮ ବର୍ଷ ବୟସର ପିଲାମାନଙ୍କର ଟୀକାକାରଣ କାର୍ଯ୍ୟ ଆରମ୍ଭ ହେବ।
୭. ବର୍ଣ୍ଣବୈଷମ୍ୟବାଦ ବିରୋଧରେ ଆଜୀବନ ସଂଘର୍ଷ କରିଥିବା ଦକ୍ଷିଣ ଆଫ୍ରିକାର ମହାନ୍ ନେତା ଡ଼େସ୍‌ମଣ୍ଡ ଟୁଟୁଙ୍କର ୯୦ ବର୍ଷରେ ପରଲୋକ ହୋଇଛି।
୮. ମଧ୍ୟପ୍ରଦେଶରେ ବର୍ତ୍ତମାନ ପାଇଁ ପଂଚାୟତ ନିର୍ବାଚନ ସ୍ଥଗିତ କରିବାପାଇଁ କେବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି।
୯. ପ୍ରଥମଥର ପାଇଁ ୨୦୨୨ ରେ ବିଶ୍ୱ ଅର୍ଥନୈତିକ ଉତ୍ପାଦନ ମିଲିୟନ୍ ଡଲାର ଅତିକ୍ରମ କରିବ ବୋଲି ଜଣାପଡ଼ିଛି।
୧୦. ୟୁରୋପର ଫ୍ରେଞ୍ଚ ଗୁଏନା ମହାକାଶ କେନ୍ଦ୍ରରୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦୂରବିକ୍ଷଣ ଯନ୍ତ୍ର (ଟେଲିସ୍କୋପ୍) 'ଜେମ୍‌ସ ୱେବ' ମହାକାଶକୁ ପ୍ରେରଣ କରାଯାଇଛି।
୧୧. ଆମେରିକୀୟ ଇଣ୍ଟରନେଟ୍ କଂପାନୀ ଗୁଗୁଲ୍‌କୁ କାଟି ଏକ ନମ୍ବର ସ୍ଥାନରେ ପହଂଚିଛି କ୍ଷୁଦ୍ର ଭିଡ଼ିଓ ଆପ୍ "ଟିକ୍‌ଟକ୍"।
୧୨. ଜାପାନର ଟୋକୁସୀମା ଜିଲ୍ଲା ଅନ୍ତର୍ଗତ କାଇଓ ସହରରେ ଉଭୟ ସଡ଼କ ଓ ରେଳପଥରେ ଚାଲୁଥିବା ବିଶ୍ୱର ପ୍ରଥମ ଗାଡ଼ି ଡି.ଏମ୍.ଭି. ଅଟେ।
୧୩. ପ୍ରଧାନ ବିଚାରପତି ଏମ୍.ଭି ରମଣା ଆନ୍ଧ୍ରପ୍ରଦେଶରେ କ୍ରିଷ୍ଣା ଜିଲ୍ଲା ଅଧୀନସ୍ଥ ତାଙ୍କ ପୈତୃକ ଗ୍ରାମ ପୁନଭରମ୍ ବଳଦଗାଡ଼ିରେ ଯାତ୍ରା କରିଥିଲେ।
୧୪. ଟେଲିକମ୍ କଂପାନୀ ସର୍ବନିମ୍ନ ୨ ବର୍ଷ ପାଇଁ କଲ୍ ଓ ଇଣ୍ଟରନେଟ୍ ବ୍ୟବହାର ଡାଟା ଷ୍ଟୋର କରିବାକୁ କୁହାଯାଇଛି।
୧୫. କୋଲକାତାର ଦୁର୍ଗାପୂଜାକୁ ଇଉନେସ୍କୋ ଓଭଶ୍ୱରକ୍ଷସଶସଭକ୍ଷର ଉଙ୍କକ୍ଷ-ସ୍ୱଙ୍କସ୍ୱବକ୍ଷ ଐରକ୍ସସସ୍ୱବଶର ମାନ୍ୟତା ପ୍ରଦାନ କରାଯାଇଛି।
୧୬. କର୍ଣ୍ଣାଟକ ବିଧାନସଭାରେ ବିବାଦୀୟ ଧର୍ମାନ୍ତରୀକରଣ ବିରୋଧି ବିଲ୍ ପାରିତ ହୋଇଚି। ଧର୍ମ ବଦଳାଇଲେ ୧୦ ବର୍ଷ ଜେଲ୍ ଏବଂ ଜୋରିମାନା ଦେବାକୁ ପଡ଼ିବ।
୧୭. ସଂସଦରେ ନିର୍ବାଚନ ସଂସ୍କାର ସଂଶୋଧନ ବିଲ୍ ଗୃହୀତ ହୋଇଛି।
୧୮. ଭାରତ ବିରୋଧରେ ଭିଡ଼ିଓ ପ୍ରସାରଣ କରୁଥିବା ୨୦ଟି ଇଉଟିଉବ୍ ଚ୍ୟାନେଲକୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି।
୧୯. ସାବରୀମାଳା ମନ୍ଦିରରେ ଦୈନିକ ୪୫,୦୦୦ ରୁ ୬୦,୦୦୦ ଭକ୍ତଙ୍କୁ ପ୍ରବେଶ କରିବାପାଇଁ ଅନୁମତି ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର।
୨୦. ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବରକୁ ମୋଡ଼ିବାପାଇଁ ନିର୍ବାଚନ ଆଇନ ସଂଶୋଧନ ବିଲ୍ ୨୦୨୧ ପାରିତ ହୋଇଛି।
୨୧. ଜନ ଧନ କେନ୍ଦ୍ର ପାଇଁ ଓଡ଼ିଶାକୁ ୨୪,୦୭୯,୨୫ ଲକ୍ଷ ଟଙ୍କା ମଂଜୁର କରାଯାଇଛି।
୨୨. ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ମ୍ୟୁଜିଅମ୍ କଂପ୍ଲେକ୍ସ ଗଠନ କରାଯିବ।
୨୩. ନାଗାଲାଣ୍ଡର ଆଉ ୬ ମାସ ପାଇଁ ଶସସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ (ଇରଝଇ) ବଢ଼ିଲା।
୨୪. ପ୍ରତିବର୍ଷ ଚୀନ୍‌ରେ ଏକରୁ ଦୁଇଗୋଟି କୁକୁରଙ୍କୁ ମାରି ଏଇମାନଙ୍କୁ ସୁପ୍ କରି ପିଅନ୍ତି।% ଗୋଟିଏ କୁକୁର ସୁପପାଇଁ ଟ.୧,୦୦୦ ଙ୍କା ପଡ଼େ ।
୨୫. ଦେଶର ଏକ ଐତିହାସିକ ଝାନ୍‌ସି ରେଳଷ୍ଟେସନକୁ ବୀରାଙ୍ଗନା ଲକ୍ଷ୍ମୀବାଇ ରେଳଷ୍ଟେସନ ନାମରେ ନାମିତ କରାଯାଇଛି।
୨୬. ନୂଆବର୍ଷରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଜାନୁଆରୀ ୨୬ ତାରିଖରୁ ଝାଡ଼ଖଣ୍ଡରେ ଡିଜେଲ ଏବଂ ପେଟ୍ରୋଲ ୨୫ ଟଙ୍କା ଶସ୍ତାରେ ମିଳିବ ବୋଲି ଘୋଷଣା କରିଛନ୍ତି।
୨୭. ନିର୍ଦ୍ଧାରିତ ସମୟରେ ବିଧାନସଭା ନିର୍ବାଚନ କରାଇବାକୁ ଉତ୍ତରପ୍ରଦେଶର ସବୁ ରାଜନୈତିକ ଦଳ ପୋଲ୍ ପ୍ୟାନେଲକୁ ଭେଟି ନିବେଦନ କରିଛନ୍ତି।
୨୮. କୋଭିଡ୍ - ୧୯ ନିରୋଧି ବଟିକା "ମୋଲ ନୁ ପିଲାଭିର୍" ଶୁଭାରମ୍ଭ କରିଛନ୍ତି ହାଇଦ୍ରାବାଦର ଅପ୍ଟିମସ୍ ଫାର୍ମା ।
୨୯. ମହାତ୍ମାଗାନ୍ଧୀଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବା ସାଧୁ କାଳୀଚରଣଙ୍କୁ ରାଏପୁର ପୋଲିସ୍ ଗିରଫ କରିଛି।
୩୦. ଅପରାଧୀଙ୍କ ମାମଲାରେ ଜଣେ ଅଭିଯୁକ୍ତଙ୍କ ବିରୋଧରେ ଅପରାଧୀଙ୍କ ମାମଲା କେବଳ ଋର୍ଜସିଟ୍ ଯୋଗୁ ବନ୍ଦ ହୋଇପାରିବନାହିଁ।
୩୧. ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ହୃଦ୍‌ଘାତରେ ୬୩ ବର୍ଷରେ ପରଲୋକ ହୋଇଛି।
୩୨. ଓଲା ୨୦୨୨ ରେ କେତୋଟି ଋର୍ଜିତ ପଏଣ୍ଟ ଇଲେକ୍ଟ୍ରିକ୍ ସ୍କୁଟର ପାଇଁ ୪୦୦୦ ଅଧିକ ସ୍ଥାପନ କରିବ।
୩୩. ବଜାଜ ଅଟୋ ଲିମିଟେଡ୍ ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ବୈଦ୍ୟୁତିକ ଯାନ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ।
୩୪. ୨୦୧୫ ଜାନୁଆରୀରେ ନିଯୁକ୍ତି ପାଇଥିବା ୮ ହଜାର ୧୦୨ କନିଷ୍ଠ ଶିକ୍ଷକଙ୍କୁ ଓଡ଼ିଶା ସରକାର ନିୟମିତ କରିଛନ୍ତି।
୩୫. ଓଡ଼ିଶା କମିଶନରେଟ୍ ପୋଲିସ ୧୪ ବର୍ଷରେ ପାଦ ଦେଇଛି।
୩୬. ଓଡ଼ିଶାରେ କ୍ଲାସ୍‌ରୁମ୍‌ରେ ଶିକ୍ଷକଙ୍କୁ ମୋବାଇଲ ନେବାପାଇଁ ମନାକରାଯାଇଛି।
୩୭. ଓଡ଼ିଶା ଜଳଜୀବନ ମିଶନକୁ ତ୍ୱରାନିତ କରିବାପାଇଁ କେନ୍ଦ୍ର ସରକାର ୮୩୦ କୋଟି ୮୫ ଲକ୍ଷ ଟଙ୍କା ମଂଜୁର କରିଛନ୍ତି।
୩୮. ୨୦୨୪ ସୁଦ୍ଧା ଓଡ଼ିଶା "ହର୍ ଘର ବିଲ୍" ପାଇଁ ଲକ୍ଷ୍ୟ ରଖାଯାଇଛି।
୩୯. କୋଭିଡ୍ - ୧୯ ମହାମାରୀ ଭାରତବର୍ଷରେ ପହଞ୍ଚିବାବେଳେ ୨୦୨୨ ରେ ଏହା ଶେଷ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ସୂଚନା କରିଛନ୍ତି।
୪୦. ତାଇୱାନ ଏବଂ ତିବ୍ବତକୁ ନେଇ ଆମେରିକା ଏବଂ ଋଇନା ମୁହାଁମୁହିଁ ହୋଇପାରନ୍ତି।



# ସାଧାରଣ ଜ୍ଞାନ



## (1) ABBREVIATION

1. UNDP - United Nations Development Programme
2. RAW - Research and Analysis Wing
3. ATS - Anti Tetanus Serum
4. BSNL - Bharat Sanchar Nigam Limited
5. CID - Criminal Investigation Department
6. DVD - Digital Versatile/Video Disk
7. ECG - Electro Cardiogram
8. GMT - Greenwich Mean Time
9. PIN - Postal Index Number
10. SAI - Sports Authority of India

## (୨) ପୁସ୍ତକ ଓ ଲେଖକ

୧. ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ - ମନୋଜ ଦାସ
୨. ମାଟି ମଟାଳ - ଗୋପୀନାଥ ମହାନ୍ତି
୩. ଆଦିଭୂମି - ପ୍ରତିଭା ରାୟ
୪. ପ୍ରାପ୍ତି - ପାରମିତା ଶତପଥୀ
୫. ବଧୂ ନିରୁପମା - ବିଭୁତି ପଟ୍ଟନାୟକ

1. Glimpses of a Pioneer's Life Journey - Dr. V.L. Indira Dutt.
2. The Modi Gambit : Decoding Modi 2.0 - Sanju Verma.
3. India's Ancient Legacy of wellness - Dr. Rekha Choudhury
4. The Monk who transformed Uttar Pradesh : How yogi Adityanath Changed U.P Wala Bhaiya abuse to a Bodge of Honour - Sanatan Gupta
5. Raj Kapoor - The Master at Work - Rahul Rawall
6. Public Service Ethies - A guest for Naitik Bharat - Prabhat Kumar.

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. **ଆର୍କବିଶପ୍ ଡ଼େସମଣ୍ଡ ଟୁଟୁ** | ନୋବେଲ ଶାନ୍ତି ପୁରସ୍କାର ବିଜେତା | ୯୦ ବର୍ଷ |
| ୨. **ମଧୁର କପିଲ୍** | ଭାରତୀୟ ଔପନ୍ୟାସିକା | ୭୯ ବର୍ଷ |
| ୩. **କିଶୋର ଚନ୍ଦ୍ର ମହାନ୍ତି** | ବିଧାୟକ, ଓଡ଼ିଶା | ୬୪ ବର୍ଷ |
| ୪. **ଡ. ସୁରେଶ ଯାଦବ** | ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର, ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ | ୭୨ ବର୍ଷ |

## (୪) ପୁରସ୍କାର

୧. **ହୃଷିକେଶ ମଲ୍ଲିକ** - କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର - "ସରିଯାଇଥିବା ଅପେରା" (କବିତା ବହି)
୨. **ଦିଗରାଜ ବ୍ରହ୍ମା** - ବାଳ ସାହିତ୍ୟ ପୁରସ୍କାର ୨୦୨୧ - ଗୀତ କହେ (ମାଟିର କଥା ପୁସ୍ତକ)
୩. **ଦେବଦତ୍ତ ଦାସ** - ଯୁବ ପୁରସ୍କାର ୨୦୨୧ - "ସ୍ୱର୍ଶ ଓ ଅନ୍ୟ ଗଳ୍ପ" ।
୪. **ଅନୀଲ ପ୍ରକାଶ ଯୋଷୀ** - ମଦର ଟେରେସା ମେମୋରିଆଲ ପୁରସ୍କାର।

## (୫) ରାଜ୍ୟ

୧. ରାଜ୍ୟର ନାମ - **ମଧ୍ୟପ୍ରଦେଶ**
୨. ରାଜ୍ୟପାଳ - **ମଙ୍ଗୁଭାଇ ଛଗନଭାଇ ପଟେଲ**
୩. ମୁଖ୍ୟମନ୍ତ୍ରୀ - **ଶିବରାଜ ସିଂହ ଚୌହାନ**
୪. ଗଠନ - **୧ନଭେମ୍ବର ୧୯୫୬**
୫. କ୍ଷେତ୍ରଫଳ - **୩୦୮,୨୪୫**
୬. ରାଜଧାନୀ - **ଭୋପାଳ**
୭. ଲୋକସଭା ସଭ୍ୟ ସଂଖ୍ୟା - **୨୯**
୮. ରାଜ୍ୟସଭା ସଭ୍ୟ ସଂଖ୍ୟା - **୧୧**
୯. ବିଧାନ ସଭା ସଭ୍ୟସଂଖ୍ୟା - **୨୩୦**
୧୦.ବିଧାନ ପରିଷଦ - **୦୦**
୧୧.ମୁଖ୍ୟ ଭାଷା - **ହିନ୍ଦୀ**
୧୨.ଜନସଂଖ୍ୟା ସମୁଦାୟ - **୭୨,୫୯୭,୫୬୫ (୨୦୧୧)**
ପୁରୁଷ - **୩୭,୬୧୨,୯୨୦**
ମହିଳା - **୩୪,୯୮୪,୬୪୫**
୧୩.ଜନସଂଖ୍ୟା ବୃଦ୍ଧିହାର - **୨୦.୩୦ %**
୧୪.ଜନସଂଖ୍ୟା ଘନତ୍ୱ - **୨୩୬/ବର୍ଗ କି.ମି**
୧୫.ଶିଶୁ ଲିଙ୍ଗ ଅନୁପାତ - **୯୧୨ ଝିଅ /୧୦୦୦ ପୁଅ**
୧୬.ଲିଙ୍ଗ ଅନୁପାତ - **୯୩୦ ମହିଳା /୧୦୦୦ ପୁରୁଷ**
୧୭.ସାକ୍ଷରତା ହାର - **୭୦.୬%**
ପୁରୁଷ - **୮୦.୫୩ %**
ମହିଳା - **୬୦.୦୨%**
୧୮.ଜିଲ୍ଲା - **୫୦**
୧୯.ଗ୍ରାମ - **୫୨,୧୧୭**
୨୦.ସହର - **୩୯୪**
୨୧.ଜଙ୍ଗଲ ଜମି - **୧୩,୧୬୪ ବର୍ଗ କି.ମି.**
୨୨.ପର୍ଯ୍ୟଟନ ସ୍ଥଳୀ - **ଗ୍ୱାଲିଅର, ମଧୁ, ଡ଼ାଟିଆ, ଚନ୍ଦେରି, ଜବାଲପୁର, ଓର୍ଚ୍ଚା, ରାଇସେନ, ସଞ୍ଚି, ବିଦିଶା, ଉଦୟଗିରି, ଭୀମବାଟିକା, ମହେଶ୍ୱର, ଓମକାରେଶ୍ୱର, ଚିତ୍ରକୁଟ, ଅମରକଣ୍ଟକ ମାଳଭୂମି**

## (୬) ନିଯୁକ୍ତି

୧. **ଭି.ଏସ୍.ପଠାନିଆ** - ଡାଇରେକ୍ଟର ଜେନେରାଲ - ଇଣ୍ଡିଆନ କୋଷ୍ଟ ଗାର୍ଡ଼
୨. **ବିନୟ କୁମାର ତ୍ରୀପାଠୀ** - ଚେୟାରମେନ୍ ଓ ସି.ଇ.ଓ. -ରେଲୱେ ବୋର୍ଡ଼
୩. **ଚନ୍ଦ୍ରପ୍ରକାଶ ଗୋଏଲ୍** - ଡାଇରେକ୍ଟର ଜେନେରାଲ -ଫରେଷ୍ଟ ଏଣ୍ଡ ସ୍ପେସିଆଲ ସେକ୍ରେଟାରୀ
୪. **ରାଧିକା ଝା** - ସି.ଇ.ଓ. - ଏନର୍ଜି ଏଫିସିଏନ୍ସି ସର୍ଭିସେସ୍
୫. **ଅତୁଲ ଦିନକର ରାଣେ** - ସି.ଇ.ଓ. ଏଣ୍ଡ ଏମ୍.ଡ଼ି - ବ୍ରହ୍ମାସ ଏରୋସ୍ପେଶ୍ ଲିମିଟେଡ୍
୬. **ସଂବିତ୍ ପାତ୍ର** - ଚେୟାରମେନ୍ - ଇଣ୍ଡିଆ ଟୁରିସିସ୍ ଡ଼େଭଲପମେଣ୍ଟ କର୍‌ରେସନଲ

## (୭) ଯୋଜନା

୧. **ତେଜସ୍ୱିନି ଏବଂ ହୈସଲା** - କେନ୍ଦ୍ର ସରକାର
୨. **ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା** - କେନ୍ଦ୍ର ସରକାର
୩. **ସମୁଦ୍ରାୟନ ପ୍ରୋଜେକ୍ଟ** - କେନ୍ଦ୍ର ସରକାର
୪. **ଶ୍ରମିକ ମିତ୍ର** - ଦିଲ୍ଲୀ ସରକାର
୫. **ସମ୍ଭବ** - କେନ୍ଦ୍ର ସରକାର

## (୮) ଓଡ଼ିଶା

୧. ୨୦୨୨ ଅକ୍ଟୋବରରେ କେଉଁ ଷ୍ଟାଡ଼ିୟମ୍‌ରେ ଅଣ୍ଡର ୧୭ (ସତର ବର୍ଷରୁ କମ୍) ଫିଫା ବିଶ୍ୱ ମହିଳା କପ୍ ଖେଳାଯିବ ?
(କ) ବାରବାଟୀ ଷ୍ଟାଡ଼ିୟମ୍ (ଖ) କଳିଙ୍ଗ ଷ୍ଟାଡ଼ିୟମ୍
(ଗ) ସମ୍ବଲପୁର ଷ୍ଟାଡ଼ିୟମ୍ (ଘ)ବରହମ୍ପୁର ଷ୍ଟାଡ଼ିୟମ୍

୨. "ଆଜାଦୀ କା ଅମୃତ ମହୋତ୍ସବ" ପାଳନ ଅବସରରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନ୍ୟାସନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ ୩୦ ବର୍ଷ ବୟସ ଭିତରେ ଓଡ଼ିଶାର କେତେଜଣ ଲେଖକଙ୍କଠାରୁ ପାଣ୍ଡୁଲିପି ଆହ୍ୱାନ କରାଯାଇଛି ?
(କ) ୫ ଜଣ (ଖ) ୩ଜଣ (ଗ) ୪ ଜଣ (ଘ) ୬ ଜଣ

୩. ପ୍ରଧାନମନ୍ତ୍ରୀଙ୍କ ଯୁବ ମେଣ୍ଟରସିପ୍ ଯୋଜନାରେ କେଉଁ ଜଣକ ଅମନୋନୀତ ଓଡ଼ିଆ ଲେଖକ ଅଟନ୍ତି ?
(କ) ଅନିନ୍ଦୀ ନାରାୟଣ ସିଂ (ଖ) ଦିଲେଶ୍ୱର ରଣା
(ଗ) ଓମ୍ ପ୍ରିୟଦର୍ଶୀ ଛୋଟରାୟ (ଘ) ମହେଶ୍ୱର ଡାକୁଆ

୪. କ୍ରମାଗତ ଭାବେ ଓଡ଼ିଶାରେ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ହ୍ରାସ ପାଉଛି। ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପ୍ରାୟ କେତେ ଗ୍ରାହକ ଲକ୍ଷ ଗ୍ରାହକ ଓହରି ଯାଇଛନ୍ତି ?
(କ) ୧୨ ଲକ୍ଷ (ଖ) ୧୩ ଲକ୍ଷ
(ଗ) ୧୦ଲକ୍ଷ (ଘ) ୧୫ ଲକ୍ଷ

୫. ଖୁଲଡି ଜଳପ୍ରପାତ କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?
(କ) ଅନୁଗୁଳ (ଖ) କେନ୍ଦୁଝର
(ଗ) କୋରାପୁଟ (ଘ) ମୟୁରଭଂଜ

୬. କେନ୍ଦ୍ରାପଡ଼ା କେଉଁ ଖାଦ୍ୟ ପାଇଁ ପ୍ରସିଦ୍ଧ ଅଟେ ?
(କ) ରାବିଡ଼ି (ଖ) ରସଗୋଲା
(ଗ) ମାଲପୁଆ (ଘ) ରସାବଳୀ

୭. ନଡ଼ିଆକତା କାମ ପାଇଁ କେଉଁଟି ପ୍ରସିଦ୍ଧ ଅଟେ ?
(କ) କୋଣାର୍କ (ଖ) ସାକ୍ଷୀଗୋପାଳ
(ଗ) ପୁରୀ (ଘ) ରଘୁରାଜପୁର

୮. ବିଗ୍ ବିମାନ ତିଆରି କାରଖାନା କେଉଁଠାରେ ଅବସ୍ଥିତ ?
(କ) ରାଜଗାଙ୍ଗପୁର (ଖ) ଜୟପୁର
(ଗ) ତାଳଚେର (ଘ) ସୁନାବେଡ଼ା

୯. କେଉଁଟି ହାତୀ ପ୍ରକଳ୍ପ ପାଇଁ ପ୍ରସିଦ୍ଧ ନୁହେଁ ?
(କ) ଚନ୍ଦକା (ଖ) ବାଇଶପଲ୍ଲୀ
(ଗ) କୁଲଡ଼ିହା (ଘ) ହ୍ରଦଗଡ଼

୧୦. ଗୌରୀଶଙ୍କର ପାର୍କ କେଉଁଠାରେ ଅବସ୍ଥିତ ଅଟେ ?
(କ) କଟକ (ଖ) ଭୁବନେଶ୍ୱର
(ଗ) ଭଦ୍ରକ (ଘ) ବାଲେଶ୍ୱର

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ପରବର୍ତ୍ତୀ ସଂଖ୍ୟାଟି କେତେ ହେବ ? ୬, ୧୭, ୩୯, ୭୨, ..... ?
(କ) ୮୩ (ଖ) ୯୪ (ଗ) ୧୧୬ (ଘ) ୧୨୭


୨. ପରବର୍ତ୍ତୀ ଅକ୍ଷରଟି ଲେଖ - H, I, K, N, ........ ?
(କ) O (ଖ) Q (ଗ) R (ଘ) S

୩. ବିହାର : ପାଟନା :: ରାଜସ୍ଥାନ : ?
(କ) ଜୟପୁର (ଖ) ଯୋଧପୁର (ଗ) ବିକାନେର (ଘ) ଦିସ୍‌ପୁର


୪. କମଳା କହିଲା, "ରବିର ମା' ହେଉଛନ୍ତି, ମୋ ମା' ଙ୍କର ଏକ ମାତ୍ର ଝିଅ" ତେବେ କମଳା ରବିର ସଂପର୍କରେ କ'ଣ ହେବ ?
(କ) ମାମୁଁ (ଖ) ଭାଇ (ଗ) ବାପା (ଘ) ଶଳା

୫. ଇଂରାଜୀ ଅବିଧାନ ଅନୁଶାରେ ସଜାଇ ଲେଖିଲେ କେଉଁଟି ଦ୍ୱିତୀୟରେ ରହିବ ?
(କ) Magical (ଖ) Magnify
(ଗ) Maternal (ଘ) Magnetic


୬. ନିମ୍ନ ଚିତ୍ର ମଧ୍ୟରେ ଖାଲି ସ୍ଥାନରେ ଉପଯୁକ୍ତ ସଂଖ୍ୟାଟି ଲେଖ ?
(କ) ୪୫ (ଖ) ୫୦ (ଗ) ୬୦ (ଘ) ୬୩




୭. ପାର୍ଶ୍ୱ ଚିତ୍ରରେ କେତୋଟି ତ୍ରିଭୂଜ ଅଛି ?
(କ) ୫ (ଖ) ୬ (ଗ) ୮ (ଘ) ୧୦



୮. ପରବର୍ତ୍ତୀ ଚିତ୍ରଟି କ'ଣ ହେବ ?




(କ) ୧ (ଖ) ୨ (ଗ) ୩ (ଘ) ୪

୯. ଆଜି ସୋମବାର ହେଲେ, ୬୧ ଦିନ ପରେ କେଉଁ ବାର ହେବ ?
(କ) ସୋମବାର (ଖ) ବୁଧବାର (ଗ) ଶନିବାର (ଗ) ରବିବାର

୧୦. ଗୋଟିଏ ଦିନରେ ଘଣ୍ଟା କଣ୍ଟା ଓ ମିନଟ୍ କଣ୍ଟା ପରସ୍ପର ସହ କେତେଥର ସମାନ୍ତର ହୋଇପାରିବ ?
(କ) ୨୦ (ଖ) ୨୧ (ଗ) ୨୨ (ଘ) ୨୪

**ଉତ୍ତର**

୧.(ଖ) କଳିଙ୍ଗ ଷ୍ଟାଡ଼ିୟମ୍,୨.(ଖ) ୩ଜଣ,୩.(ଘ) ମହେଶ୍ୱର ଡାକୁଆ, ୪.(ଖ)୧୩ଲକ୍ଷ,୫.(କ)ଅନୁଗୁଳ,୬.(ଘ)ରସାବଳୀ, ୭.(ଖ)ସାକ୍ଷୀଗୋପାଳ,୮. (ଘ) ସୁନାବେଡ଼ା, ୯.(ଖ)ବାଇଶପଲ୍ଲୀ,୧୦.(କ) କଟକ।

୧.(ଗ) ୧୧୬, ୨.(ଗ) R, ୩.(କ) ଜୟପୁର, ୪.(କ) ମାମୁଁ ୫.(ଘ) Magnetic ୬.(ଘ) ୬୩, ୭.(ଘ) ୧୦, ୮. (ଗ) ୩ ୯.(ଗ) ଶନିବାର, ୧୦.(ଗ) ୨୨



ଯେଉଁମାନେ ନିର୍ଦ୍ଦୋଷ, ସେମାନେ ହିଁ ସୁଖନିଦ୍ରା ଭୋଗକରନ୍ତି - ଛଟପଟ ହେବା ସେମାନଙ୍କ ଭାଗ୍ୟରେ ନଥାଏ।

## (୧୦) ଇତିହାସ

୧. କେଉଁ ରାଜ୍ୟରେ ପୋର ବନ୍ଦର ଅଛି ?
(କ) ମହାରାଷ୍ଟ୍ର (ଖ) ଗୁଜୁରାଟ
(ଗ) ରାଜସ୍ଥାନ (ଘ) ଗୋଆ

୨. ଜୋହାନ୍ସବର୍ଗ ସହରଟି କେଉଁ ଦେଶରେ ଅବସ୍ଥିତ ?
(କ) ଆଫ୍ରିକା (ଖ) ଦକ୍ଷିଣଆଫ୍ରିକା
(ଗ) ଇଂଲଣ୍ଡ (ଘ) ଅଷ୍ଟ୍ରେଲିଆ

୩. ହଣ୍ଟର କମିଶନ କେବେ ଗଠିତ ହୋଇଥିଲା ?
(କ) ୧୯୧୮ ଅକ୍ଟୋବର ୧୪
(ଖ) ୧୯୧୯ ଜୁଲାଇ ୧୪
(ଗ) ୧୯୧୯ ଅକ୍ଟୋବର ୧୪
(ଘ) ୧୯୧୯ ନଭେମ୍ବର ୧୪

୪. ପ୍ରଥମ ବିଶ୍ୱଯୁଦ୍ଧରେ ତୁର୍କୀ କାହା ବିରୋଧରେ ଯୁଦ୍ଧ କରିଥିଲା ?
(କ) କେନ୍ଦ୍ରଶକ୍ତି (ଖ) ମିତ୍ରଶକ୍ତି
(ଗ) ମିଶନଶକ୍ତି (ଘ) କ୍ରାନିଶକ୍ତି

୫. "ସ୍ୱରାଜ ସମାଚାର" ପତ୍ରିକା କେଉଁ ଅନୁଷ୍ଠାନ ପ୍ରକାଶ କରୁଥିଲା ?
(କ) ସ୍ୱରାଜ ଆଶ୍ରମ (ଖ) ଅଲକା ଆଶ୍ରମ
(ଗ) ସ୍ୱରାଜ ମନ୍ଦିର (ଘ) ସ୍ୱରାଜ ସଂଗୀତ

୬. "ସାଇମନ୍ କମିଶନ" ର ସଦସ୍ୟ ସଂଖ୍ୟା କେତେ ଥିଲା ?
(କ) ୫ (ଖ) ୬
(ଗ) ୭ (ଘ) ୯

୭. ଖାନ୍ ଅବ୍‌ଦୁଲ୍ ଗଫର୍ ଖାନ୍ କେଉଁ ନାମରେ ପରିଚିତ ?
(କ) ମହାତ୍ମାଗାନ୍ଧୀ (ଖ) ସୀମାନ୍ତଗାନ୍ଧୀ
(ଗ) ରାଜୀବଗାନ୍ଧୀ (ଘ) ସୋନିଆଗାନ୍ଧୀ

୮. କେଉଁ ଗୋଲ୍‌ଟେବୁଲ୍ ବୈଠକରେ କଂଗ୍ରେସ ଯୋଗ ଦେଇନଥିଲା ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ (ଘ) ଚତୁର୍ଥ

୯. ଫରାସୀ ରାଷ୍ଟ୍ର ବିପ୍ଳବ କେବେ ହୋଇଥିଲା ?
(କ) ୧୯୧୭ (ଖ) ୧୭୮୯
(ଗ) ୧୭୯୩ (ଘ) ୧୭୫୭

୧୦. ଭାରତର କେଉଁ ଆନ୍ଦୋଳନ ଫରାସୀ ବିପ୍ଳବ ସହ ସମକକ୍ଷ ଅଟେ ?
(କ) ଅସହଯୋଗ (ଖ) ଖିଲାଫତ୍
(ଗ) ଭାରତଛାଡ଼ (ଘ) ସ୍ୱଦେଶୀ ଆନ୍ଦୋଳନ

## (୧୧) ବାଣିଜ୍ୟ

୧. ମୋବାଇଲ କଲ ରେକର୍ଡଗୁଡ଼ିକୁ ଟେଲିକମ୍ କମ୍ପାନୀମାନେ କେତେ ବର୍ଷ ପୂର୍ବରୁ ଡିଲିଟ କରି ପାରିବେନି ?
(କ) ୫ ବର୍ଷ (ଖ) ୪ ବର୍ଷ (ଗ) ୩ ବର୍ଷ (ଘ) ୨ ବର୍ଷ

୨. ଅନଲାଇନ ଆର୍ଥିକ ଠକେଇ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅନଲାଇନ କାର୍ଡ କାରବାରରେ ଟୋକେନ ବ୍ୟବସ୍ଥାକୁ ୨୦୨୨ ଜାନୁଆରୀ୧ରୁ କେତେମାସ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି ? ?
(କ) ୩ ମାସ (ଖ) ୪ ମାସ (ଗ) ୫ ମାସ (ଘ) ୬ ମାସ

୩. ଟେସଲା ପାୱାର (ୟୁଏସଏ) କେବେସୁଦ୍ଧା ଭାରତରେ ୫ହଜାର ଦୁଇ ଚକିଆ ଇଲେକ୍ଟ୍ରିକ ଯାନ ଚାର୍ଜିଂ ସେଣ୍ଟର ସ୍ଥାପନ କରିବେ ?
(କ) ୨୦୨୩ (ଖ) ୨୦୨୪ (ଗ) ୨୦୨୫ (ଘ) ୨୦୨୬

୪. ଯାତ୍ରୀ ପରିବହନ ସେବା ଯୋଗାଉଥିବା ଇ-କମର୍ସ ପ୍ଲାଟଫର୍ମରେ ଜାନୁଆରୀ ୧ ଠାରୁ କେତେ ପ୍ରତିଶତ ଜିଏସଟି ଦେବାକୁ ହେବ ?
(କ) ୬% (ଖ) ୫% (ଗ) ୪% (ଘ) ୩%

୫. ଅଧିକାଂଶ ଖାଇବା ତେଲ କମ୍ପାନୀ ସେମାନଙ୍କ ଉତ୍ପାଦନଗୁଡ଼ିକର ଏମଆରପି ଉପରୁ କେତେ ପ୍ରତିଶତ ହାରରେ ହ୍ରାସ କରିଛନ୍ତି ?
(କ) ୬% ରୁ ୧୦% (ଖ) ୧୦% ରୁ ୧୫%
(ଗ) ୧୫% ରୁ ୨୦% (ଘ) ୨୦% ରୁ ୨୫%

୬. ଭାରତର ଅରବପତିଙ୍କ ସଂଖ୍ୟା ୧୨୬କୁ ବୃଦ୍ଧି ପାଇଛି । ଦେଶର ଆନୁମାନିକ ମୋଟ ଜିଡିପିର ସମ୍ପତ୍ତିର କେତେ ପ୍ରତିଶତ ?
(କ) ୨୫% (ଖ) ୨୮%
(ଗ) ୩୦% (ଘ) ୧୫%

୭. କେତେ ଲକ୍ଷ କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସମ୍ପତ୍ତି କେହି କିଣନ୍ତି ବା ବିକ୍ରି କରନ୍ତି ଏହି ସୂଚନା ରେଜିଷ୍ଟ୍ରି ଅଫ୍ ପ୍ରପୋଟି ତରଫରୁ ଆୟକର ବିଭାଗକୁ ଜଣାଇ ଦିଆଯାଏ ? ।
(କ) ୧୦ଲକ୍ଷ (ଖ) ୨୦ଲକ୍ଷ (ଗ) ୩୦ଲକ୍ଷ (ଘ) ୪୦ଲକ୍ଷ

୮. ଆର୍ଥିକ ବର୍ଷରେ କେତେଟଙ୍କା କିମ୍ବା ତା ଠାରୁ ଉର୍ଦ୍ଧ୍ୱ ଅଧିକ ନଗଦ ଟଙ୍କା ଏକ ଏକାଉଣ୍ଟ କିମ୍ବା ୧ରୁ ଅଧିକ ଏକାଉଣ୍ଟରେ ଜମା କରନ୍ତି ତେବେ ଆୟକର ବିଭାଗ ଆପଣଙ୍କୁ ପ୍ରଶ୍ନ କରିପାରିବେ ?
(କ) ୧୦ଲକ୍ଷ (ଖ) ୧୫ଲକ୍ଷ
(ଗ) ୨୦ଲକ୍ଷ (ଘ) ୨୫ଲକ୍ଷ

୯. ତେଲେଙ୍ଗାନା ରାଜ୍ୟ ଉତ୍ତର ପ୍ରଦେଶର ଆଳୁ ଉପରେ ରୋକ୍ ଲଗାଇଛି । ଦୈନିକ ତେଲେଙ୍ଗାନାକୁ କେତେ ଟ୍ରକ ଆଳୁ ଯାଇଥାଏ ?
(କ) ୫୦ (ଖ) ୭୫
(ଗ) ୧୦୦ (ଘ) ୧୨୫

୧୦. ଭାରତରେ କେତେ ସଂଖ୍ୟାରେ ହ୍ୱାଟସ୍ ଅଫ୍ ଏକାଉଣ୍ଟ ବନ୍ଦହୋଇଛି ?
(କ) ୧୭.୫ଲକ୍ଷ (ଖ)୧୫.୫ଲକ୍ଷ
(ଗ) ୧୬.୫ଲକ୍ଷ (ଘ) ୧୮.୫ଲକ୍ଷ

**ଉତ୍ତର**

୧.(ଖ) ଗୁଜୁରାଟ, ୨.(ଖ) ଦକ୍ଷିଣଆଫ୍ରିକା, ୩.(ଗ) ୧୯୧୯ ଅକ୍ଟୋବର ୧୪, ୪.(ଖ) ମିତ୍ରଶକ୍ତି, ୫.(ଗ) ସ୍ୱରାଜ ମନ୍ଦିର, ୬.(ଗ) ୭, ୭.(ଖ) ସୀମାନ୍ତଗାନ୍ଧୀ, ୮.(କ) ପ୍ରଥମ, ୯.(ଖ) ୧୭୮୯, ୧୦.(ଗ) ଭାରତଛାଡ଼

୧. (ଘ) ୨ବର୍ଷ, ୨. (ଘ) ୬ମାସ, ୩. (କ) ୨୦୨୫, ୪. (ଖ) ୫%, ୫. (ଖ) ୧୦%, ୬. (କ) ୨୫%, ୭. (ଗ) ୩୦ଲକ୍ଷ, ୮. (କ) ୧୦ଲକ୍ଷ, ୯.(ଗ) ୧୦୦, ୧୦.(କ) ୧୭.୫ଲକ୍ଷ



ଭଲ ଲୋକମାନେ ଭୋଟଦେବାକୁ ନଯିବା ଦ୍ୱାରା ଖରାପ ଲୋକଙ୍କୁ ନିର୍ବାଚିତ କରିଦଅନ୍ତି ।

## (୧୨) ଅର୍ଥନୀତି

୧. ବ୍ରିଟିଶ୍ କନ୍‌ସଲ୍‌ଟେନିସ୍ ରିପୋର୍ଟର ପୂର୍ବାନୁମାନ ଅନୁସାରେ ୨୦୩୦ ବେଳକୁ ଡଲାର ହିସାବରେ କେଉଁ ଦେଶ ବିଶ୍ୱର ପ୍ରଥମ ଅର୍ଥନୀତି ହେବ ?
(କ) ଚୀନ୍ (ଖ) ଜାପାନ (ଗ) ରଷିଆ (ଘ) ଫ୍ରାନ୍ସ

୨. ଆସନ୍ତାବର୍ଷ ବିଶ୍ୱ ଅର୍ଥନୈତିକ ଉତ୍ପାଦନରେ କେତେ ନିୟୁତ ଟ୍ରିଲିଆନ ଡଲାର ଟପିବ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି ?
(କ) ୨୦୦ (ଖ) ୩୦୦ (ଗ) ୧୦୦ (ଘ) ୫୦

୩. 'ନୋ ୟୋର୍ କଷ୍ଟମର୍' (କେ.ୱାଇ.ସି) କୁ ନେଇ ନିୟମାନୁସାରେ ଗ୍ରାହକମାନଙ୍କ ଖାତାକୁ ଅଚଳ କରିବାର ନିୟମ ୨୦୨୨ ରେ କେବେଠାରୁ ଲାଗୁ କରାଯିବ ?
(କ) ଜାନୁଆରୀ ୧ (ଖ) ଫେବୃୟାରୀ ୧
(ଗ) ମାର୍ଚ୍ଚ ୧ (ଘ) ଅପ୍ରେଲ ୧

୪. ଭାରତୀୟ ରିଜର୍ଭ ବ୍ୟାଙ୍କ୍ କେ.ୱାଇ.ସି. ଅପଡ଼େଟ୍ କରିବାର ସମୟସୀମାକୁ କେତେ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ?
(କ) ମାର୍ଚ୍ଚ ୩୧ - ୨୦୨୨ (ଖ) ଜାନୁଆରୀ ୩୧ - ୨୦୨୨
(ଗ) ଫେବୃୟାରୀ ୨୮ - ୨୦୨୨ (ଘ) ଅପେଲ ୩୦ - ୨୦୨୨

୫. ଆୟକର ବିଭାଗ ପରମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ) ଏବଂ ଆଧାର ସଂଯୋଗ କେତେ ତାରିଖକୁ ଶେଷ ଦିନ ଧାର୍ଯ୍ୟ କରିଛନ୍ତି ?
(କ) ମାର୍ଚ୍ଚ ୩୧ - ୨୦୨୨ (ଖ) ଜାନୁଆରୀ ୩୧ - ୨୦୨୨
(ଗ) ଫେବୃୟାରୀ ୨୮ - ୨୦୨୨ (ଘ) ଅପେଲ ୩୦ - ୨୦୨୨

୬. ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ଦେଶରେ ୩୬,୩୪୨ କୋଟି ଟଙ୍କା ମୂଲ୍ୟରେ କେତୋଟି ବ୍ୟାଙ୍କ ଠକେଇ ସାମନାକୁ ଆସିଛି।
(କ) ୫୦୮୬ଟି (ଖ) ୪୦୦୦ଟି
(ଗ) ୪୦୭୧ଟି (ଘ) ୫୫୫୫ ଟି

୭. ଇ-ଶ୍ରମ ପୋର୍ଟାଲରେ ପଞ୍ଜିକୃତ ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ କେତେ ଟଙ୍କା ପର୍ଯ୍ୟନ୍ତ ବୀମା ଲାଭ ମିଳିଥାଏ ? ଏବଂ ଏଥିପାଇଁ ବୀମା ପ୍ରିମିୟମ୍ ଦେବାକୁ ପଡ଼ିଥାଏ ?
(କ) ୧ ଲକ୍ଷ (ଖ) ୪ ଲକ୍ଷ (ଗ) ୨ ଲକ୍ଷ (ଘ) ୩ ଲକ୍ଷ

୮. ଡିସେମ୍ବର ୨୦୨୧ ରେ ଓଡ଼ିଶାରେ ଜି.ଏସ୍.ଟି ସଂଗ୍ରହ ପୂର୍ବ ବର୍ଷ ତୁଳନାରେ କେତେ ପ୍ରତିଶ୍ରତ ଅଭିବୃଦ୍ଧି ପଂଜିକୃତ ହୋଇଛି ?
(କ) ୪୦ (ଖ) ୪୨ (ଗ) ୪୩ (ଘ) ୫୦

୯. ଦେଶରେ ୨୦୨୧ - ୨୨ ରେ କେତେ କୋଟିର ଆୟକର ରିଟର୍ଣ୍ଣ ଦାଖଲ କରାଯାଇଛି ?
(କ) ୫.୪୫ (ଖ) ୫.୮୯ (ଗ) ୬.୦୦ (ଘ) ୬.୧୨

୧୦. ରାଷ୍ଟ୍ରୀୟ ତୈଳ ବିପ୍ରଦାନକାରୀ କଂପାନୀଗୁଡ଼ିକ ୧୯ କି.ଗ୍ରା ଓଜନର ବ୍ୟବସାୟିକ ସିଲିଣ୍ଡର ପିଛା କେତେ ମୂଲ୍ୟ ହ୍ରାସ କରିଛି ?
(କ) ୧୦୧ ଟଙ୍କା (ଖ) ୧୦୨ ଟଙ୍କା ୫୦ ପଇସା
(ଗ) ୧୦୨ ଟଙ୍କା (ଘ) ୧୦୩ ଟଙ୍କା ୫୦ ପଇସା

## (୧୩) କ୍ରୀଡ଼ା

୧. ୪ରୁ ୨୦ ଫେବ୍ରୁଆରୀ-୨୦୨୨ରେ ଚୀନର ରାଜଧାନୀ ବେଜିଂରେ କେଉଁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି ?
(କ) ଯୁବଅଲିମ୍ପିକ୍ କ୍ରୀଡ଼ା (ଖ) ଶୀତକାଳୀନ ଅଲିମ୍ପିକ୍
(ଗ) ଏସୀୟ କ୍ରୀଡ଼ା (ଘ) ଶୀତକାଳୀନ ପାରା ଅଲିମ୍ପିକ୍

୨. ୨୦୨୨ରେ ୧୯ତମ ଏସୀୟ କ୍ରୀଡ଼ାର ଆୟୋଜନ ଚୀନର କେଉଁ ନଗରୀରେ ହେବ ?
(କ) ବେଜିଂ (ଖ) ସାଂଘାଇ (ଗ) ନାନ୍‌ଜିଂ (ଘ) ହାଙ୍ଗ୍‌ଝାଉ

୩. ପ୍ରତିବର୍ଷ ଜାନୁଆରୀ ମାସରେ ଖେଳାଯାଉଥିବା ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ଆୟୋଜନ କେଉଁ ନଗରୀରେ ହୋଇଥାଏ ?
(କ) ସିଡନୀ (ଖ) ମେଲବୋର୍ଣ୍ଣ (ଗ) ବ୍ରିସବେନ୍ (ଘ) କାନବେରା

୪. ୨୦୨୨ର ୨୮ ଜୁଲାଇରୁ ୮ ଅଗଷ୍ଟ ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଂଲାଣ୍ଡର କେଉଁଠାରେ ଆୟୋଜିତ ହେବ ?
(କ) ବର୍ମିଙ୍ଗହାମ (ଖ) ଲଣ୍ଡନ (ଗ) ଗ୍ଲାସଗୋ (ଘ) ନଟିଂହାମ

୫. ଏ ବର୍ଷ ୧୫ରୁ ୨୪ ଜୁଲାଇ ମଧ୍ୟରେ ଆଇ.ଏ.ଏ.ଏଫ. ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍ ଆମେରିକାର କେଉଁଠାରେ ଖେଳାଯିବ ?
(କ) ଶିକାଗୋ (ଖ) ମାୟାମି (ଗ) ନ୍ୟୁୟର୍କ (ଘ) ଓରେଗନ୍

୬. ମେ-୨୦୨୨ରେ ବିଶ୍ୱ ସନ୍ତରଣ ଚାମ୍ପିଆନଶିପ ଜାପାନର କେଉଁଠାରେ ଆୟୋଜିତ ହେବ ?
(କ) ଟୋକିଓ (ଖ) କୋବେ (ଗ) ଫୁକୁଓକା (ଘ) ଓସାକା

୭. ୨୦୨୨ର ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ ଜାପାନର କେଉଁ ନଗରୀରେ ଆୟୋଜିତ ହେବାକୁ ଯାଉଛି ?
(କ) ଟୋକିଓ (ଖ) ଓସାକା (ଗ) ହିରୋଶିମା (ଘ) ୟୋକୋହାମା

୮. କାତାରରେ ଆସନ୍ତା ନଭେମ୍ବର-ଡିସେମ୍ବର ହେବାକୁ ଯାଉଥିବା ୨୦୨୨ର ଫିଫା ବିଶ୍ୱକପରେ କେତୋଟି ଦେଶର ଭାଗ ନେବେ ?
(କ) ୩୨ଟି (ଖ) ୩୬ଟି (ଗ) ୪୦ଟି (ଘ) ୪୮ଟି

୯. ବର୍ଷ- ୨୦୨୧ର ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ଫିଫା ବେଲୁନ୍ ଡି ଓର୍ ପୁରସ୍କାର କାହାକୁ ମିଳିଛି ?
(କ) କ୍ରିଷ୍ଟିଆନୋ ରୋନାଲ୍‌ଡୋ (ଖ) ଲିଓନେଲ୍ ମେସି
(ଗ) ଆଣ୍ଟୋନ୍ ଗ୍ରୀଜ୍‌ମାନ୍ (ଘ) ଲୁକା ମୋଡରିଚ୍

୧୦. ବର୍ଷ- ୨୦୨୧ର ଶ୍ରେଷ୍ଠ ମହିଳା ଫୁଟବଲର ବିବେଚିତ ହୋଇଥିବା ଆଲେକ୍ସିଆ ପୁତେୟାସ୍ ସେଗ୍ୟୁରା କେଉଁ ଦେଶର ଖେଳାଳି ?
(କ) ବ୍ରାଜିଲ (ଖ) ଫ୍ରାନ୍ସ (ଗ) ସ୍ପେନ୍ (ଘ) ଜର୍ମାନୀ

**ଉତ୍ତର**

୧.(କ) ଚୀନ୍, ୨.(ଗ) ୧୦୦, ୩.(କ) ଜାନୁଆରୀ ୧, ୪.(କ) ମାର୍ଚ୍ଚ ୩୧-୨୦୨୨, ୫.(କ) ମାର୍ଚ୍ଚ ୩୧-୨୦୨୨, ୬.(ଗ) ୪୦୭୧ଟି, ୭.(ଗ) ୨ ଲକ୍ଷ, ୮.(ଗ) ୪୩, ୯.(ଖ) ୫.୮୯, ୧୦.(ଖ) ୧୦୨ ଟଙ୍କା ୫୦ ପଇସା।

୧. (ଖ) ଶୀତକାଳୀନ ଅଲିମ୍ପିକ୍, ୨.(ଘ) ହାଙ୍ଗ୍‌ଝାଉ, ୩.(ଖ) ମେଲବୋର୍ଣ୍ଣ, ୪. (କ) ବର୍ମିଙ୍ଗହାମ, ୫.(ଘ) ଓରେଗନ୍, ୬.(ଗ) ଫୁକୁଓକା, ୭. (କ) ଟୋକିଓ, ୮.(କ) ୩୨ଟି, ୯.(ଖ) ଲିଓନେଲ୍ ମେସି, ୧୦.(ଗ) ସ୍ପେନ୍



ଯିଏ ଦାନ ନକରି ଧନ ସଞ୍ଚୁଛି ସେ ଖରାପ ଲୋକ ନୁହେଁ - ସେ ନିର୍ବୋଧ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ-୨୦୨୧ ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିବା ଦାମୋଦର ମାଉଜୋ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ?

(କ) ମରାଠୀ (ଖ) କନ୍ନଡ଼ (ଗ) କୋଙ୍କଣୀ (ଘ) ଗୁଜରାଟୀ

୨. ବର୍ଷ-୨୦୨୦ ନିମନ୍ତେ ଜ୍ଞାନପୀଠ ପୁରସ୍କାର ପାଇଥିବା ପ୍ରସିଦ୍ଧ କବି ନୀଳମଣି ଫୁକନ କେଉଁ ଭାଷାରେ ଲେଖାଲେଖି କରଥାନ୍ତି ?

(କ) ଅହମିଆ (ଖ) ବୋଡୋ (ଗ) ମୈଥିଳୀ (ଘ) ମଣିପୁରୀ

୩. ବର୍ଷ-୨୦୧୯ ପାଇଁ ଜ୍ଞାନପୀଠ ପୁରସ୍କାର ହାସଲ କରିଥିବା ଅକ୍କିତମ୍ ଅଚୁତନ୍ ନମ୍ବୁତିରି କେଉଁ ଭାଷାର ଜଣେ ବିଶିଷ୍ଟ କବି ?

(କ) ଇଂରାଜୀ (ଖ) ତାମିଲ (ଗ) ତେଲୁଗୁ (ଘ) ମାଲୟାଲମ

୪. ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ଭାବେ ପରିଚିତ ଜ୍ଞାନପୀଠ ପୁରସ୍କାର ହିନ୍ଦୀ ଭାଷାର ସର୍ବାଧିକ ସାହିତ୍ୟିକଙ୍କୁ ମିଳିଛି । ଏପର୍ଯ୍ୟନ୍ତ ହିନ୍ଦୀର କେତେଜଣ ସାହିତ୍ୟିକଙ୍କୁ ଏହି ପୁରସ୍କାର ମିଳିଛି ?

(କ) ୧୦ଜଣ (ଖ) ୧୧ଜଣ (ଗ) ୧୨ଜଣ (ଘ) ୧୩ଜଣ

୫. ୨୦୨୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରଦତ୍ତ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର କେଉଁ ସାହିତ୍ୟିକଙ୍କୁ ପ୍ରଦାନ କରାଯାଇଛି ?

(କ) ରାମଚନ୍ଦ୍ର ବେହେରା (ଖ) ବିଭୁତି ପଟ୍ଟନାୟକ

(ଗ) ରମାକାନ୍ତ ରଥ (ଘ) ହରପ୍ରସାଦ ଦାସ

୬. ମାର୍ଚ୍ଚ-୨୦୨୨ରେ ଆମେରିକାର ଲସ୍ ଆଞ୍ଜେଲସ୍ ନଗରୀରେ ଓସ୍କାର ପୁରସ୍କାରର କେତେତମ ସଂସ୍କରଣ ଆୟୋଜିତ ହେବ ?

(କ) ୯୨ତମ (ଖ) ୯୩ତମ (ଗ) ୯୪ତମ (ଘ) ୯୫ତମ

୭. ୧୯୮୩ରେ ଭାନୁ ଆଥେୟା ପ୍ରଥମ ଭାରତୀୟ ଭାବେ ଓସ୍କାର ପୁରସ୍କାର ଜିତିଥିଲେ ? କେଉଁ ଚଳଚ୍ଚିତ୍ରର କଷ୍ଟ୍ୟୁମ୍ ଡିଜାଇନ୍ ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିଲା ।

(କ) ଗାନ୍ଧୀ (ଖ) ସଲାମ ବମ୍ବେ (ଗ) ମିର୍ଚ ମସାଲା (ଘ) ୩୬ ଚୌରଙ୍ଗୀ ଲେନ୍

୮. ୧୯୯୨ରେ ଭାରତର ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କୁ 'ଅନରାରୀ ଓସ୍କାର ଆୱାର୍ଡ' ପ୍ରଦାନ କରାଯାଇଥିଲା । ତାଙ୍କର ନାମ କଣ ?

(କ) ରାଜ କପୁର (ଖ) ସତ୍ୟଜିତ ରାୟ

(ଗ) ମୃଣାଲ ସେନ୍ (ଘ) ଅଦୂର ଗୋପାଲକୃଷ୍ଣନ୍

୯. ମକର ସଂକ୍ରାନ୍ତି ସମୟରେ ଆସାମରେ ଯେଉଁ ବିହୁ ପର୍ବ ପାଳନ କରାଯାଏ ତାହା କେଉଁ ନାମରେ ପରିଚିତ ?

(କ) ରୋଙ୍ଗାଲି ବିହୁ (ଖ) କୋଙ୍ଗାଲି ବିହୁ

(ଗ) ଭୋଗାଲି ବିହୁ (ଘ) ବୋହାଗ୍ ବିହୁ

୧୦. ମକର ସଂକ୍ରାନ୍ତି ସମୟରେ ପଞ୍ଜାବରେ କେଉଁ ପର୍ବ ପାଳନ କରାଯାଏ ?

(କ) ଗରବା (ଖ) ଲୋହଡ଼ି (ଗ) ପୋଙ୍ଗଲ୍ (ଘ) ଭାଙ୍ଗଡ଼ା

## (୧୫) ଭୂଗୋଳ

୧ ମିଳିତ ଜାତିସଂଘ କେଉଁ ବର୍ଷକୁ ଇଣ୍ଟର ନ୍ୟାସନାଲ୍ ଇୟର ଅଫ୍ ରାଇସ୍ ବୋଲି ଘୋଷଣା କରିଥିଲା ?

(କ)୨୦୦୧ (ଖ)୨୦୦୨

(ଗ)୨୦୦୩ (ଘ) ୨୦୦୪

୨. ଭାରତର ରେଡ୍ ରିଭୋଲୁସନ୍ କେଉଁ ଖାଦ୍ୟ ସହ ସଂପୃକ୍ତ ?

(କ) ମାଂସ ଓ ଟମାଟୋ (ଖ)ମାଛ ଓ ଟମାଟୋ

(ଗ) ମାଂସ ଓ ମାଛ (ଘ)କୌଣସିଟି ନୁହେଁ

୩. ବିଶ୍ୱ ଜଳ ଦିବସ କେଉଁଦିନ ପାଳନ କରାଯାଇଥାଏ ?

(କ)୧ ଡିସେମ୍ବର (ଖ) ୧୪ ନଭେମ୍ବର

(ଗ) ୨୨ ମାର୍ଚ୍ଚ (ଘ) ୨ଅକ୍ଟୋବର

୪. ଟେଡା କାହାର ଏକ ବ୍ରାଣ୍ଡ ନାମ ଅଟେ ?

(କ)ଗାଈ (ଖ) ଛେଳି

(ଗ) ମେଣ୍ଢା (ଘ) ମଇଁଷି

୫. ଡିସେମ୍ବର ମାସରେ କଉଁ ସ୍ଥାନରେ ଅଧିକ ସୂର୍ଯ୍ୟ ରଶ୍ମି ମିଳିବ ?

(କ) କନ୍ୟା କୁମାରୀ (ଖ) ପୁନେ

(ଗ)କୋଲକତା (ଘ) ଲେହ

୬. କପାରକ୍ଷ ପାଇଁ କଳାମାଟି ବିଶେଷ ଦରକାର କାରଣ –

(କ) ମାଟି କଳା ଦେଖାଯାଏ (ଖ)କଳାମାଟି ଜଳ ସଂରକ୍ଷଣ କରିଥାଏ

(ଗ) କଳାମାଟି ଲାର୍ଭାରୁ ସୃଷ୍ଟି (ଘ) କୌଣସିଟି ନୁହେଁ

୭. ଭାରତର କେଉଁ ରାଜ୍ୟର କ୍ଷେତ୍ରଫଳ ଅଧିକ ଅଟେ ?

(କ)ଆନ୍ଧ୍ର ପ୍ରଦେଶ (ଖ)ମଧ୍ୟ ପ୍ରଦେଶ

(ଗ)ଉତ୍ତର ପ୍ରଦେଶ (ଘ)ଛତିଶଗଡ

୮. ଭାରତରେ କେଉଁ ମରୁଭୂମୀ ଅଛି ?

(କ) ଅଟାକଟା (ଖ)ଥର୍

(ଗ) କାରାକୁମା (ଘ)ସାହାରା

୯. କେଉଁଟି ଏକ ଆଗ୍ନେୟଗିରୀ ନୁହେଁ?

(କ) ଏଟନା (ସିସିଲି) (ଖ)ବେକର (କାମକେଡି)

(ଗ) ଲପର୍ବତ (ହାୱାଇ) (ଘ)କୁଏବେକ (କାନାଡା)

୧୦. ଆଣ୍ଡାମାନ ଗ୍ରୁପ୍ ଅଫ୍ ଆଇଲାଣ୍ଡରେ କେତୋଟି ଆଇଲାଣ୍ଡ ଅଛି ?

(କ) ୫୦ (ଖ)୧୦୦

(ଗ)୧୫୦ (ଘ)୨୦୦

**ଉତ୍ତର**

୧. (ଗ) କୋଙ୍କଣୀ, ୨. (କ) ଅହମିଆ, ୩. (ଘ) ମାଲୟାଲମ, ୪. (ଖ) ୧୧ଜଣ, ୫. (କ) ରାମଚନ୍ଦ୍ର ବେହେରା, ୬. (ଗ) ୯୪ତମ, ୭. (କ) ଗାନ୍ଧୀ, ୮. (ଖ) ସତ୍ୟଜିତ ରାୟ, ୯. (ଗ) ଭୋଗାଲି ବିହୁ, ୧୦. (ଖ) ଲୋହଡ଼ି

**୧. (ଘ) ୨୦୦୪ ୨. (କ) ମାଂସ ଓ ଟମାଟୋ ୩. (ଗ) ୨୨ ମାର୍ଚ୍ଚ ୪. (ଘ) ମଇଁଷି, ୫. (କ) କନ୍ୟା କୁମାରୀ ୬. (ଖ) କଳାମାଟି ଜଳ ସଂରକ୍ଷଣ କରିଥାଏ ୭. (ଖ) ମଧ୍ୟ ପ୍ରଦେଶ ୮. (ଖ) ଥର୍, ୯. (ଘ) କୁଏବେକ(କାନାଡା) ୧୦. (ଘ) ୨୦୦**



ଯେଉଁଲୋକ ସବୁବେଳେ କେବଳ ନିରାଶାର ବାଣୀ ଶୁଣାଏ ତା'ଠାରୁ ବଳି ହତଭାଗ୍ୟ ଆଉ କେହିନାହିଁ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଜିଲ୍ଲା ବିଚାରମଂଚର କାର୍ଯ୍ୟ କ'ଣ ?
(କ) ଆଇନ ପ୍ରଣୟନ (ଖ) ଖାଉଟି ସୁରକ୍ଷା
(ଗ) ସାଧାରଣ ବଣ୍ଟନ (ଘ) ଶାନ୍ତିଶୃଙ୍ଖଳା

୨. ଆମ ଦେଶରେ ଜାତୀୟ ଉପଭୋକ୍ତା ଦିବସ କେବେ ପାଳନ କରାଯାଏ ?
(କ) ଜାନୁଆରୀ ୨୬ (ଖ) ମାର୍ଚ୍ଚ ୧୫
(ଗ) ନଭେମ୍ବର ୧୪ (ଘ) ଡିସେମ୍ବର ୨୪

୩. କେଉଁ ନିର୍ବାଚନ ରାଜ୍ୟ ନିର୍ବାଚନ ଆୟୋଗ ପରିଚାଳନା କରୁନାହିଁ?
(କ) ରାଜ୍ୟବିଧାନସଭା (ଖ) ପୌରପାଳିକା
(ଗ) ଗ୍ରାମପଞ୍ଚାୟତ (ଘ) ଜିଲ୍ଲାପରିଷଦ

୪. ରାଜ୍ୟମନ୍ତ୍ରୀମଣ୍ଡଳ ତା'ର କାର୍ଯ୍ୟକଳାପ ପାଇଁ କାହା ନିକଟରେ ଉତ୍ତରଦାୟୀ ?
(କ) ରାଷ୍ଟ୍ରପତି (ଖ) ଲୋକସଭା
(ଗ) ରାଜ୍ୟସଭା (ଘ) ବିଧାନସଭା

୫. କେଉଁ ରାଜ୍ୟଟି ଆଦୌ ବିଭାଜିତ ହୋଇନାହିଁ ?
(କ) ବିହାର (ଖ) ମଧ୍ୟପ୍ରଦେଶ
(ଗ) ଉତ୍ତରପ୍ରଦେଶ (ଘ) ରାଜସ୍ଥାନ

୬. ଗୋଆରେ କେଉଁ ବର୍ଷ ସାଧାରଣ ନିର୍ବାଚନ କରାଯାଇଥିଲା ?
(କ) ୧୯୬୦ (ଖ) ୧୯୬୧
(ଗ) ୧୯୬୨ (ଘ) ୧୯୬୩

୭. ମିଶ୍ରଣ ପୂର୍ବରୁ ଓଡ଼ିଶାରେ ଗଡ଼ଜାତ ସଂଖ୍ୟା କେତେ ଥିଲା ?
(କ) ୨୪ (ଖ) ୨୫
(ଗ) ୨୬ (ଘ) ୨୭

୮. କେଉଁ ମସିହାରେ ଓରିସା ବଦଳରେ "ଓଡ଼ିଶା" ହେଲା ?
(କ) ୨୦୦୯ (ଖ) ୨୦୧୦
(ଗ) ୨୦୧୧ (ଘ) ୨୦୧୨

୯. କିଏ ସମାଜବାଦୀ ଦଳର ନେତା ନଥିଲେ ?
(କ) ଜୟପ୍ରକାଶ ନାରାୟଣ (ଖ) ରାମ ମନୋହର ଲୋହିଆ
(ଗ) ସୁଭାଷ ଚନ୍ଦ୍ର ବୋଷ (ଘ) ଅରୁଣ ଆସଫ୍ ଅଲ୍ଲୀ

୧୦. କଂଗ୍ରେସର ମୁମ୍ବାଇ ଅଧିବେଶନରେ ଓଡ଼ିଶାରୁ କେଉଁ ନେତା ଯୋଗ ଦେଇନଥିଲେ ?
(କ) ଗୋପବନ୍ଧୁ ଦାସ (ଖ) ହରେକୃଷ୍ଣ ମହତାବ
(ଗ) ସୁଭଦ୍ରା ମହତାବ (ଘ) ସୁରେନ୍ଦ୍ରନାଥ ଦ୍ୱିବେଦୀ

## (୧୭) କମ୍ପ୍ୟୁଟର ଶିକ୍ଷା

୧. କୌଣସି ଏକ ଡକୁମେଣ୍ଟକୁ ପ୍ରିଣ୍ଟ କରିବାକୁ ହେଲେ, __________ କୁ ପ୍ରେସ୍ କରି ଏଣ୍ଟର (Enter) କୁ ପ୍ରେସ୍ କରାଯାଇଥାଏ ।
(କ) Shift + P (ଖ) Ctrl + P (ଗ) Alt + P (ଘ) Esc + P

୨. ମେନୁ (Menu) _________ ଏକ ତାଲିକା (List) ଅଟେ ।
(କ) କମାଣ୍ଡସ୍ (ଖ) ଡାଟା (ଗ) ରିପୋର୍ଟ (ଘ) ଅବ୍‌ଜେକ୍ଟସ୍

୩. ସେଭ୍ (Save) ଏବଂ ସେଭ ଆଜ୍ (Save as) କୁ ଯିବାକୁ ହେଲେ ନିମ୍ନରୁ କେଉଁଟିର ଆବଶ୍ୟକତା ଅଛି ?
(କ) ଟୁଲସ୍ (Tools) (ଖ) ଫାଇଲ୍ (File)
(ଗ) ଫରମାଟ୍ (Format) (ଘ) ଏଡିଟ୍ (Edit)

୪. ପାୱାର ପଏଣ୍ଟରେ (Power Points) ସମୁଦାୟ କେତୋଟି ବଟନସ୍ (Bottons) ଅଛି ?
(କ) ୧୨ (ଖ) ୧୫ (ଗ) ୧୬ (ଘ) ୧୮

୫. ପୃଥିବୀର ପ୍ରାୟ ଲକ୍ଷ ଲକ୍ଷ ଲୋକଙ୍କୁ ନିମ୍ନରୁ କେଉଁଟି ଏକ ସଂଗରେ ଏକ ସମୟରେ ବାନ୍ଧି ରଖିଥାଏ ?
(କ) ଲାନ୍ (ଖ) ୱେବ୍(ଗ) ଇଣ୍ଟରନେଟ୍ (ଘ) ହାଇପର୍ ଟେକ୍ସଟ୍

୬. କୌଣସି ବ୍ୟାଙ୍କର ଚେକ୍ କ୍ଲିଅରାନ୍ସ ପାଇଁ ଗଉଉଜ ମାଧ୍ୟମଟି କ'ଣ ?
(କ) ମ୍ୟାଗ୍ନେଟିକ୍ ଇଙ୍କ୍ କ୍ୟାରେକ୍ଟର ରିଡର
(ଖ) ମ୍ୟାଗ୍ନେଟିକ୍ ଇନ୍‌ଫରମେସନ୍ କ୍ୟାରେକ୍ଟର ରିକଗ୍‌ନିଜେସନ୍
(ଗ) ମ୍ୟାଗ୍ନେଟିକ୍ ଇନ୍‌ଫରମେସନ୍ କେବୁଲ୍ ରିକଗ୍‌ନିଜେସନ୍
(ଘ) ମ୍ୟାଗ୍ନେଟିକ୍ ଇନ୍‌ସୁରାନ୍ସ କେସେସ୍ ରିକଗ୍‌ନିଜେସନ୍

୭. ଗୋଟିଏ ପାରାଗ୍ରାଫ୍‌କୁ ଅନ୍ୟ ଗୋଟିଏ ସ୍ଥାନରେ କିଛି ପରିବର୍ତ୍ତନ ନକରି କିପରି ରଖାଯାଇପାରିବ ?
(କ) ରୋଟେଟ୍ (Rotate) (ଖ) କପି-ପେଷ୍ଟ (Copy-Paste)
(ଗ) ଡିଲିଟ୍ (Delete) (ଘ) ମୁଭ୍ (Move)

୮. ଗୋଟିଏ ଏକ୍ସେଲ୍ ୱାର୍କ ସିଟ୍ (Excel Worksheet) ରେ ସମୁଦାୟ କେତୋଟି କଲମ (Column) ଅଛି ?
(କ) ୨୫୫ (ଖ)୨୫୬ (ଗ) ୨୫୭ (ଘ) ୨୫୮

୯. ଏମ୍.ଏସ୍.ପାୱାର ପଏଣ୍ଟ (MS Powerpoint) ରେ ଜୁମ୍ (Zoom) ଅଧିକ କେତେ ଶତକଡା କରାଯାଇପାରିବ ?
(କ) ୧୦୦% (ଖ) ୨୦୦% (ଗ) ୪୦୦% (ଘ) ୫୦୦%

୧୦. ୱେବ୍ ସାଇଟ୍ (Website) ରେ ସାଧାରଣତଃ ଯେଉଁ ପ୍ରଥମ ପେଜକୁ ଦେଖାଯାଇଥାଏ ତା'କୁ କ'ଣ କୁହାଯାଏ ?
(କ) ହୋମ୍ ପେଜ୍ (ଖ) ଫାଷ୍ଟ ପେଜ୍
(ଗ) ମାଷ୍ଟର ପେଜ୍ (ଘ) ବାନର ପେଜ୍

**ଉତ୍ତର**

୧. (ଖ) ଖାଉଟି ସୁରକ୍ଷା, ୨. (ଘ) ଡିସେମ୍ବର ୨୪, ୩. (କ) ରାଜ୍ୟ ବିଧାନସଭା, ୪. (ଘ) ବିଧାନସଭା, ୫.(ଘ) ରାଜସ୍ଥାନ, ୬. (ଘ) ୧୯୬୩, ୭. (ଗ) ୨୬, ୮. (ଗ) ୨୦୧୧, ୯.(ଗ) ସୁଭାଷ ଚନ୍ଦ୍ର ବୋଷ, ୧୦.(ଘ) ସୁରେନ୍ଦ୍ରନାଥ ଦ୍ୱିବେଦୀ।

୧.(ଖ) Ctrl + P ୨.(କ) କମାଣ୍ଡସ୍
୩.(ଖ) ଫାଇଲ୍ ୪.(ଖ) ୧୫
୫.(ଗ) ଇଣ୍ଟରନେଟ୍ ୬.(କ) ମ୍ୟାଗ୍ନେଟିକ୍ ଇଙ୍କ୍ କ୍ୟାରେକ୍ଟର ରିଡର
୭.(ଖ) କପି-ପେଷ୍ଟ ୮.(ଖ)୨୫୬
୯. (ଗ) ୪୦୦% ୧୦.(କ) ହୋମ୍ ପେଜ୍



ବିବେକ ମନୁଷ୍ୟକୁ ଯେତେ ଉପରକୁ ଉଠାଇଥାଏ, ନିଶା ତାକୁ ସେତିକି ତଳକୁ ଖସାଇଦିଏ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଦୁଇଟି ସଂଖ୍ୟାର ଅନୁପାତ ୩:୪ । ସେମାନଙ୍କର ଗରିଷ୍ଠ ସାଧାରଣ ଗୁଣନିୟକ ୪ ହେଲେ, ସେମାନଙ୍କର ଲଘିଷ୍ଠ ସାଧାରଣ ଗୁଣିତକ କେତେ ?
(କ) ୧୨ (ଖ) ୧୬ (ଗ) ୨୪ (ଘ) ୪୮

୨. ୦.୦୧୪ ଘ ୦.୦୧୪ = ?
(କ) ୦.୦୦୦୧୯୬ (ଖ) ୦.୦୦୧୯୬
(ଗ) ୧୯.୦୬ (ଘ) ୧୯୬

୩. ୧୮୦ ଘ ୧୫ - ୧୨ ଘ ୨୦ =?
୧୪୦ ଘ ୮ + ୨ ଘ ୫୫
(କ) ୧/୭ (ଖ) ୪/୫ (ଗ) ୨ (ଘ) ୪

୪. ପ୍ରଥମ ୫୦ ଟି ଗଣନ ସଂଖ୍ୟା (Natural number) ହାରାହାରି କେତେ ?
(କ) ୧୨.୨୫ (ଖ) ୨୧.୨୫ (ଗ) ୨୫ (ଘ) ୨୫.୫

୫. ସାତୋଟି କ୍ରମିକ ସଂଖ୍ୟାର ହାରାହାରି ୨୦ ହେଲେ, ସେମାନଙ୍କ ମଧ୍ୟରେ ବଡ ସଂଖ୍ୟାଟି କେତେ ?
(କ) ୨୦ (ଖ) ୨୨ (ଗ) ୨୩ (ଘ) ୨୪

୬. ଦୁଇଟି ସଂଖ୍ୟାର ଯୋଗଫଳ ୨୫ ଏବଂ ବିୟୋଗଫଳ ୧୩ ହେଲେ ସେମାନଙ୍କର ଗୁଣଫଳ କେତେ ?
(କ) ୧୦୪ (ଖ) ୧୧୪ (ଗ) ୩୧୫ (ଘ) ୩୨୫

୭. ୪୯ ଘ ୪୯ ଘ ୪୯ ଘ ୪୯ = (୭)?
(କ) ୪ (ଖ) ୭ (ଗ) ୮ (ଘ) ୧୬

୮. ଗୋଟିଏ ସଂଖ୍ୟାର ୨୦%, ୧୨୦ ହେଲେ ସେହି ସଂଖ୍ୟାର ୧୨୦% କେତେ ?
(କ) ୨୦ (ଖ) ୧୨୦ (ଗ) ୩୬୦ (ଘ) ୭୨୦

୯. ଯଦି ୫୦ ଜିନିଷର ବିକ୍ରୟ ମୂଲ୍ୟ, ୪୦ ଜିନିଷର କ୍ରୟ ମୂଲ୍ୟ ସହ ସମାନ ହୁଏ, ତେବେ କେତେ ଶତକଡା ଲାଭ ବାକ୍ଷତି ହେବ?
(କ) ୨୦% କ୍ଷତି (ଖ) ୨୫% କ୍ଷତି
(ଗ) ୨୦% ଲାଭ (ଘ) ୨୫% ଲାଭ

୧୦. ଯଦି ୭ ଜଣ ଲୋକ ୭ ଦିନରେ ୭ଟି ଲୁଗା ବୁଣନ୍ତି, ତେବେ ଜଣେ ଲୋକ କେତେ ଦିନରେ ଗୋଟିଏ ଲୁଗା ବୁଣିବ ?
(କ) ୧ (ଖ) ୭ (ଗ) ୭/୨ (ଘ) ୪୯

## (୧୯) ସାଧାରଣ ବିଜ୍ଞାନ

୧. ନ୍ୟୁକ୍ଲୀୟ ରିଆକ୍ଟରରେ ଖୋଳ ବା ପଲସ୍ତରା (Clad) ଭାବରେ ମୁଖ୍ୟତଃ କେଉଁ ପଦାର୍ଥ ବ୍ୟବହାର କରାଯାଏ ?
(କ) କଳଙ୍କବିହୀନ ଇସ୍ପାତ (ଖ) ଆଲୁମିନିୟମ୍
(ଗ) ବୋରନ୍ (ଘ) ଜିର କାଲଏ

୨. ଆମ ଦେଶର କେଉଁଠାରେ ପରିବର୍ତ୍ତନଶୀଳ ସାଇକ୍ଲୋଟ୍ରନ (Variable Energy Cyclotron) ଅବସ୍ଥିତ?
(କ) କୋଲକାତା (ଖ) ଚେନ୍ନାଇ
(ଗ) ମୁମ୍ବାଇ (ଘ) ଦିଲ୍ଲୀ

୩. ନିମ୍ନକଣିକାଗୁଡ଼ିକ ମଧ୍ୟରେ ସବୁଠାରୁ ହାଲୁକା କେଉଁଟି ?
(କ) ପ୍ରୋଟନ୍ (ଖ) ନିଉଟ୍ରନ୍
(ଗ) ଆଲଫା (ଘ) ଇଲେକ୍ଟ୍ରନ୍

୪. କ୍ୟାଥୋଡ୍ ରଶ୍ମିରେ ଥିବା କଣିକାର ଋର୍ଜ କେଉଁ କଣିକାର ଋର୍ଜ ସହିତ ସମାନ?
(କ) ଇଲେକ୍ଟ୍ରନ (ଖ) ପ୍ରୋଟନ୍
(ଗ) ନିଉଟ୍ରନ୍ (ଘ) ପଜିଟ୍ରନ୍

୫. କ୍ୟାଥୋଡ୍ ରଶ୍ମି ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ରରେ କ'ଣ କରିଥାଏ?
(କ) ବିକ୍ଷେପିତ ହୁଏନାହିଁ (ଖ) ବିକ୍ଷେପିତ ହୁଏ
(ଗ) ଅଧିକ ବେଗରେ ଗତିକରେ (ଘ) କମ୍ ବେଗରେ ଗତିକରେ

୬. ଆଲୋକ ତରଙ୍ଗର ପ୍ରକୃତି ନିମ୍ନଲିଖିତ କେଉଁ ରଶ୍ମିର ପ୍ରକୃତି ସହ ସମାନ ଅଟେ ?
(କ) ଆଲଫା ରଶ୍ମି (ଖ) କ୍ୟାଥୋଡ୍ ରଶ୍ମି
(ଗ) ଗାମା ରଶ୍ମି (ଘ) ମହାଜାଗତିକ ରଶ୍ମି

୭. ଅତି ପରିବାହିତା ସଂପର୍କରେ ପ୍ରଥମେ କିଏ ଧାରଣା ଦେଇଥିଲେ?
(କ) ଲାଙ୍ଗୁସିଅର (ଖ) କାମରଲିଓଲସ୍
(ଗ) ଇଫ୍ନେନ୍ସ (ଘ) ଏମ୍ ପର୍ଲ

୮. କ୍ୱାଣ୍ଟମ୍ ତତ୍ତ୍ୱର ଜନକ କିଏ ?
(କ) ଅଣ୍ଡରସନ୍ (ଖ) ଜେ.ଜେ. ଥମ୍ସନ୍
(ଗ) ମାକ୍ସ ପ୍ଲାଙ୍କ (ଘ) ଯୁକୁଫ୍ୱା

୯. କେଉଁ ବୈଜ୍ଞାନିକ ଶନିଗ୍ରହର ବଳୟ ପ୍ରଥମେ ଆବିଷ୍କାର କରିଥିଲେ?
(କ) ଗାଲିଲିଓ (ଖ) ରବର୍ଟ ହୁକ୍
(ଗ) ଏଡ୍‌ୱିନ୍ ହବଲ (ଘ) ଖ୍ରୀଷ୍ଟିଆନ ହାଇଜେନ୍ସ

୧୦. ଖଣି ନିରାପତ୍ତା ବତି କିଏ ଉଦ୍ଭାବନ କରିଥିଲେ ?
(କ) ଜର୍ଜ ଷ୍ଟିଫେନ୍ ସନ୍ (ଖ) ସାର ହମ୍ଫ୍ରେଡାଲି
(ଗ) ଜୋହାନ୍ ମାଇକେଲ (ଘ) ଫ୍ୱିଲିୟମ୍ ଷ୍ଟରଜେନ

### ଉତ୍ତର

୧. (ଘ) ୪୮ | ୨. (କ) ୦.୦୦୦୧୯୬
୩. (ଗ) ୨ | ୪. (ଘ) ୨୫.୫
୫. (ଗ) ୨୩ | ୬. (ଖ) ୧୧୪
୭. (ଗ) ୮ | ୮. (ଘ) ୭୨୦
୯. (କ) ୨୦% କ୍ଷତି | ୧୦.(ଖ) ୭

୧.(ଘ) ଜିର କାଲଏ, ୨.(କ) କୋଲକାତା, ୩.(ଘ) ଇଲେକ୍ଟ୍ରନ୍, ୪.(କ) ଇଲେକ୍ଟ୍ରନ, ୫.(ଖ) ବିକ୍ଷେପିତ ହୁଏ, ୬.(ଘ) ମହାଜାଗତିକ ରଶ୍ମି, ୭.(ଖ) କାମରଲିଓଲସ୍, ୮.(ଗ) ମାକ୍ସ ପ୍ଲାଙ୍କ, ୯.(ଘ) ଖ୍ରୀଷ୍ଟିଆନ ହାଇଜେନ୍ସ,୧୦.(ଖ) ସାର ହମ୍ଫ୍ରେଡାଲି ।



ଜଣେ ତୁମର ନିନ୍ଦା କରୁଥିବାବେଳେ ନୀରବତା ହେଉଚି ତୁମର ଶ୍ରେଷ୍ଠ ବନ୍ଧୁ।

## (୨୦) ଜିଲ୍ଲା

| | |
|---|---|
| ୧. ଜିଲ୍ଲାର ନାମ | - **ନବରଙ୍ଗପୁର** |
| ୨. ଗଠନ | - **୨ ଅକ୍ଟୋବର, ୧୯୯୨** |
| ୩. କ୍ଷେତ୍ରଫଳ | - **୫୨୯୪ ବର୍ଗ.କି.ମି** |
| ୪. ଜନସଂଖ୍ୟା | - **୧୨୧୮୭୬୨** |
| (କ) ପୁରୁଷ | - **୬୦୪୦୪୬** |
| (ଖ) ମହିଳା | - **୬୧୪୭୧୬** |
| ୫. ଉପଖଣ୍ଡ | - **୦୧** |

୬. ତହସିଲ - **୧୦ (ନବରଙ୍ଗପୁର ସଦର, ରାଇଘର, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ପାପଡ଼ାହାଣ୍ଡି, ଝରିଗାଁ, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ନନ୍ଧାହାଣ୍ଡି)**

୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - **୧୦ (ନବରଙ୍ଗପୁର ସଦର, ରାଇଘର, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ପାପଡ଼ାହାଣ୍ଡି, ଝରିଗାଁ, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ନନ୍ଧାହାଣ୍ଡି)**

| | |
|---|---|
| ୮. ଗ୍ରାମ ପଞ୍ଚାୟତ | - **୧୬୯** |
| ୯. ଗ୍ରାମ | - **୮୯୧** |
| ୧୦.ଥାନା | - **୧୩** |
| ୧୧.ପୌରସଂସ୍ଥା (ମ୍ୟୁନିସିପାଲିଟି) | - **୦୧** |
| ୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) | - **୦୧** |

୧୩.ବିଧାନ ସଭା ନିର୍ବାଚନ ମଣ୍ଡଳୀ - **୭୩. ଉମରକୋଟ (ST), ୭୪. ଝରିଗମ (ST), ୭୫. ନବରଙ୍ଗପୁର (ST), ୭୬. ଦେବୁଗମ (ST)**

| | |
|---|---|
| ୧୪.ଶିଶୁ ଜନସଂଖ୍ୟା (୦-୬ ବର୍ଷ) | - **୨୦୧୯୦୧ (୯୮୮)** |
| ୧୫.ସାକ୍ଷରତା ହାର | - **୪୮.୨୦%** |
| ୧୬.ପୁରୁଷ ସାକ୍ଷରତା ହାର | - **୫୯.୪୫%** |
| ୧୭.ମହିଳା ସାକ୍ଷରତା ହାର | - **୩୭.୨୨%** |
| ୧୮.ଜନସଂଖ୍ୟା ବୃଦ୍ଧି ହାର | - **୧୮.୮୧%** |
| ୧୯.ଜନସଂଖ୍ୟା ଘନତ୍ୱ | - **୨୩୦ / ବର୍ଗ କି.ମି** |
| ୨୦.୧୦୦୦ପୁରୁଷରେ ମହିଳା ସଂଖ୍ୟା | - **୧୦୧୮** |
| ୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ | - **୬୨** |
| ୨୨. ନିଆଁଲିଭା କେନ୍ଦ୍ର | - **୩** |
| ୨୩.ଲୋକସଭା ଆସନ ସଂଖ୍ୟା | - **୧** |
| ୨୪ ଜଙ୍ଗଲ ଜମି | - **୧୫୮୩.୪ ବର୍ଗ କି.ମି** |
| ୨୫.ହାରାହାରି ତାପମାତ୍ରା | - **ସର୍ବନିମ୍ନ ୮.୮୦° ସର୍ବୋଚ୍ଚ ୪୨.୨୦°** |
| ୨୬.ସାଧାରଣ ବୃଷ୍ଟିପାତ | - **୧୫୬୯.୫ ମି.ମି.** |
| ୨୭.ମୋଟର ଯାନ ପଞ୍ଜିକୃତ କୋଡ଼ | - **OD ୨୪** |
| ୨୮.ପର୍ଯ୍ୟଟନସ୍ଥଳୀ | - **ନବରଙ୍ଗପୁର, କେଲିଆ, ପାପଡ଼ାହାଣ୍ଡି, ପୋଡ଼ାଘର, ଉମରକୋଟ** |

## ଜାନୁଆରୀ,୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୦୧. | ଘ. ୬.୨୫ | ଘ. ୫.୧୫ |
| ୧୦. | ଘ. ୬.୨୭ | ଘ. ୫.୨୦ |
| ୨୦. | ଘ. ୬.୨୮ | ଘ. ୫.୨୭ |
| ୩୧. | ଘ. ୬.୨୬ | ଘ. ୫.୩୪ |

## ଫେବ୍ରୁଆରୀ,୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୦୧. | ଘ. ୬.୨୫ | ଘ. ୫.୩୪ |
| ୧୦. | ଘ. ୬.୨୨ | ଘ. ୫.୩୯ |
| ୨୦. | ଘ. ୬.୧୬ | ଘ. ୫.୪୪ |
| ୩୧. | ଘ. ୬.୧୧ | ଘ. ୫.୪୭ |

## ପର୍ବପର୍ବାଣୀ

### ଜାନୁଆରୀ

ତା୦୧. ଇଂରାଜୀ ନୂତନ ବର୍ଷ ଆରମ୍ଭ, ଶିବ ଚତୁର୍ଦ୍ଦଶୀ ଉପବାସ
ତା୦୨. ବକୁଳ ଅମାବାସ୍ୟା, ଶ୍ରୀଜିଉଙ୍କ ବକୁଳ ଲାଗି
ତା୦୩. ଶରଣ ଆରମ୍ଭ
ତା୦୭. ଶରଣ ଶେଷ
ତା୦୮. ବରଗଡ଼ରେ ଧନୁଯାତ୍ରାରମ୍ଭ
ତା୧୨. ଶାମ୍ବ ଦଶମୀ,
ତା୧୩. ପୁତ୍ରଦା ଏକାଦଶୀ, ମାସାନ୍ତ, ଭୋଗୀ ଲକ୍ଷ୍ମୀନାରାୟଣ ବ୍ରତ
ତା୧୪. ମକର ସଂକ୍ରାନ୍ତି , ମକାର ମେଳା,ପୋଙ୍ଗଲ
ତା୧୬. ଶିବ ଚତୁର୍ଦ୍ଦଶୀ ଉପବାସ
ତା୧୭. ପୌଷ ପୂର୍ଣ୍ଣିମା, ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ
ତା୧୮. ମାଘ ବ୍ରତାରମ୍ଭ, ପୁଷ୍ୟାଭିଷେକ
ତା୨୮. ଷଟତିଳା ଏକାଦଶୀ (ସ୍ମା) ଓଳାଶୁଣୀ ମେଳା
ତା୨୯. ବୈଷ୍ଣବସମ୍ମତ ଏକାଦଶୀ
ତା୩୦. ଶିବ ଚତୁର୍ଦ୍ଦଶୀ ଉପବାସ, ଶରଣ ଆରମ୍ଭ
ତା୩୧. ରଟନ୍ତି ଚତୁର୍ଦ୍ଦଶୀ ସ୍ନାନ

### ଫେବ୍ରୁଆରୀ

ତା୦୧. ତ୍ରିବେଣୀ ଅମାବାସ୍ୟା, ଶ୍ରୀବିରଜାଦେବୀଙ୍କ ଜନ୍ମୋତ୍ସବ, ଅଭିରାମ ପରମହଂସଙ୍କ ଜୟନ୍ତୀ
ତା୦୨. ଶ୍ରୀଜୀଉଙ୍କ ପଦ୍ମମୁଖ ବେଶ
ତା୦୪. ଶରଣ ଶେଷ
ତା୦୫. ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରେ ବସନ୍ତ ପଞ୍ଚମୀ, ରଥକାଠ ଅନୁକୂଳ ଓ ପୂଜା
ତା୦୭. ତିଳସପ୍ତମୀ, ମାଘ ସପ୍ତମୀ, କୋଣାର୍କ ଚନ୍ଦ୍ରଭାଗା ସ୍ନାନ
ତା୦୮. ଭୀଷ୍ମାଷ୍ଟମୀ ଶ୍ରାଦ୍ଧ ଓ ତର୍ପଣ
ତା୧୨. ଭୈମୀ ଏକାଦଶୀ, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ମାସାନ୍ତ
ତା୧୩. କୁମ୍ଭ ସଂକ୍ରାନ୍ତି, ସର୍ବସମ୍ମତ ବରାହ ଦ୍ୱାଦଶୀ, ଗୁର୍ବାଦିତ୍ୟ ଅଶୁଦ୍ଧକାଳ ଆରମ୍ଭ
ତା୧୪. ନିତ୍ୟାନନ୍ଦ ପ୍ରଭୁଙ୍କ ଜନ୍ମୋତ୍ସବ
ତା୧୫. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା, ଯୋରନ୍ଦା ମେଳା
ତା୧୬. ମାଘ ପୂର୍ଣ୍ଣିମା, ଅଗ୍ନି ଉତ୍ସବ, ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ, ଶ୍ରୀଜିଉଙ୍କ ଗଜଉଦ୍ଧାରଣ ବେଶ
ତା୨୬. ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ
ତା୨୭. ପଙ୍କୋଦ୍ଧାର ଏକାଦଶୀ, ଶରଣ ଆରମ୍ଭ

## ବିଭିନ୍ନ ଦିବସ ପାଳନ

### ଜାନୁଆରୀ

ତା୦୧ - ବିଶ୍ୱ ପରିବାର ଦିବସ, ବିଶ୍ୱ ଶାନ୍ତି ଦିବସ
ତା୦୨ - ପଠାଣି ସାମନ୍ତଙ୍କ ଜୟନ୍ତୀ
ତା୦୩ - ନିରବତା ଦିବସ
ତା୦୯ - ପ୍ରବାସୀ ଭାରତୀୟ ଦିବସ
ତା୧୦ - ବିଶ୍ୱ ହସ ଦିବସ
ତା୧୨ - ବିବେକାନନ୍ଦ ଜୟନ୍ତୀ, ଜାତୀୟ ଯୁବ ଦିବସ
ତା୧୪- ବ୍ୟାସକବି ଫକୀରମୋହନ ଜୟନ୍ତୀ
ତା୧୫ - ଆର୍ମି ଦିବସ
ତା୨୩ - ନେତାଜୀ ସୁଭାଷ ଜୟନ୍ତୀ
ତା୨୫ - ଜାତୀୟ ଭୋଟର ଦିବସ, ପର୍ଯ୍ୟଟନ ଦିବସ
ତା୨୬ - ସାଧାରଣତନ୍ତ୍ର ଦିବସ
ତା୨୭ - ଅଭିରାମ ପରମହଂସ ଜୟନ୍ତୀ
ତା୨୮ - ଲାଲା ଲାଜପତ୍ ରାୟ ଜୟନ୍ତୀ
ତା୩୦ - ସହିଦ ଦିବସ, ମହାତ୍ମାଗାନ୍ଧୀ ତିରୋଧାନ ଦିବସ

### ଫେବ୍ରୁଆରୀ

ତା୦୧ - ସୀମା ସୁରକ୍ଷା ଦିବସ
ତା୦୨ - ବିଶ୍ୱ ଆର୍ଦ୍ରତା ଦିବସ,
ତା୦୪ - ବିଶ୍ୱ କ୍ୟାନସର ଦିବସ,
ତା୦୬ - ଜାମ୍ମୁ-କାଶ୍ମୀର ଜାତୀୟ ଦିବସ
ତା୧୩ - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ
ତା୧୪ - ଭାଲେଣ୍ଟାଇନ୍ ଦିବସ,
ତା୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ,
ତା୨୧ - ଆନ୍ତର୍ଜାତିକ ମାତୃଭାଷା ଦିବସ,
ତା୨୨ - ଆନ୍ତର୍ଜାତିକ ସ୍କାଉଟ ଦିବସ,
ତା୨୪ - କେନ୍ଦ୍ରୀୟ ଅବକାରୀ ଦିବସ,
ତା୨୮ - ଜାତୀୟ ବିଜ୍ଞାନ ଦିବସ,



ଅନ୍ୟମାନଙ୍କୁ ସଙ୍ଗରେ ନେଇ ଚାଲିବାର ଦକ୍ଷତାର ଅନ୍ୟନାମ ହେଉଛି ନେତୃତ୍ୱ।


GSTIN :21AYGPS2863R1ZS
S.K.SUPPLIERS
Deals in - OFFICE STATIONERY & COMPUTER ACCESSORIES
S.K SUPPLIERS
S.K SUPPLIERS


୨୦୨୨ ଆପଣଙ୍କ ପାଇଁ ସୁଖ,ଶାନ୍ତି ଓ
ସମୃଦ୍ଧିର ବର୍ଷ ହେଉ।
HAPPY NEW YEAR
SAHAJOG HOSPITAL
Lane-6, Mangalanagar, Khordha
Email : sahajoghospital@gmail.com
Contact : 06755-221321, 9437421788, 9437271832, 9937331500
SAHAJOG HOSPITAL

Postal Regd. No. : PURI-33/2022-24

Volume-12 I Issue No.-7 I Monthly I January. 2022 I RNI Regn. No. - ODI/ODI/2010/350521 I Page-36

Rabindranath Khandualo : 9437114651
Adinarayan Khandualo : 9238592277
Murari Prasad Khandualo : 9861434666



SSA
ESTD-1971

# SRIRAM SALES AGENCY

Late Kasinath Khandualo (Founder)

**TIMBER MERCHANT & ORDER SUPPLIER**

ALL KINDS OF ROUND, SIZE WOOD, PLY, LAMINETS, HI-LAM, MDF, HARDWARE & FITTINGS, PAINTS, CHANNELS, WOODEN, BITTO, PIPES, READY MADE PLY, WOODEN & PVC DOORS ETC.

RAMACHANDRAPUR BAZAR
R.M.C. OFFICE SIDE
JATNI-752050 (Dist, Khordha), Odisha.

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From To.
AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057